MAY 05, 2026
TUESDAY, BHUBANESWAR

ମେ ୦୫, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 242 ବର୍ଷ- ୧ ● ସଂଖ୍ୟା- ୨୪୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ଆସାମ** (୧୨୬ / ୧୨୬)
ବିଜେପି-୧୦୨
ଟିଏମ୍‌ସି-୨୧
ଅନ୍ୟାନ୍ୟ ଦଳ-୦୩

**କେରଳମ୍** (୧୪୦ / ୧୩୭*)
ୟୁଡିଏଫ୍-୯୯
ଏଲ୍‌ଡିଏଫ୍-୩୫
ବିଜେପି-୦୩

**ପୁଡୁଚେରୀ** (୩୦ / ୩୦)
ଏନ୍‌ଆରସି-୧୮
କଂଗ୍ରେସ-୬
ଅନ୍ୟାନ୍ୟ ଦଳ-୬

**ତାମିଲନାଡୁ** (୨୩୪ / ୨୩୪)
ଟିଭିକେ-୧୦୭
ଡିଏମ୍‌କେ-୭୪
ଏଆଇଏଡିଏମ୍‌କେ-୫୩

**ପଶ୍ଚିମବଙ୍ଗ** (୨୯୪ / ୨୯୩*)
ବିଜେପି-୨୦୮
ଟିଏମ୍‌ସି-୭୯
ଅନ୍ୟାନ୍ୟ ଦଳ-୦୬



# ପଶ୍ଚିମବଙ୍ଗରେ ନୂଆ ଯୁଗ ଆରମ୍ଭ: ମୋଦୀ

**ପଶ୍ଚିମବଙ୍ଗର ଜନତା ସପ୍ନକୁ ସଫଳ କରିବା ପାଇଁ ସୁଯୋଗ ଦେଇଛନ୍ତି: ମୋଦୀ**

**ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁବେଳେ ମନେ ରହିବ**

ନୂଆଦିଲ୍ଲୀ,୪।୫: ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀସ୍ଥିତ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟାଳୟରୁ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଛନ୍ତି। ପଶ୍ଚିମବଙ୍ଗରେ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କହିଛନ୍ତି। ସେ କହିଛନ୍ତି ଏହି ଜନାଦେଶ କେବଳ କ୍ଷମତା ପରିବର୍ତ୍ତନ ନୁହେଁ, ବରଂ ଭୟମୁକ୍ତ ଏବଂ ବିକାଶ ଆଧାରିତ ପଶ୍ଚିମବଙ୍ଗ ଆଡକୁ ବର୍ଦ୍ଧିତ ନିର୍ଣ୍ଣାୟକ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡା. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ସପ୍ନକୁ ମନେପକାଇ କହିଛନ୍ତି, ଆଜି ପଶ୍ଚିମବଙ୍ଗର ଜନତା ସପ୍ନକୁ ସଫଳ କରିବା ପାଇଁ ସୁଯୋଗ ଦେଇଛନ୍ତି। ପଶ୍ଚିମବଙ୍ଗରେ ଏବେ ନୂଆ ଯାତ୍ରାର ଆରମ୍ଭ ହେବ, ଯେଉଁଠି ବିକାଶ, ଭରସା ଏବଂ ନୂଆ ଆଶାର ଜନ୍ମନେବ। ମହିଳାମାନଙ୍କୁ ସୁରକ୍ଷିତ ବାତାବରଣ ମିଳିବ। ଯୁଗଗୋଷ୍ଠୀଙ୍କ ପାଇଁ ରୋଜଗାର ମିଳିବ। ପଳାୟନ ନିୟନ୍ତ୍ରଣ କରାଯିବ। ରାଜ୍ୟର ବିକାଶ ପାଇଁ ବିଜେପି ସରକାର ପୂରା ଶକ୍ତି ଲଗାଇବ। ପ୍ରଥମ କ୍ୟାବିନେଟ ବୈଠକରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ପଶ୍ଚିମବଙ୍ଗରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ବିଜେପିର ଏହି ଐତିହାସିକ ବିଜୟ, ପିଢ଼ିପିଢ଼ି ଧରି ଅଗଣିତ କର୍ମକର୍ତ୍ତାଙ୍କ ଉଦ୍ୟମ ଏବଂ ସଂଘର୍ଷ ବିନା ସମ୍ଭବ ହୋଇପାରି ନଥାନ୍ତା। ମୁଁ ସେ ସମସ୍ତଙ୍କୁ ପ୍ରଣାମ କରୁଛି। ବର୍ଷବର୍ଷ ଧରି ସେମାନେ ତୃଣମୂଳସ୍ତରରେ ବହୁ ପରିଶ୍ରମ କରିଛନ୍ତି। ବହୁ ଅସୁବିଧାର ସାମ୍ନା କରିଛନ୍ତି ଏବଂ ଆମର ବିକାଶ ଏଜେଣ୍ଡାକୁ ଲୋକଙ୍କ ନିକଟରେ ପହଞ୍ଚାଇଛନ୍ତି। ସେମାନେ ହେଉଛନ୍ତି ଆମ ଦଳର ପ୍ରକୃତ ବଳ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସବୁବେଳେ ମନେ ରହିବ। ଜନତାଙ୍କ ଶକ୍ତିର ବିଜୟ ହୋଇଛି। ମୁଁ ପଶ୍ଚିମବଙ୍ଗର ପ୍ରତ୍ୟେକ ଲୋକଙ୍କ ନିକଟରେ ପ୍ରଣାମ କରୁଛି। ଜନତା ବିଜେପିକୁ ଏକ ଉତ୍ସାହଜନକ ଜନାଦେଶ ଦେଇଛନ୍ତି। ଲୋକଙ୍କର ଆଶା ଏବଂ ଆକାଂକ୍ଷା ପୂରଣ କରାଯିବାକୁ ଉଦ୍ୟମ କରାଯିବ।

## ପଶ୍ଚିମବଙ୍ଗ ବିଜୟ ସହ ଏନ୍‌ଡିଏ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି

ନୂଆଦିଲ୍ଲୀ,୪।୫: ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷର ଟିଏମ୍‌ସି ଶାସନ ପରେ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସଠାରୁ ବଙ୍ଗଳା ଛଡାଇ ନେଇଛି। ପଶ୍ଚିମବଙ୍ଗ ବିଜୟ ସହ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ନେତୃତ୍ୱ ୨୧ଟି ରାଜ୍ୟକୁ ବୃଦ୍ଧି ପାଇଛି। ଏହାର ଅର୍ଥ ଏନ୍‌ଡିଏ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ କେନ୍ଦ୍ରରେ ପ୍ରମୁଖ ବିରୋଧୀ ମେଣ୍ଟ ତଥା ଇଣ୍ଡିମେଣ୍ଟ ତାମିଲନାଡୁରେ ପରାଜତ ହୋଇଥିଲେ ସୁଦ୍ଧା କେରଳରେ ଜିତିବା ପରେ ଦେଶର ଛଅଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି। ତେବେ କେରଳରେ ନିର୍ଣ୍ଣାୟକ ପ୍ରଦର୍ଶନ ପରେ ମଧ୍ୟ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମବଙ୍ଗ ବିଜୟ ପରେ ବିଜେପି ନିଜେ ସ୍ୱାଧୀନ ଭାବରେ ୧୫ଟି ରାଜ୍ୟରେ ଶାସନ କରିବ, କିନ୍ତୁ ବିହାରରେ ଜେଡିୟୁ, ଆନ୍ଧ୍ର ପ୍ରଦେଶରେ ଟିଡିପି , ନାଗାଲାଣ୍ଡ (ନାଗା ପିପୁଲ୍‌ସ ଫ୍ରଣ୍ଟ), ମେଘାଳୟରେ (ନ୍ୟାସନାଲ ପିପୁଲ୍‌ସ ପାର୍ଟି) ସହ ମେଣ୍ଟ ଯୋଗୁ ମେଣ୍ଟ ନେତୃତ୍ୱାଧୀନରେ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ତାମିଲନାଡୁରେ ଡିଏମକେ-କଂଗ୍ରେସ ମେଣ୍ଟକୁ ହଟାଇ ଦିଆଯାଇଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳରେ ସରକାର ଗଠନ କରିବାକୁ ଯାଉଛି। ☞ପୃଷ୍ଠା-୨

## ଷ୍ଟାଲିନ୍ ପରାଜିତ



ଚେନ୍ନାଇ: ତାମିଲନାଡୁରେ ଡିଏମ୍‌କେ ଓ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କୁ ବଡ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିଛି। ଷ୍ଟାଲିନ୍ କୋଲାଥୁର୍ ଆସନରୁ ପରାଜିତ ହୋଇଛନ୍ତି। ଷ୍ଟାଲିନ୍ ଟିଭିକେ ପ୍ରାର୍ଥୀ ଭିଏସ୍ ବାବୁଙ୍କଠାରୁ ୯୦୦୦ ଭୋଟରେ ପରାଜିତ ହୋଇଛନ୍ତି। ନବାଗତ ଟିଭିକେ ତାମିଲନାଡୁରେ ଏକକ ବୃହତ୍ତମ ଦଳ ଭାବରେ ଉଭା ହୋଇ ସମଗ୍ର ଦେଶକୁ ଚକିତ କରିଦେଇଛି। ୨୨ ରାଉଣ୍ଡ ଭୋଟ ଗଣତି ପରେ ବାବୁ ୮୨,୦୦୦ ଭୋଟ ପାଇଥିବାବେଳେ ଷ୍ଟାଲିନ୍ ୭୩,୦୦୦ ଭୋଟ ପାଇଥିଲେ। ଏଆଇଏଡିଏମ୍‌କେ ପ୍ରାର୍ଥୀ ୧୪,୦୦୦ ଭୋଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୨୧ରେ ଷ୍ଟାଲିନ କୋଲାଥୁର ଆସନରୁ ୭୦,୦୦୦ ରୁ ଅଧିକ ଭୋଟରେ ଏଆଇଏଡିଏମ୍‌କେର ଆଧି ରାଜରାମଙ୍କୁ ପରାସ୍ତ କରିଥିଲେ। ଭିଏସ୍ ବାବୁ ଟିଭିକେରେ ଯୋଗ ଦେବା ପୂର୍ବରୁ ☞ପୃଷ୍ଠା-୨

## ଥିରୁଅନନ୍ତପୁରମରେ ୩ ଆସନରେ ଜିତିଲା ବିଜେପି

ନୂଆଦିଲ୍ଲୀ: ୨୦୨୬ କେରଳ ବିଧାନସଭା ନିର୍ବାଚନରେ ବିଜେପିକୁ ବଡ ସଫଳତା ମିଳିଛି। ରାଜ୍ୟରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର ବାଜିମାତ୍ ହୋଇଥିଲେ ମଧ୍ୟ ବିଜେପି ନେମୋମ, କଝାକୁଟ୍ଟମ ଏବଂ ଚାତନ୍ନୁର ଆସନରେ ଜିତି ବଡ ବିଜୟ ହାସଲ କରିଛି। ବରିଷ୍ଠ ବିଜେପି ନେତା ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଥିରୁଅନନ୍ତପୁରମରେ ଥିବା ନେମୋମ ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଛନ୍ତି। ବରିଷ୍ଠ ସିପିଏମ୍ ନେତା ଏବଂ ମନ୍ତ୍ରୀ ଭି ଶିବନ୍‌କୁଟ୍ଟିଙ୍କୁ ସେ ୩,୫୯୦ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଯୁବ ନେତା କେଏସ୍ ସବରିନାଥନ ତୃତୀୟ ସ୍ଥାନରେ ରହିଛନ୍ତି। କଝାକୁଟ୍ଟମରେ ଅନ୍ୟଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭି. ମୁରଲିଧରନ ମଧ୍ୟ ବିଜୟୀ ହୋଇଛନ୍ତି। ଥିରୁଅନନ୍ତପୁରମରେ ଏହା ବିଜେପି ପାଇଁ ଅନ୍ୟ ଏକ ବଡ ବିଜୟ। ଇତି ମଧ୍ୟରେ ଚାତନ୍ନୁରରେ ବିଜେପି ପ୍ରାର୍ଥୀ ବିବି ଗୋପକୁମାର ଜିତିଛନ୍ତି। ଏକ କଡା ପ୍ରତିଦ୍ୱନ୍ଦ୍ୱିତାରେ ସେ ତାଙ୍କ ପ୍ରତିପକ୍ଷଙ୍କୁ ହରାଇଛନ୍ତି।

## ମମତାଙ୍କୁ ହରାଇଲେ ଶୁଭେନ୍ଦୁ ଅଧିକାରୀ



କୋଲକାତା: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ବଡ ବିପର୍ଯ୍ୟୟ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଭବାନୀପୁର ଆସନକୁ ମଧ୍ୟ ମମତା ବାନାର୍ଜୀ ସୁରକ୍ଷିତ କରିପାରି ନାହାନ୍ତି। ଏଠାରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ, ଭବାନୀପୁରରୁ ମମତା ବାନାର୍ଜୀ ପୂର୍ବରୁ ୩ ଥର ବିଜୟୀ ହୋଇଥିଲେ। ଭବାନୀପୁରରେ ବିଜୟ ହାସଲ କଲା ପରେ ଶୁଭେନ୍ଦୁ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି, ମମତା ବାନାର୍ଜୀଙ୍କୁ ହରାଇବାର ଜରୁରୀ ଥିଲା। ୨୦୨୧ରେ ମୋଠାରୁ ନନ୍ଦିଗ୍ରାମରେ ହାରିଥିଲେ ମମତା ବାନାର୍ଜୀ। ସୂଚନାଯୋଗ୍ୟ, ଶୁଭେନ୍ଦୁ ଅଧିକାରୀ ୧୫,୧୧୪ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

## ପରାଜୟ ସ୍ୱୀକାର କଲା ଟିଏମ୍‌ସି

**ତୃଣମୂଳ ସ୍ତରରେ କାମ କରିବୁ: ସାୟୋନୀ ଘୋଷ**

କୋଲକାତା, ୪/୫- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ବଡ ବ୍ୟବଧାନରେ ବିଜୟୀ ହେବାକୁ ଯାଉଛି। ଏ ପର୍ଯ୍ୟନ୍ତ ରିପୋର୍ଟ ଅନୁସାରେ ବିଜେପି ୨୦୦ଟି ଆସନରେ ଆଗୁଆ ଥିବା ବେଳେ ଟିଏମ୍‌ସି ପାଖାପାଖି ୮୭ଟି ଆସନରେ ଆଗରେ ରହିଛି। ଏହାରି ମଧ୍ୟରେ ଟିଏମ୍‌ସି ସାଂସଦ ତଥା ମମତା ବାନାର୍ଜୀଙ୍କ ନିକଟତମ ବ୍ୟକ୍ତି ସାୟୋନୀ ଘୋଷ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି। ସେ ପରାଜୟ ସ୍ୱୀକାର କରି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଆମେ ତୃଣମୂଳ ସ୍ତରରେ ଅଛୁ ଏବଂ ଲୋକଙ୍କ ସହିତ ରହିବୁ। ନିର୍ବାଚନ ଆୟୋଗଙ୍କ ଅନ୍ତିମ ଘୋଷଣାକୁ ଅପେକ୍ଷା କରୁଛୁ। ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ସାୟୋନୀ ଘୋଷ ଦଳ ପାଇଁ ଜୋରଦାର ପ୍ରଚାର କରିଥିଲେ। ମମତା ବାନାର୍ଜୀଙ୍କ ପରେ ସାୟୋନୀ ଘୋଷ ଦଳ ପାଇଁ ଦ୍ୱିତୀୟ ବଡ ଚେହେରା କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଖୋଲାଖୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରୁଥିଲେ ଏବଂ ଉଭୟ ନେତାଙ୍କୁ ବାହାର ଲୋକ ବୋଲି କହୁଥିଲେ। କୋଲକାତାରେ ଭୋଟ ପାଇଁ ପ୍ରଚାର ବେଳେ ସେ କହିଥିଲେ, ଧଳା ସାଢ଼ୀ ଏବଂ ଚପଲରେ ମମତା ବାନାର୍ଜୀ ପଶ୍ଚିମବଙ୍ଗ ଲୋକଙ୍କ ସହିତ ଅଛନ୍ତି ଏବଂ ଜନତା ମଧ୍ୟ ମମତା ଦିଦିଙ୍କ ସହିତ ଆଗକୁ ଚାଲିବାକୁ ପ୍ରସ୍ତୁତ ଅଛନ୍ତି। ସେ କହିଥିଲେ ବିଜେପି ☞ପୃଷ୍ଠା-୨

## ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ



- ❖ ପଶ୍ଚିମବଙ୍ଗ, ଆସାମ, ପୁଡୁଚେରୀରେ ଐତିହାସିକ ବିଜୟ
- ❖ ଐତିହାସିକ ବିଜୟ ଜନସେବା ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ: ମୁଖ୍ୟମନ୍ତ୍ରୀ
- ❖ ଭୟମୁକ୍ତ ଶାସନ ଓ ବିକାଶର ନୂତନ ଶୁଭାରମ୍ଭ: ମନମୋହନ ସାମଲ

ଭୁବନେଶ୍ୱର,୦୪/୦୫: ଐତିହାସିକ ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀର ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ । ଆମ ଦଳର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି । ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ, ବରଂ ଜନସେବା ପ୍ରତି ଥିବା ଆମର ପ୍ରତିବଦ୍ଧତାର ପ୍ରତିଫଳନ । ପଶ୍ଚିମବଙ୍ଗର ଭାଇଭଉଣୀମାନେ ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି । ଆସାମର ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି । ପୁଡୁଚେରୀରେ ଲୋକମାନେ ପରିବର୍ତ୍ତନ ପାଇଁ ଆମ ଉପରେ ବିଶ୍ୱାସ ରଖିଛନ୍ତି । ଏହି ସଫଳତା ପ୍ରମାଣ କରୁଛି ଯେ, ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି । ଆମ ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ନିଷ୍ଠା ଆଜି ଫଳପ୍ରଦ ହୋଇଛି । ଓଡିଶାର ମାଟିରୁ ଆରମ୍ଭ ହୋଇଥିବା ଆମର ଏହି ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ । ଆମେ କେବଳ ☞ପୃଷ୍ଠା-୨

## ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ଢେଙ୍କାନାଳରେ ବିଜେପିର ବିଜୟ ଉତ୍ସବ

# ମମତା ଦିଦିଙ୍କ ଅହଙ୍କାର ଚୁରମାର: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- ◆ ଜିଲ୍ଲା କାର୍ଯ୍ୟାଳୟରେ ପୂର୍ବାହ୍ନରୁ ଉତ୍ସବ
- ◆ ହନୁମାନ ବାଟିକାରେ ମନ୍ତ୍ରୀଙ୍କ ସହ ସହସ୍ରାଧିକ କର୍ମୀଙ୍କ ବିଜୟ ଉଲ୍ଲାସ
- ◆ ବାଣ, ବାଜା, ନାଚ, ମିଠା ଓ ଝାଲମୁଢ଼ିରେ ଉତ୍ସବମୁଖର ସହର



ଢେଙ୍କାନାଳ,୦୪/୦୫ (ସୁଶାନ୍ତ କୁମାର ପାଣୀ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ଢେଙ୍କାନାଳରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଢ଼େଙ୍କାନାଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକତ୍ରିତ ହୋଇ ପଶ୍ଚିମବଙ୍ଗ ଭୋଟ ଫଳାଫଳକୁ ନେଇ ଉତ୍ସବ ପାଳନ କରିଥିଲେ। ଦିନସାରା କାର୍ଯ୍ୟାଳୟ ପରିସର 'ଜୟ ଶ୍ରୀରାମ' ଓ 'ଭାରତ ମାତା କି ଜୟ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। କର୍ମୀମାନେ ପରସ୍ପରକୁ ମିଠା ଏବଂ ଝାଲ୍ ମୁଢ଼ି ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଅପରାହ୍ନ ୫ ଘଟିକାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ସହରସ୍ଥିତ ହନୁମାନ ବାଟିକାଠାରେ ପହଞ୍ଚି ସହସ୍ରାଧିକ କର୍ମୀଙ୍କ ସହିତ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ଆନନ୍ଦ ଉଲ୍ଲାସରେ ବିଜୟ ଉତ୍ସବ ପାଳନ କରିଥିଲେ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ, "ଅଙ୍ଗ, ବଙ୍ଗ, କଳିଙ୍ଗରେ ସବୁଠି ଏବେ ରାଷ୍ଟ୍ରବାଦୀ ପାର୍ଟି ବିଜେପି। ଗୃହମନ୍ତ୍ରୀ ଅମିତ ଶାହଙ୍କ ଭବିଷ୍ୟବାଣୀ ସତ ହେଲା। ସେ କହିଥିଲେ, '୪ ମଇ, ମମତା ଗୟି'। ଆଜି ତାହା ପ୍ରମାଣିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକଳାପ ଏବଂ ତାଙ୍କର ନେତୃତ୍ୱ ସର୍ବାଗ୍ରେ। ପୂର୍ବରୁ କେହି ମମତାଙ୍କ ଗଡ଼ ଭାଙ୍ଗିପାରୁନଥିଲେ। ଆଜି ବିଜେପି ମମତା ଦିଦିଙ୍କ ଅହଙ୍କାରକୁ ଭାଙ୍ଗି ଦେଇଛି। ଆଜି ଏକ ଐତିହାସିକ ଦିନ। ସାରା ଭାରତବର୍ଷ ପାଳନ କରୁଛି ମମତାଙ୍କ ଏକଚ୍ଛତ୍ରବାଦ ଶାସନର ଅନ୍ତ ଘଟିବାର ମୁହୂର୍ତ୍ତକୁ। ବିଦେଶୀ ଅନୁପ୍ରବେଶକାରୀମାନଙ୍କୁ ଖୁବ୍ ଶୀଘ୍ର ଦେଶରୁ ବାହାର କରାଯିବ। ପଶ୍ଚିମବଙ୍ଗରେ ହିନ୍ଦୁମାନଙ୍କ ଉପରେ ଟିଏମ୍‌ସିର ବହୁତ ଅତ୍ୟାଚାର ଆମେ ସହିଲୁ, ଏବେଠାରୁ ସବୁ କିଛି ଠିକ୍ ହେଇଯିବ। ପୂର୍ବଭଳି ଓଡ଼ିଶାରେ ଆଗକୁ ଆଉ ଆଳୁ ସମସ୍ୟା ରହିବନି।" କର୍ମୀମାନେ ଖୁସିରେ ଝାଲମୁଢ଼ି ଖାଇବା ସହିତ ବାଜା ☞ପୃଷ୍ଠା-୨

## ମୋଦୀଙ୍କୁ ଶୁଭେଚ୍ଛା ଜଣାଇଲେ ଶ୍ରୀଲଙ୍କାର ବିରୋଧୀ ଦଳ ନେତା



କଲମ୍ବୋ, ୪/୫- ଶ୍ରୀଲଙ୍କା ସରକାରରେ ବିରୋଧୀ ଦଳ ନେତା ସଜିତ ପ୍ରେମଦାସା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀଲଙ୍କାର ନେତା ଶ୍ରୀ ପ୍ରେମଦାସା ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପିକୁ ପଶ୍ଚିମବଙ୍ଗରେ ନିର୍ବାଚନ ବିଜୟ ନେଇ ଶୁଭେଚ୍ଛା ଜଣାଇଛନ୍ତି। ଏହି ଜନାଦେଶ ଲୋକଙ୍କର ଆଶା ଏବଂ ଗଣତାନ୍ତ୍ରିକ ଭାଗିଦାରୀକୁ ବଳ ଯୋଗାଇବ। ଭାରତର ବିକାଶ ଏବଂ ସ୍ଥିରତା କାମନା କରୁଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ଚମକପ୍ରଦ ପ୍ରଦର୍ଶନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ପୁରୁଣା ବୟାନ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏହି ବୟାନରେ ସେ ବିହାରରେ ବିଜେପିର ବିଜୟକୁ ପଶ୍ଚିମବଙ୍ଗରେ ସମ୍ଭାବିତ ବିଜୟର ସଂକେତ କହିଥିଲେ। ବିହାର ବିଧାନସଭା ନିର୍ବାଚନରେ ବିଜେପିର ପ୍ରଚଣ୍ଡ ବିଜୟ ପରେ ଉତ୍ସବ ପାଳନ ସମୟରେ ନରେନ୍ଦ୍ର ମୋଦୀ କହିଥିଲେ, ଗଂଗା ଜୀ ବିହାରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରବାହିତ ହେଉଛି। ବିହାରର ବିଜୟ ପଶ୍ଚିମବଙ୍ଗରେ ବିଜୟର ରାସ୍ତା ଖୋଲି ଦେଇଛି।



ଅକ୍ଷର
AKHYARA ODISHA ଓଡ଼ିଶା
ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ପଶ୍ଚିମବଙ୍ଗରେ ନୂଆ ଯୁଗ ଦେଖ
ବିଜେପି ପାଇଲା କ୍ଷମତା
କହିଁ କହିଁ ହୋଇ କାନ୍ଦୁଛନ୍ତି ଦେଖ
ନବୀନ ଭଉଣୀ ମମତା
ଛିଡ଼ିଗଲା ପରା ପଲତା
ଜଗାକୁ ବସାଇ ପଶ୍ଚିମବଙ୍ଗରେ
ଯେତେ ଜାଳିଲେ ବି ସଳିତା




ମଙ୍ଗଳବାର ୦୫।୦୫।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଶ୍ଚିମବଙ୍ଗ ବିଜୟ ସହ...

କଂଗ୍ରେସ କେବଳ ତିନୋଟି ରାଜ୍ୟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରେ ଏକକ ବହୁମତ ସରକାର ରଖିଛି। ଦଳ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ ସହିତ ମେଣ୍ଟରେ ଅଛି। ପଞ୍ଜାବରେ ଭଗଓ୍ୱନ୍ତ ମାନଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଏଏପି) ଇଣ୍ଡିଆ ବ୍ଲକ୍‌ର ଅଂଶ ନୁହେଁ, କିନ୍ତୁ କେନ୍ଦ୍ରରେ ଏହା ବିଜେପିକୁ ବିରୋଧ କରୁଛି।

### ଷ୍ଟାଲିନ୍ ପରାଜିତ...

ଡିଏମ୍‌କେ ଓ ଏଆଇଏଡିଏମ୍‌କେ ସହିତ ଥିଲେ। ୭୫ ବର୍ଷୀୟ ବାବୁ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ ପୁରସୱାଲକମ ବିଧାୟକ ଭାବରେ କାର୍ଯ୍ୟ କରିଥିଲେ। ସେ ୨୦୧୧ ପର୍ଯ୍ୟନ୍ତ ଉତ୍ତର ଚେନ୍ନାଇ ପାଇଁ ଡିଏମକେର ଜିଲ୍ଲା ସମ୍ପାଦକ ମଧ୍ୟ ଥିଲେ। ୨୦୧୧ ବିଧାନସଭା ଆସନ ପାଇଁ ସେ କୋଲାଥୁର୍ ଆସନ ଦାୟିତ୍ୱରେ ଥିଲେ। କିନ୍ତୁ ଷ୍ଟାଲିନ୍ ଏଠାରେ କମ୍ ମାର୍ଜିନରେ ଜିତିବା ପରେ ତାଙ୍କୁ ଏନେଇ ପ୍ରଶ୍ନ କରାଯିବ ସହିତ ଦାୟିତ୍ୱରୁ ହଟେଇ ଦିଆଯାଇଥିଲା। ପରେ ସେ ଏଆଇଏଡିଏମକେରେ ଯୋଗ ଦେଇଥିଲେ।

### ପରାଜୟ ସ୍ୱୀକାର କଲା...

ପରାଜୟ ବରଣ କରିବାକୁ ଯାଉଛି। ମମତା ବାନାର୍ଜୀ ଲଢ଼ିବେ ଏବଂ ଜିତିବେ। ମାତ୍ର ସାୟୋନୀ ଘୋଷଙ୍କ ଭବିଷ୍ୟତବାଣୀ ଭୁଲ ପ୍ରମାଣିତ ହୋଇଛି ଏବଂ ବିଜେପି ୨୦୦ ଆସନ ହାତେଇଛି। ଏହି ତଥ୍ୟ ମମତା ବାନାର୍ଜୀ ଏବଂ ଟିଏମ୍‌ସି ପାଇଁ ଚିନ୍ତାର କାରଣ ହୋଇଛି। ସବୁଠାରୁ ଚର୍ଚ୍ଚାର କଥା ହେଲା ଯେ, ଯେଉଁ ମୁସଲିମ ଭୋଟରଙ୍କୁ ଟିଏମ୍‌ସି ନିଜର ମଜବୁତ ଆଧାର କହୁଥିଲା, ସେମାନଙ୍କର ଭିତରେ ଫାଟ ସୃଷ୍ଟି ହୋଇଛି। ଅନେକ ମୁସଲିମ ବହୁଳ ଅଞ୍ଚଳରେ ବିଜେପି ଆଗୁଆ ରହିଛି। ମମତା ବାନାର୍ଜୀଙ୍କ ଦଳ ପଛୁଆ ରହିବା ପଛରେ ଅନେକ କାରଣ ଲୁଚି ରହିଛି।

### ରାଜ୍ୟ କାର୍ଯ୍ୟାଳୟରେ...

ନିର୍ବାଚନ ଜିତିବାକୁ ଚାହୁଁନାହୁଁ, ବରଂ ପ୍ରତିଟି ମଣିଷର ହୃଦୟ ଜିତିବାକୁ ଚାହୁଁ । ରାଜନୀତିରେ ଜୟ ପରାଜୟ ଲାଗିରହେ, କିନ୍ତୁ ଜନସେବା ସର୍ବଦା ଜାରି ରହିବା ଉଚିତ । ଆମକୁ ଅଧିକ ନମ୍ରତାର ସହ ଲୋକଙ୍କ ନିକଟକୁ ଯିବାକୁ ହେବ । ବିଜୟର ଏହି ଗର୍ବ ଆମକୁ ଅହଂକାରୀ ନୁହେଁ, ବରଂ ଅଧିକ ଦାୟିତ୍ୱବାନ କରିବା ଦରକାର । ପଡୋଶୀ ରାଜ୍ୟଗୁଡିକରେ ଆମର ଏହି ସଫଳତା ଓଡିଶାର ଗୌରବକୁ ଆହୁରି ବୃଦ୍ଧି କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଏହି ବିଜୟ ଉତ୍ସବ ହେଉଛି ନୂଆ ସଂକଳ୍ପ ନେବାର ସମୟ । ଆମେ ଗରିବ, ଚାଷୀ ଓ ମହିଳାମାନଙ୍କ ସଶକ୍ତିକରଣ ପାଇଁ କାମ କରିବା । ପ୍ରତିଟି ଗାଁ ଓ ସହରରେ ବିକାଶର ଧାରାକୁ ପହଁଚାଇବା ଆମର ଲକ୍ଷ୍ୟ । ଆମେ ମିଳିମିଶି ଏକ ସମୃଦ୍ଧ ଭାରତ ଗଠନ କରିବା ।

ଏହି ଅବସରରେ ରାଜ୍ୟ ସଭାପତି ଓ ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଫଳ ନେତୃତ୍ୱ ଏବଂ ଜନକଲ୍ୟାଣ ନୀତି ଉପରେ ଅତୁଟ ବିଶ୍ୱାସ ରହିଛି, ଯାହା ଆଜି ବିଧାନସଭା ନିର୍ବାଚନର ଐତିହାସିକ ଫଳାଫଳରେ ପୁଣି ଥରେ ପ୍ରତିଫଳିତ ହୋଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର, ଆସାମରେ ଲଗାତାର ତୃତୀୟ ଥର ଏବଂ ପୁଡୁଚେରୀରେ ଦ୍ୱିତୀୟ ଥର ପାଇଁ ବିଜେପି ନେତୃତ୍ୱରେ ଏନଡିଏ ମେଂଟ ସରକାର ଗଠନ କରିବା ହେଉଛି ଏହି ବିଶାଳ ବିଶ୍ୱାସର ପରିଣାମ। ଏହି ଐତିହାସିକ ବିଜୟ ପାଇଁ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀ ରାଜ୍ୟର ସମସ୍ତ ଉତ୍ସର୍ଗୀକୃତ ନେତୃତ୍ୱ, କଠିନ ପରିଶ୍ରମୀ କାର୍ଯ୍ୟକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକର୍ତ୍ତାମାନେ ବାଣ ଫୁଟାଇ, ବାଜା ବଜାଇ, ମିଠା ଓ ଝାଲମୁଡି ଖାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜସ୍ୱ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମନ୍ତ୍ରୀ ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ଗୋକୁଳାନନ୍ଦ ମଲ୍ଲିକ, ସଂପଦ ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସାଂସଦ ସୁକାନ୍ତ ପାଣିଗ୍ରାହୀ, ଡ. ବିଭୁପ୍ରସାଦ ତରାଇ, ଡ.ରବି ନାରାୟଣ ବେହେରା, ସୁଜିତ କୁମାର, ବିଧାୟକ ପ୍ରକାଶ ସେଠୀ, ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ବିରଂଚି ନାରାୟାଣ ତ୍ରିପାଠୀ, ସୀମାଂଚଳ ଖଟାଇ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ମମତା ଦିଦିଙ୍କ ଅହଙ୍କାର...

ବଜାଇ, ବାଣ ଫୁଟାଇ, ମିଠା ବାଣ୍ଟି ଓ ନାଚଗୀତ କରି ଏହି ବିଜୟ ମୁହୂର୍ତ୍ତକୁ ପାଳନ କରିଥିଲେ। ହନୁମାନ ବାଟିକା ପରିସର ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇପଡ଼ିଥିଲା। ଯୁବମୋର୍ଚ୍ଚା କର୍ମୀମାନେ ବାଜାର ତାଳେତାଳେ ନୃତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୌରାଧକ୍ଷା ଜୟନ୍ତୀ ପାତ୍ର କହିଲେ, "ମୋଦି ହେ ତୋ ମୁମକିନ ହେ। ପଶ୍ଚିମବଙ୍ଗରେ ପରିବର୍ତ୍ତନର ହାଓ୍ୱା ବହିଛି ଏବଂ ଏହା ସାରା ଦେଶରେ ବିଜେପିର ଗ୍ରହଣୀୟତାକୁ ପ୍ରମାଣ କରୁଛି। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁଠି ଲୋକେ ବିଜେପି ଉପରେ ଭରସା କରୁଛନ୍ତି।" ଜିଲ୍ଲା ବିଜେପିର ବରିଷ୍ଠ ନେତା, ବିଭିନ୍ନ ମୋର୍ଚ୍ଚା ପଦାଧିକାରୀ, ମଣ୍ଡଳ ସଭାପତି ଓ ହଜାର ହଜାର କର୍ମୀ ଏହି ବିଜୟ ଉତ୍ସବରେ ସାମିଲ ହୋଇଥିଲେ।

# ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ରେ ଏ-୧ ଗ୍ରେଡ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କାମାକ୍ଷାନଗର:୪/୫(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟ ଚଳିତ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ମୋଟ ପରୀକ୍ଷା ଦେଇଥିବା , ୨୦୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୨୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବା ସହ ଶତ ପ୍ରତିଶତ ସଫଳତା ହାସଲ କରିଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ରୂପେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉପସ୍ଥିତ ରହି ଏ ୧ ଗ୍ରେଡ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ, ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଅଭିନନ୍ଦନ ଜ୍ଞାପନ କରିଥିଲେ । କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ କ୍ଷେତ୍ରର ଏହି ବିଦ୍ୟାଳୟଟି ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରି ଆମର ସମ୍ମାନକୁ ଆହୁରି ବଢ଼ାଇ ପାରିଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିବାସହ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି , ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭୁ କଲ୍ୟାଣ ଦାସ , ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ , ଶିକ୍ଷାବିତ ଲୋକନାଥ ଷଡଙ୍ଗୀ , ଶିକ୍ଷାବିତ କୈଳାଶ ଚନ୍ଦ୍ର ପୃଷ୍ଟି , ବିଶିଷ୍ଟ ନାଟକର ତଥା ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସ ଉପସ୍ଥିତ ଥିଲେ । ଚଳିତବର୍ଷ ବିଦ୍ୟାଳୟ ଜିଲ୍ଲାରେ ସର୍ବାଧିକ ଏ ୧ ଗ୍ରେଡ ହାସଲ କରିବା ସହ , ଛାତ୍ର ଅମନ କୁମାର ବେହେରା ଓ ଅରଣ୍ୟ କୁମାର ସାହୁ ସର୍ବାଧିକ ୫୭୯ ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅତିଥିବୃନ୍ଦ ଉଚ୍ଚ ପ୍ରଶଂସା କରିଥିଲେ । ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଦ୍ୱୟଙ୍କୁ ପ୍ରତ୍ୟେକ ୧୦୦୦୦ ଟଙ୍କା ର ଚେକ୍ ପ୍ରଦାନ କରାଯିବାସହ ଅନ୍ୟ ମାନଙ୍କୁ ୨୦୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ କର୍ତ୍ତବ୍ୟ ନିଷ୍ଠା ତଥା ଅଭିଭାବକ ମାନଙ୍କରେ ସହଯୋଗ କୁ ପ୍ରଶଂସା କରିଥିଲେ। ବୁଦ୍ଧିଜୀବି ମହଲରୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟୁଛି।

## ଯୁବ ପିଢୀଙ୍କ ପାଇଁ ତାଲିମ ପ୍ରଦାନ




ଦେବଗଡ଼, ୦୪।୦୫(ଅକ୍ଷର ଓଡ଼ିଶା):ଦେବଗଡ଼ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶନି ମନ୍ଦିର ନିକଟସ୍ଥ ପୁଷ୍କରିଣୀରେ ଯୁବ ପିଢୀଙ୍କ ପାଇଁ ଜିଲ୍ଲା ସ୍ତରୀୟ ପହଁରା ଏବଂ ବୁଡ଼ି ଯିବାପରେ ବଞ୍ଚିବାର ମୌଳିକ କୌଶଳ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚପରଦାର,ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ,ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ବିପର୍ଯ୍ୟୟ ସମୟରେ କିଭଳି ଭାବରେ ଲୋକମାନଙ୍କୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଅତିଥି ମାନେ ଅବଗତ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ତା ୪.୦୫.୨୦୨୬ ରିଖ ରୁ ତା ୦୯.୦୫.୨୦୨୫ ରିଖ ପର୍ଯ୍ୟନ୍ତ ପ୍ରଥମ ବ୍ୟାଚ ପାଇଁ ଓଡ୍ରାଫ୍ ଦଳ ତାଲିମ ର ମାର୍ଗ ଦର୍ଶନ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ ଦେବେ ।ଯେଉଁ ଥିରେ ୩୦ ଜଣ ଅଂଶ ଗ୍ରହଣ କାରି ମାନଙ୍କୁ ତାଲିମ ପ୍ରଦାନ କରାଯିବ ।ଏହି ପ୍ରଶିକ୍ଷଣ ଶିବିରରେ ଦେବଗଡ଼ ମହାବିଦ୍ୟାଳୟର ଛାତ୍ର ଅଂଶ ଗ୍ରହଣ କରିଛନ୍ତି ।କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର,ପୋଲିସ ବିଭାଗ ଓ ଓଡ୍ରାଫ୍ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ତାରିଣୀ ଏଣ୍ଟରପ୍ରାଇଜେସରୁ ମେସିନ କିଣିବା ପଡ଼ିଲା ମହଙ୍ଗା

ଯାଜପୁର, ୦୪/୦୫ (ଅକ୍ଷର ଓଡ଼ିଶା) ଚଗରଏଚ ମାଧ୍ୟମରେ ଋଣ କରି ଭୁବନେଶ୍ୱର ବମିଖାଲ ଅଂଚଳରେ ଥିବା ମା ତାରିଣୀ ଏଣ୍ଟରପ୍ରାଇଜେସରୁ କଣ୍ଟା ମେସିନ ଆଣି ଫସିଲେ ମହିଳା ଉଦ୍ୟଗି। ସୂଚନା ଅନୁସାରେ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଯଖପୁରା ଗାଁର ଅର୍ଚ୍ଚନା ମହାନ୍ତି ଗତ ୨୦୨୫ମସିହା ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୂଚନା କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ଏକ ଖୁଦ୍ର ଶିଳ୍ପ କରିବା ଲକ୍ଷ୍ୟ କରି ୩୫ଲକ୍ଷ୍ୟ ଟଙ୍କା ଋଣ ଆଣିଥିଲେ। ଋଣ ପଇସାରେ ଲୁହା କଣ୍ଟା ଓ ତାର ଜାଲି ବ୍ୟବସାୟ କରିବାକୁ ଇଛା କରିଥିବାବେଳେ ଭୁବନେଶ୍ୱର ବମିଖାଲ ଅଂଚଳରେ ଥିବା ମା ତାରିଣୀ ଏଣ୍ଟରପ୍ରାଇଜେସ ରୁ ଏହି ଦୁଇଟା ମେସିନ ପାଇଁ ପଇସା ମଧ୍ୟ ପୈଠ କରିଥିଲେ। କିନ୍ତୁ ୬ମାସ ବିତିଯାଇଥିଲେ ମଧ କମ୍ପାନୀ ତରଫରୁ ମେସିନ ନ ବସାଇବା ଓ ସବସିଡ଼ ପଇସା ନ ଆସିବା ଭଳି କମ୍ପାନୀ ନାମରେ ସଂଗୀନ ଅଭିଯୋଗ କରିଛନ୍ତି ଅର୍ଚ୍ଚନାଙ୍କ ସ୍ୱାମୀ ଦେବାନନ୍ଦ ମହାନ୍ତି। ତାଙ୍କର ଅଭିଯୋଗ ମୁତାବକ ଗତ ୬ମାସ ଭିତରେ ମୁଁ ୨ଲକ୍ଷରୁ ଅଧିକ ଟଙ୍କା ଋଣ କିସ୍ତି ସୁଜିଥିବାବେଳ ଏହି ବ୍ୟବସାୟ ରୁ ମୁଁ ଟଙ୍କା ଟିଏ ବି ରୋଜଗାର କରିନି। କମ୍ପାନୀର ନିୟମ ଅନୁସାରେ ମେସିନ କିଣିବାର ୪ରୁ ୬ସପ୍ତାହ ମଧ୍ୟରେ ମେସିନ ବସାଇବା ସହିତ ଚଲାଇ ବାକୁ ପ୍ରଶିକ୍ଷଣ ଦେଇଥାଏ କିନ୍ତୁ ୬ମାସ ବିତିଯାଇଥିଲେ ମଧ କମ୍ପାନୀ ର ଖାମଖିଆଲି ନୀତି ପାଇଁ ମୁଁ ଆଜି ହଇରାଣ ହେଉଛି। ସେପଟେ ଆମେ ଏ ବିଷୟରେ କମ୍ପାନୀ କର୍ତୃପକ୍ଷଙ୍କୁ ପଚାରିବାରୁ ସେ ଦେବାନନ୍ଦ ଙ୍କ ଅବହେଳା ବୋଲି କହିଥିବାବେଳେ ଦେବାନନ୍ଦ ମଧ ବିଳମ୍ବରେ ମେସିନ ପହଁଚାଇବା ଓ ଠିକସେ ସର୍ଭିସ ନ ଦେବା ଭଳି ଅଭିଯୋଗ କରିଛନ୍ତି।

# ପ୍ରଚଣ୍ଡ ତାତି ପାଇଁ ଘରେ ପହଞ୍ଚିବ ଭତ୍ତା

**ବୃଦ୍ଧ ଓ ଅସହାୟଙ୍କୁ ସରକାର ଦେବେ 'ଡୋର୍-ଷ୍ଟେପ୍' ସେବା**

ଭୁବନେଶ୍ୱର,୪।୫: ରାଜ୍ୟରେ ଏବେ ଅସମ୍ଭାଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରତିଦିନ ପାରଦ ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ କେତେକ ସ୍ଥାନରେ ଏହା ୪୫ ଡିଗ୍ରୀ ମଧ୍ୟ ଅତିକ୍ରମ କଲାଣି। ଏହି ଭୟଙ୍କର ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନା (MBPY) ଅଧୀନରେ ଭତ୍ତା ପାଉଥିବା ବୃଦ୍ଧ, ଅସହାୟ ଓ ଭିନ୍ନକ୍ଷମମାନଙ୍କୁ ଆଉ ଖରାରେ ବାହାରକୁ ଆସିବାକୁ ପଡ଼ିବ ନାହିଁ। ଏଣିକି ସେମାନଙ୍କୁ ସେମାନଙ୍କ ଘର ଦୁଆରମୁହଁରେ ଭତ୍ତା ଯୋଗାଇ ଦିଆଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଜରୁରୀକାଳୀନ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରତି ମାସ ୧୫ ତାରିଖରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାତ୍ର ବର୍ତ୍ତମାନର ଗ୍ରୀଷ୍ମ ଲହରୀ ବୃଦ୍ଧବୃଦ୍ଧା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।ଭତ୍ତାକେନ୍ଦ୍ରକୁ ଆସିବା ସମୟରେ ହିତାଧିକାରୀମାନେ ଅଂଶୁଘାତ ଓ ଡିହାଇଡ୍ରେସନ୍‌ର ଶିକାର ହୋଇପାରନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଡୋର୍ ଷ୍ଟେପ୍ ସେବା ଆରମ୍ଭ ହୋଇଛି । ଯେଉଁମାନେ ଅଧିକ ବୃଦ୍ଧ, ଅସୁସ୍ଥ କିମ୍ବା ଚାଲିବାକୁ ଅକ୍ଷମ, ସେମାନଙ୍କୁ ଘରେ ଭତ୍ତା ଦିଆଯିବ । ଯେଉଁ ସ୍ଥାନରେ ଭତ୍ତା ବଣ୍ଟନ କେନ୍ଦ୍ର ରହିଛି, ସେଠାରେ ପର୍ଯ୍ୟାପ୍ତ ପିଇବା ପାଣି ଏବଂ ORS ପ୍ୟାକେଟ୍ ମହଜୁଦ ରଖିବାକୁ କୁହାଯାଇଛି। ଧାଡ଼ିରେ ଠିଆ ହେବା ସମୟରେ ଯେପରି କେହି ଖରାର ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ଟେଣ୍ଟ ବା ସାମିଆନା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି । ପ୍ରତି ବଣ୍ଟନ କେନ୍ଦ୍ରରେ ଜରୁରୀକାଳୀନ ପରିସ୍ଥିତି ପାଇଁ ଫାଷ୍ଟ-ଏଡ୍ କିଟ୍ ବା ପ୍ରାଥମିକ ଚିକିତ୍ସା ସୁବିଧା ରଖିବା ବାଧ୍ୟତାମୂଳକ କରାଯାଇଛି । ଚିଠିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, କେବଳ ପଶ୍ଚିମ ଓଡ଼ିଶାର ପ୍ରଖର ଖରା ନୁହେଁ, ବରଂ ଉପକୂଳ ଓଡ଼ିଶାରେ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ ଗୁଳୁଗୁଳି ସ୍ଥିତି ଅସହ୍ୟ ହେଉଛି । ଏପରି ପରିସ୍ଥିତିରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପ୍ରଶାସନକୁ କୁହାଯାଇଛି । ସରକାରଙ୍କ ଏହି ସମ୍ବେଦନଶୀଳ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ବିଶେଷ କରି ଦୁର୍ଗମ ଅଞ୍ଚଳରେ ରହୁଥିବା ଅସହାୟ ଲୋକମାନେ ଏହାଦ୍ୱାରା ବହୁମାତ୍ରାରେ ଉପକୃତ ହୋଇପାରିବେ।

# ଯାଜପୁର ସଡ଼କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ନିକଟତମ ଆତ୍ମୀୟଙ୍କୁ ୪ଲକ୍ଷ ଲେଖାଏଁ ସହାୟତା**

ଭୁବନେଶ୍ୱର,୪/୫ : ଯାଜପୁରଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଏମଓ ପକ୍ଷରୁ କୁହାଯାଇଛି, ଯାଜପୁରଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ କାନ୍ଦ ପୂର୍ତ୍ତି, ନମିତା ନାୟକ, ଗୀତା ପୂର୍ତ୍ତି, ବଲ୍‌ମା ମୁଣ୍ଡା ଏବଂ ମାଳତୀ ମୁଣ୍ଡାଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (CMRF) ରୁ ୪ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ଆହତମାନଙ୍କ ଉତ୍ତମ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଭାରତୀୟ ଜନତା ଯୁବମୋର୍ଚ୍ଚାର ବିଶାଳ ବିଜୟ ଶୋଭାଯାତ୍ରା



ହିଞ୍ଜିଳିକାଟୁ, ୪/୫(ଅବନି କାନ୍ତ ପଟ୍ଟନାୟକ)ବିଭିନ୍ନ ରାଜ୍ୟରେ ଭାରତୀୟ ଜନତା ପାର୍ଟିଙ୍କ ଐତିହାସିକ ଓ ବିପୁଳ ବିଜୟ ଲାଭ ପରେ, ଆଜି ହିଞ୍ଜିଳିକାଟୁ ନଗରରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ବିଜୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ବଳରାମ ପଣ୍ଡାଙ୍କ ସଂଯୋଜନାରେ ଶତାଧିକ ବିଜେପି କର୍ମୀ ଆର ଏମ ସି ଛକ ଠାରୁ ବିଜୟ ନାରାବାଜି ଦେଇ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ନଗର ପରିକ୍ରମା କାର୍ଯ୍ୟକ୍ରମରେ ଆସିକା ସଂସଦ ଅନୀତା ସୁଭଦର୍ଶିନୀ, ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ରୋଶନ ଖୁଣ୍ଟିଆ, ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ପୂର୍ବତନ ଉପସଭାପତି ମାଧବ ଗୌଡ଼, ନଗର ମଣ୍ଡଳ ସଭାପତି ସୁଧାଂଶୁ ସାବତ ସହ ଶତାଧିକ କାର୍ଯ୍ୟକର୍ତ୍ତା ସକ୍ରିୟ ଭାବେ ଯୋଗଦେଇଥିଲେ। ନଗର ବିଜେପି ଯୁବମୋର୍ଚ୍ଚା ସଂଗଠନ ମନ୍ତ୍ରୀ ନାରାୟଣ ପାଢ଼ୀ, ସିକିରି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରଦେଶ ପ୍ରଧାନ, ପୂର୍ବତନ ନଗର ସଭାପତି ନିତେଶ ପାଣ୍ଡା ଓ ଆଲୋକ ନାୟକ ଆଦି କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସକ୍ରିୟ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଉତ୍ସବମୁଖର ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଥିବା ବେଳେ, ଏହା ଦଳୀୟ କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଥିବା ଦେଖାଯାଇଥିଲା।

# ବାହାଘର ଭୋଜି ଖାଇବାକୁ ଆସି ସଡ଼କ ଦୁର୍ଘଟଣା: ଜଣେ ମୃତ ୬ ଆହତ



ପାରଳାଖେମୁଣ୍ଡି, ୪/୫ (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ରା.ଉଦୟଗିରୀ ବ୍ଲକ ରାମଗିରି ସ୍ଥିତ କୃଷି ଉଦ୍ୟାନ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା , ଘଟଣା ସ୍ଥଳରେ ଜଣେ ମୃତ , ଛଅ ଜଣ ଗୁରୁତର । ଗୁରୁତର ଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁ କନ୍ୟା ଥିବା ଜଣାପଡିଛି । ଘଟଣା ସ୍ଥଳରେ ରାମଗିରି ପୋଲିସ୍ ପହଞ୍ଚି ଆହତଙ୍କୁ ମେଡ଼ିକାଲରେ ପହଞ୍ଚାଇବା ସହ ଦୁଇଟି ବାଇକ ଜବତ କରି ଏ ଏସ୍ ଆଇ ସନ୍ତୋଷ କୁମାର ବେହେରା ତଦନ୍ତ ଭାର ନେଇ ତଦନ୍ତ ଜାରି ରଖିଛନ୍ତି । ମିଳିଥିବା ସୂଚନା ପ୍ରକାରେ ପାତ୍ରବସା ଗ୍ରାମର ଗୋଟିଏ ପରିବାରର ଶିଶୁ କନ୍ୟା ସହିତ ୩ ଜଣ ଏଚ୍ ଏଫ୍ ଡିଲେକ୍ସ (ଓ ଡି ୨୦ ବି ୫୩୩୩ ) ମୋଟର ସାଇକେଲ ଯୋଗେ ରାମଗିରି ନିକଟ ଦଶିରାମପୁର ଗ୍ରାମରେ ଏକ ବିହାଘର ଭୋଜି ଖାଇବାକୁ ଯାଇ ଫେରୁଥିବା ସମୟରେ ବିପରୀତ ଦିଗରୁ ଖାରିପଦା ଗ୍ରାମର ୩ ଜଣ ଯୁବକ ଏଚ୍ ଏଫ୍ ଡିଲେକ୍ସ (ଓ ଡି ୦୭ ଏଚ୍ ୦୫୯୫ ) ମୋଟର ସାଇକେଲ ଯୋଗେ ସେହି ଦାଶିରାମପୁର ଗ୍ରାମକୁ ଭୋଜି ଖାଇବାକୁ ଯାଉଥିବା ବେଳେ ରାମଗିରି ସ୍ଥିତ କୃଷି ଉଦ୍ୟାନ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ସମସ୍ତ ଆହତଙ୍କୁ ପୋଲିସ ସମେତ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ରାମଗିରି ପ୍ରାଥମିକ ଚିକିତ୍ସାଳୟକୁ ଅଣାଯାଇଥିଲା । ଦୁର୍ଘଟଣା ସ୍ଥଳରେ ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତର ପାତ୍ରବସା ଗ୍ରାମର ଜୁନେସ ଶବରଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଥିବା ପାତ୍ରବସା ଗ୍ରାମର ସୂର୍ଯ୍ୟବତୀ ଶବର(୧୮) ରୁକ୍ମଣୀ ଶବର (୫ ) ସରସ୍ୱତୀ ଶବର (୧୬) ଓ ଅବାରସିଂ ପଞ୍ଚାୟତ ଖାରିପଦା ଗ୍ରାମର ଶତ୍ରୁଘନ ରଇତ, ଗଣନାଥ ରଇତ, ଶିବରାମ ରଇତ ବୋଲି ପରିଚୟ ମିଳିଛି । ଡାକ୍ତର ସୁବ୍ରତ କୁମାର ସାହୁ ଓ ଶ୍ରୀଧର ସାହୁ ପ୍ରାଥମିକ ଚିକିତ୍ସା କରି ଖାରିପଦା ଗ୍ରାମର ଶତ୍ରୁଘନ ରଇତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକା ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ବେଳେ ଅନ୍ୟ ଗୁରୁତର ଆହତ ୫ ବର୍ଷର ଶିଶୁ କନ୍ୟା ରୁକ୍ମିଣୀ ଶବର, ସୂର୍ଯ୍ୟବତୀ ଶବର ଓ ସରସ୍ୱତୀ ଶବରଙ୍କୁ ଅଧିକା ଚିକିତ୍ସା ପାଇଁ ସ୍ଥାନାନ୍ତର କରିବାପାଇଁ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ପ୍ରାଇଭେଟ ବୋଲେରୋ ଗାଡି ଭଡା କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପରିବାର ଲୋକ ନେଇଥିଲେ ।

## ବୋଲଗଡ଼ ବ୍ଲକ ଟପ୍ପର ଶିପ୍ରାରାଣୀ



ବୋଲଗଡ଼, ୪/୫(ଅକ୍ଷର ଓଡିଶା )- ବୋଲଗଡ ବ୍ଲକର ମାଧ୍ୟମିକ ଶିକ୍ଷା ପରିଷଦ-୨୦୨୬ ପରୀକ୍ଷାରେ ଟପ୍ପର ଶିପ୍ରାରାଣୀ ଦ୍ୱାରୀ ହୋଇଥିବାବେଳେ ପରୀକ୍ଷା ଦେଇଥିଲେ ୧୫୭୯, ପାସ୍ କରିଛନ୍ତି ୧୫୦୭, ପାସ୍ ହାର: ୯୫.୪୪%ଗ୍ରେଡ୍ ଅନୁଯାୟୀ ସଂଖ୍ୟା:A1 - 7, A2 - 58, B1 - 139B2 - 263, C - 377, D - 376E - 284ଫେଲ୍: ୭୫ଟପ୍ପର ତାଲିକା: ୧. ବ୍ଲକ ଟପ୍ପର: ଶିପ୍ରାରାଣୀ ଦ୍ୱାରୀ, ବାମନ ହାଇସ୍କୁଲ - ୫୫୪ ମାର୍କଅନ୍ୟ ୬ ଜଣ A1 ଗ୍ରେଡ୍‌ଧାରୀ: ୨. ପ୍ରଜ୍ଞା ପାରମିତା ପ୍ରଧାନ, ସରକାରୀ ହାଇସ୍କୁଲ, ବୋଲଗଡ - ୫୫୪୩. ଭାବସ୍ମିତା ମଙ୍ଗରାଜ, ଚତୁର୍ଭୁଜ ସରକାରୀ ହାଇସ୍କୁଲ, ସମ୍ପୁର - ୫୪୭୪. ଜିତନ ମହାରାଣା, ପଞ୍ଚାୟତ ସରକାରୀ ହାଇସ୍କୁଲ, ଅରିକମା - ୫୪୦୫. ଚିନ୍ମୟ କୁମାର ପରିଡ଼ା, ଜଘଗଝ ସରକାରୀ ହାଇସ୍କୁଲ, ଟାଙ୍ଗିସାହି - ୫୪୦୬। ସ୍ମୃତିସ୍ମିତା ଗାଣ୍ଡିଆ - ୫୪୦ ଏବଂ୭. ଓମ୍ ନାରାୟଣ ପ୍ରଧାନ - ୫୪୦ (ଉଭୟ - ଦେବଗୁରୁ ଆଦର୍ଶ ବିଦ୍ୟାଳୟ, ମୁଗାମନ୍ଦା) ସମସ୍ତ ଇ୧ ଗ୍ରେଡ୍‌ଧାରୀ ଓ ଅନ୍ୟ ସମସ୍ତ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ। ପୀତାବାସ ଲେଙ୍କା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ବାମନ ଉଚ୍ଚ ବିଦ୍ୟାଳୟ, ଅନ୍ୟ ସମ୍ପୃକ୍ତ ପ୍ରଧାନ ଶିକ୍ଷକମାନେ ଏବଂ ସମସ୍ତ ଶିକ୍ଷକବୃନ୍ଦ।

# ସାମାନ୍ୟ ବଚସାରୁ ଗଣ୍ଡଗୋଳ ଜଣେ ମୃତ

ପାତ୍ରପୁର, ୦୪/୦୫ (ଅକ୍ଷର ଓଡିଶା )ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଅନ୍ତର୍ଗତ ସାମନ୍ତିଆପଲ୍ଲୀ ବିଶ୍ରାମାଗାରରେ ଦୁଇ ଜଣଙ୍କ ମଧ୍ୟରେ ସାମାନ୍ୟ ଗଣ୍ଡଗୋଳ ଓ ଠେଲାପେଲାରେ ଜଣକର ମୃତ ଘଟିଥିବା ବେଳେ ଜଣେ ଗିରଫ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ସାମନ୍ତିଆପଲ୍ଲୀ ଗ୍ରାମର ଏମ୍ ବୈରାଗୀଙ୍କ ପୁଅ ଏମ୍ ଗୋପି (୪୫) । ଗିରଫ ଅଭିଯୁକ୍ତ ଜଣକ ହେଲେ ପଦାଦିଗି ଗ୍ରାମର ବାଳକୃଷ୍ଣ ପାଣିଗ୍ରାହୀ। ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ଯେ ଗତକାଲି ବିଳମ୍ବିତ ରାତିରେ ଜରଡା ପୋଲିସ ପକ୍ଷରୁ ଏଏସଆଇ କୃଷ୍ଣ ଚନ୍ଦ୍ର ଭୂୟାଁ ପେଟ୍ରୋଲିଂ କରୁଥିବା ସମୟରେ ସାମନ୍ତିଆପଲ୍ଲୀ ବସଷ୍ଟାଣ୍ଡ ସ୍ଥିତ ଏକ ରେଷ୍ଟ ସେଡରେ ଜଣେ ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନିଜ ପୋଲିସ ଗାଡିରେ ପାତ୍ରପୁର ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। କିନ୍ତୁ ସକାଳ ସମୟରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଜରଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପୋଲିସ ତଦନ୍ତ ସମୟରେ ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର ଅଭିଯୁକ୍ତ ବାଳକୃଷ୍ଣ ପାଣିଗ୍ରାହୀ ନାମକ ଜଣେ ଯୁବକ ସେଠାରେ ପହଞ୍ଚି ଗତକାଲି ବିଳମ୍ବିତ ରାତିରେ ଗୋପି ଓ ମୁଁ ରେଷ୍ଟ ସେଡରେ ବସିଥିବା ବେଳେ ଗୋପି ସହିତ ମୋର ସାମାନ୍ୟ ଗଣ୍ଡଗୋଳ ହେବାରୁ ମୁଁ ତାକୁ ଧକ୍କା ଦେଇଥିଲି। ଫଳରେ ଗୋପି ତଳେ ପଡି ଆହତ ହୋଇଥିଲେ ପରେ ମୃତ୍ୟୁ ଘଟିଛି ବୋଲି ନିଜେ ଦୋଷକୁ ସ୍ୱୀକାର କରିଛନ୍ତି। ଜରଡା ପୋଲିସ ଅଭିଯୁକ୍ତ ବାଳକୃଷ୍ଣ ପାଣିଗ୍ରାହୀକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

**କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୯ ଦଫା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ**

# ଦାବୀ ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ



କୁଚିଣ୍ଡା୦୪/୦୫ (ଚତୁର୍ଭୁଜ ଜୟପୁରିଆ ) ସାରା ରାଜ୍ୟରେ ଓଡିଶା କେନ୍ଦୁପତ୍ର ତୋଳାଳୀ ଏବଂ କେନ୍ଦୁପତ୍ର ଫଡି କର୍ମଚାରୀ କଳା ବ୍ୟାଚ ପିନ୍ଧି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଢେଇ ହଜାର ପଞ୍ଚାୟତରୁ ଅଧିକ ପ୍ରତେକ ପଞ୍ଚାୟତରେ ଧାରଣାରେ ବସି ପଞ୍ଚାୟତ ଅଧିକାରୀଙ୍କୁ ୧୯ ଦଫା ଦାବୀ ପ୍ରଦାନ କରିଥିବା ବେଳେ ସମ୍ବଲପୁର ଜିଲ୍ଲା ବିଭିନ୍ନ ପଞ୍ଚାୟତରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଜମନକିରା ବ୍ଲକ,କୁଚିଣ୍ଡା, ବାମରା, ରେଢ଼ାଖିଲ, ସମ୍ବଲପୁର ଭଳି ଅନେକ ବ୍ଲକ ରେ କେନ୍ଦୁପତ୍ର କର୍ମଚାରୀ ସଂଘର ବିଜୟ ମହାନ୍ତି, ମହମ୍ମଦ ମୁର୍ତ୍ତୁଜା, ମତାମହୁଲ ଭୋଜପୁର ରେଞ୍ଜ ଫଡି ଚେକର ହେମନ୍ତ ବଗର୍ତ୍ତୀ ତଥା ଅନେକ କର୍ମଚାରୀଙ୍କ ସହ ସହ ସହ କେନ୍ଦୁପତ୍ର ତୋଳାଳି ଧାରଣା ରେ ବସି ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣମାଝୀଙ୍କୁ ୧୯ ଦଫା ଦାବୀ ପ୍ରଦାନ କରିଛନ୍ତି । ଗୋଛା କଟେଇ ଶ୍ରମିକମାନଙ୍କୁ ଶୀଘ୍ର ସେମାନଙ୍କ ମଜୁରୀ ଦିଆଯାଉ ଏହିଭଳି କେନ୍ଦୁପତ୍ର ତୁଳାଳି ମାନେ ତାଙ୍କ ମତ ରଖିଥିବା ବେଳେ ସରକାର ତାଙ୍କ ଦାବୀକୁ ପୂରଣ କରି ପାରୁଛନ୍ତି କୀ ନାହିଁ ତାହା ଏବେ ଦ୍ୱିଖିବାର ବାକି ରହିଲା । ଆଗାମୀ ଦିନରେ ଯଦି କେନ୍ଦୁପତ୍ର ତୋଳାଳୀଙ୍କ ଦାବୀ ପୂରଣ ହଉ ନ ଅଛି ତାହା ହେଲେ ସିଧା ରାଜରାସ୍ତା ଅବରୋଧ ବୋଲି ଚେତାବନୀ ଦିଆଯାଇଛି ।

ମଙ୍ଗଳବାର ୦୫।୦୫।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

### କାଳବୈଶାଖୀର ତାଣ୍ଡବ

# ଉଡ଼ିଗଲା ସନ୍ଥପୁର ସ୍କୁଲର ସାଇକେଲ ଷ୍ଟାଣ୍ଡ ଟିଣ, ଭାଙ୍ଗିଲା ଫାଟକ

ଗଁଡିଆ ୪/୫(ବେତୁଜୀ ପ୍ରସାଦ):ଗଁଡିଆ ବ୍ଲକ ଅନ୍ତର୍ଗତ ସନ୍ଥପୁର ଅଞ୍ଚଳରେ ହଠାତ୍ ଆସିଥିବା କାଳବୈଶାଖୀର ଭୟଙ୍କର ରୂପ ଦେଖିବାକୁ ମିଳିଛି । ପ୍ରବଳ ବେଗରେ ପବନ ବହିବା ସହିତ ବର୍ଷା ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷ କରି ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ, କାଳବୈଶାଖୀର ପ୍ରବଳ ପବନରେ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସାଇକେଲ ଷ୍ଟାଣ୍ଡର ଟିଣ ଛାତ ସମ୍ପୂର୍ଣ୍ଣ ଭାବରେ ଉଡ଼ିଯାଇଛି । ଏହା ସହିତ ବିଦ୍ୟାଳୟର ମୁଖ୍ୟ ଫାଟକ (ଗେଟ୍) ର ଗୋଟିଏ ପାର୍ଶ୍ୱ ଭାଙ୍ଗିରୁଜି ଯାଇଛି । ସ୍କୁଲର ଏଭଳି କ୍ଷୟକ୍ଷତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକଟ କରାଯାଇଛି । ବିଦ୍ୟାଳୟର ସୁରକ୍ଷା



ତଥା ଭିତ୍ତିଭୂମିର ସଜାଡ଼ିବା ଦିଗରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦୃଢ଼ ଦାବି କରିଛନ୍ତି ।ଖବର ପାଇ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଜନପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବାଜୀ ଚରଣ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ବନମାଳି ଲେଙ୍କା ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ବେହେରା,ମନୋଜ କୁମାର ମହାନ୍ତି, ସଞ୍ଜୟ କୁମାର ଜେନା, ବର୍ଷା ସେଠୀ, ମିନତି ସାହୁ, ଡମ୍ବରୁଧର ସ୍ୱାଇଁ ଏବଂ ହେମନ୍ତ କୁମାର ନାୟକ ସ୍କୁଲରେ ଉପସ୍ଥିତ ରହି କ୍ଷୟକ୍ଷତିର ଆକଳନ କରିବା ସହ ବିଦ୍ୟାଳୟର ମରାମତି କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

# ମାରୁତି ସେନା ତରଫରୁ ମ୍ୟାଟ୍ରିକ ଜିଲ୍ଲା ଟପ୍ପରଙ୍କୁ ସମ୍ମାନିତ

କାମାକ୍ଷାନଗର:୪/୫(ସୁମନ୍ତ ଜେନା)ମ୍ୟାଟ୍ରିକ ପରୀକ୍ଷା ରେ ଢ଼େଙ୍କାନାଳ ପାଇଁ ଗୌରବ ଆଣି ଥିବା ସଫଳ ଛାତ୍ର ଅମନ୍ କୁମାର ବେହେରାଙ୍କୁ ସମ୍ମାନିତ କରିଛି ଓଡ଼ିଶାର ଅଗ୍ରଣୀ ସାମାଜିକ ସଙ୍ଗଠନ ମାରୁତି ସେନା । ଢ଼େଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ଦାମୋଦର ନାଳି ଗ୍ରାମ ର ଅମନ କୁମାର ବେହେରା ୯୬.୫% ପ୍ରତିଶତ ରୁ ଉର୍ଦ୍ଧ୍ୱ ମାର୍କ ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି । ଏ ଖବର ପାଇବା ପରେ ଆଜି ସାମାଜିକ ସଙ୍ଗଠନ ମାରୁତି ସେନା ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ଅମନଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଉତ୍ତରୀୟ ଦେଇ ସମ୍ମାନିତ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଶିକ୍ଷା କ୍ଷେତ୍ରରେ ସେ ଆହୁରି ଆଗକୁ ବଢ଼ି ଜିଲ୍ଲା ତଥା ରାଜ୍ୟର ନାମ ରଖୁ ବୋଲି କହିଛନ୍ତି ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା, ଅମନ ମଧ ବହୁତ୍ ଖୁସି ଥିବା ପ୍ରକାଶ କରିଛନ୍ତି



ସଫଳତା ର ଶ୍ରେୟ ମାତା ପିତା , ଗୁରୁଜନ ଓ ସାଙ୍ଗ ସାଥି ମାନଂକୁ ଦେଇଛନ୍ତି । ଭବିଷ୍ୟତ ରେ +୨ ବିଜ୍ଞାନ ପଢି ଜଣେ ଡ଼ାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ଅମ୍ନନ୍ । ପୁଅର ଏପରି ସଫଳତାରେ ବେଶ୍ ଆନନ୍ଦ ଅନୁଭବ ହେଉଛି ବୋଲି କହିଛନ୍ତି ଅମନର ମାତା ପିତା, ଦୁଃଖ କଷ୍ଟ ସହିବି ପଛେ ପୁଅକୁ ପାଠ ପଢ଼ାଇବାରେ ପ୍ରତିବନ୍ଧକ ଆସିବାକୁ ଦେବିନି ବୋଲି କହିଛନ୍ତି ଅମନ ର ବାପା ।

# ଇତିହାସ ବିଭାଗରେ ସମ୍ବର୍ଦ୍ଧନା ଉତ୍ସବ




ଖଜୁରିଆକଟା ୪/୫(ନୀଳକଣ୍ଠ ଦାସ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗର ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କୁ ସାନ ଭାଇ ଭଉଣୀ ମାନେ ଉପହାର ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଉପଲକ୍ଷେ ୪ ତାରିଖ ଦିନ ବିଭାଗୀୟ ମୁଖ୍ୟ ଡକ୍ଟର ମହେନ୍ଦ୍ର କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ବଳିଷ୍ଠ ସମାଜ ଗଠନ ପାଇଁ ମାନବ ସମ୍ବଳର ପ୍ରକୃତ ବିନିଯୋଗ ହେବା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ ଡକ୍ଟର କିଶୋର କୁମାର ପୃଷ୍ଟି, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଶଲ୍ୟ ସାମଲ, ମଙ୍ଗରାଜ ପ୍ରଧାନ ଓ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ପ୍ରମୁଖ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଇତିହାସ ପ୍ରତ୍ୟେକ ଜାତିର ଅସ୍ମିତାର ପ୍ରତିଫଳନ ,ତେଣୁ ପ୍ରତ୍ୟେକ ଯୁବପିଢ଼ି ଏହି ଅସ୍ମିତାରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଉଷସି ସାହୁ, ଭବାନୀ ନାୟକ, ଦିପ୍ତିମୟୀ ସାହୁ, ଆଶିଷ ମାଝୀ, ସ୍ୱର୍ଣ୍ଣମୟୀ ସାହୁ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଅବତାରଣା କରିଥିଲେ କ୍ଷ ବିଭାଗର ଅନ୍ୟତମ ଅଧାପିକା ପ୍ରିୟଙ୍କା ତିଗା ସଭାରେ ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଖାତମ୍ ବେଗମ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

### ଶ୍ରୀରାମଚନ୍ଦ୍ରପୁରରେ ମେ' ୧୦ରୁ ଶ୍ରୀ ସତ୍ୟନାରାୟଣ ପୂଜା

# ଯୋଗଦେବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଗଁଡିଆ ୪/୫ (ବେତୁଜୀ ପ୍ରସାଦ):ଗଁଡିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଆଞ୍ଚଳିକ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା ସମିତି ପକ୍ଷରୁ ୩୬ତମ ବାର୍ଷିକ ପୂଜା ମହୋତ୍ସବ ଆସନ୍ତା ମେ' ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପାଞ୍ଚଦିନିଆ ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ପୂଜାର୍ଚ୍ଚନା ସହ ରାତିରେ ଆକର୍ଷଣୀୟ ପାଲା ପରିବେଷଣ କରାଯିବ । ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡା ଓ ନୟାଗଡ଼ର ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡାଙ୍କ ମଧ୍ୟରେ ପାଲା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗାୟକମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପୂଜା ସମିତି ନିମନ୍ତ୍ରଣ କରିଛି ।

# ଶ୍ରୀ ଶ୍ରୀ ସତ୍ୟନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ସଫଳତାର ସହିତ ସମାପ୍ତ



ଢେଙ୍କାନାଳ : ୦୪/୦୫ ( ବିଜ୍ଞାନ ମହାନ୍ତି ) ସଦର ବ୍ଲକ ଅନ୍ତର୍ଗତ ଶୁଆଖାଇକାଟେଣୀ ଗ୍ରାମ ପଞ୍ଚାୟତର ରାହାଳକାଟେଣୀ ଗ୍ରାମରେ ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଭବ୍ୟ ଭାବରେ ଆୟୋଜିତ ହୋଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମ ମେ ୧ ତାରିଖରୁ ଆରମ୍ଭ ହୋଇ ମେ ୩ ତାରିଖରେ ପୂର୍ଣ୍ଣାହୁତି ସହ ସମାପ୍ତ ହୋଇଛି । ଏହି ଅବସରରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ , ହୋମ, ଯଜ୍ଞ ଓ ଭଜନ-କୀର୍ତ୍ତନ ଆୟୋଜିତ ହୋଇଥିଲା, ଅନେକ ଶ୍ରଦ୍ଧାଳୁ ଭକ୍ତ ଭଗବାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ପବିତ୍ର କାର୍ଯ୍ୟକ୍ରମକୁ ହରିହର ସେନାପତି, ନରୋତ୍ତମ ସେନାପତି, ଗୌରାଙ୍ଗ ଚରଣ ସେନାପତି, ଦିବାକର ସେନାପତି ସହିତ ଇଶ୍ୱର ଚନ୍ଦ୍ର ସେନାପତି, ମଥୁରା ସେନାପତି, ଶ୍ରୀବଚ୍ଛ ସେନାପତି, ଶଶାଙ୍କ ଶେଖର ରାଉତ, ସଞ୍ଜୟ ସେନାପତି, ସନ୍ତୋଷ ସେନାପତି, ଆନନ୍ଦ ସେନାପତି, ବିଜୟ ସେନାପତି, ବସନ୍ତ କୁମାର ସେନାପତି ଓ ଅନ୍ୟାନ୍ୟ ସହଯୋଗୀମାନେ ସହଯୋଗ କରିଥିଲେ । ସେମାନଙ୍କର ନିଷ୍ଠା ଓ ପରିଶ୍ରମରେ ଉତ୍ସବଟି ସୁସଂଗଠିତ ଭାବେ ସମ୍ପନ୍ନ ହୋଇପାରିଛି ।

# ଢେଙ୍କାନାଳ ମୋର୍ଚ୍ଚାର ସଭାପତି ସରଫରାଜ ଅଲ୍ଲୀ



ଢେଙ୍କାନାଳ :୦୪/୫( ବିଜ୍ଞାନ ମହାନ୍ତି )ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇଛି । ଭାରତୀୟ ଜନତା ପାର୍ଟିର ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ଆଜି ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲ୍ଲା ସଭାପତିଙ୍କ ନାମ ତାଲିକା ଘୋଷଣା କରିଛନ୍ତି ।ସେଥିରେ ସ୍ଥାନ ପାଇଛନ୍ତି ଢେଙ୍କାନାଳର ଯୁବନେତା ପ୍ରେମାନନ୍ଦ ନାଏକ । ସୂଚନା ଅନୁଯାଇ ଢେଙ୍କାନାଳ ଗଁଡିଆ ବ୍ଲକ ନେଉଳପୋଇ ଗ୍ରାମ ପଞ୍ଚାୟତ ଛାଟିଆ ଗ୍ରାମରେ ପ୍ରେମାନନ୍ଦଙ୍କ ଘର । ସେ ଦୀର୍ଘ ଦିନ ଧରି ଭାରତୀୟ ଜନତା ପାର୍ଟିରେ କାର୍ଯ୍ୟ କରିଆସୁଛନ୍ତି । ଆଜି ଶ୍ରୀ ନାଏକ ଢେଙ୍କାନାଳ ବିଧାୟକ ତଥା ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସାକ୍ଷାତ କରି ନିଜର କୃତଜ୍ଞତା ଜଣେଇବା ସହିତ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ନାଏକ କହିଛନ୍ତି ଯେ ମୋ ନେତୃତ୍ୱରେ ଅନୁସୂଚିତ ଜନଜାତି ମୋର୍ଚ୍ଚା ଆହୁରି ସକ୍ରିୟ ହୋଇ ଦଳୀୟ ଶକ୍ତିକୁ ମଜବୁତ କରିବ ଓ ଜନସେବାରେ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ମୁଁ ଚେଷ୍ଟା କରିବି ।

## ଅନୁଗୁଳ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କଲେ ଛାତ୍ରୀ ଆଦ୍ୟାଶା

ଅନୁଗୋଳ ୦୪/୦୫ (ଅକ୍ଷର ଓଡିଶା)– ଚଳିତ ବର୍ଷର ମ୍ୟାଟ୍ରିକ ପରୀକ୍ଷାରେ ଅନୁଗୁଳ ଜିଲ୍ଲାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବାଗଡିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ଆଚାର୍ଯ୍ୟ ୯୬.୩୩% ମାର୍କ ହାସଲ କରିଛନ୍ତି । ସେ ଖମାର ଗାଁର ଶିକ୍ଷକ ଭବାନୀ ଆଚାର୍ଯ୍ୟ ଓ ଶିକ୍ଷୟିତ୍ରୀ ସବିତା ଷଡ଼ଙ୍ଗୀଙ୍କ ବଡ଼ ଝିଅ ଅଟନ୍ତି ।

# କାଳବୈଶାଖୀ ପରେ ଜଳିଲା ଆଲୁଅ



ଗଁଡିଆ ୪/୫(ବେତୁଜୀ ପ୍ରସାଦ):ସାମ୍ପ୍ରତିକ କାଳବୈଶାଖୀ ପ୍ରଭାବରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଗଁଡିଆ ଅଞ୍ଚଳର ବିଦ୍ୟୁତ ସେବା ଏବେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି । ପ୍ରଚଣ୍ଡ ଖରା ଓ ପ୍ରତିକୂଳ ପରିସ୍ଥିତିକୁ ଖାତିର ନକରି ବିଦ୍ୟୁତ ବିଭାଗର କର୍ମଚାରୀମାନେ ଦିନରାତି ଏକ କରି ଅକ୍ଲାନ୍ତ ପରିଶ୍ରମ କରିଥିଲେ । ଛିଣ୍ଡି ଯାଇଥିବା ତାର ଓ ଭାଙ୍ଗିଥିବା ଖୁଣ୍ଟିକୁ ସଜାଡ଼ିବା ପାଇଁ ଦୁଇ-ତିନି ଦିନର ଅବିରତ ସଂଗ୍ରାମ ପରେ ବ୍ଲକର ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାରେ ସେମାନେ ସଫଳ ହୋଇଛନ୍ତି । ବିଦ୍ୟୁତ କର୍ମଚାରୀଙ୍କ ଏହି କର୍ମତତ୍ପରତା ଓ ସେବା ମନୋଭାବକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ସେମାନଙ୍କ ନିରଳସ ପ୍ରଚେଷ୍ଟା ଯୋଗୁଁ ଅଞ୍ଚଳବାସୀ ଅନ୍ଧାରରୁ ମୁକ୍ତି ପାଇଥିବାରୁ ସାଧାରଣରେ ସାଧୁବାଦ ଜଣାଯାଇଛି ।

# କୃଷି ବିଜ୍ଞାନ କେନ୍ଦ୍ର ରପ୍ତାନି ପାଇଁ ଏଫ୍‌ପିଓ/ଏଫ୍‌ପିସି ଓ ଅଗ୍ରଣୀ କୃଷକଙ୍କ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଢ଼େଙ୍କାନାଳ,୦୪/୦୫ (ସୁଶାନ୍ତ କୁମାର ପାଣୀ): ରପ୍ତାନି କ୍ଷେତ୍ରରେ ଜିଲ୍ଲାର କୃଷକ ଉତ୍ପାଦକ ସଂଗଠନ ଓ ଅଗ୍ରଣୀ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଢ଼େଙ୍କାନାଳଠାରେ ଶୁକ୍ରବାର ଏକ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି ।"ରପ୍ତାନି ପାଇଁ ଏଫ୍‌ପିସି/ଏଫ୍‌ପିଓ ଏବଂ ଅଗ୍ରଣୀ କୃଷକମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ" ଶୀର୍ଷକ ଏହି କାର୍ଯ୍ୟକ୍ରମଟି ଆପେଡାର ଆର୍ଥିକ ଅନୁଦାନରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ହୋଇଥିଲା ।ଏଥିରେ ଜିଲ୍ଲାର ପ୍ରାୟ ୧୫ଟି ଏଫ୍‌ପିଓ/ଏଫ୍‌ପିସି, ସ୍ୱେଚ୍ଛାସେବୀ ସଂଗଠନ ଓ ଅଗ୍ରଣୀ ଚାଷୀଙ୍କୁ ନେଇ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀ ଓ କୃଷକ ଉତ୍ପାଦକ ସଂଗଠନମାନଙ୍କୁ ରପ୍ତାନି ସମ୍ବନ୍ଧୀୟ ଜ୍ଞାନ, ନୀତି, ପ୍ରକ୍ରିୟା ଓ ପ୍ରାୟୋଗିକ ଦିଗରେ ସକ୍ଷମ କରିବା ।କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ସତ୍ୟଭାମା ପ୍ରଧାନ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଶେଫାଳି ସ୍ୱାଗତିକା, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମରଣିକା ଦାସ, ପାଲାଡିୟମ୍ କନସଲଟାନ୍ସିରୁ ଦେବାରତି ଘାତକ, ସେଣ୍ଟର୍ ଅଫ୍ ଏକ୍ସଲେନ୍ସ, ଏଫ୍‌ପିଓ, ଓୟୁଏଟିର ପ୍ରତିନିଧି ମୌସମ ସାହୁ ଏବଂ ତିନିଜଣ ରପ୍ତାନିକାରୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣରେ ରପ୍ତାନି କ୍ଷେତ୍ରର ସମ୍ଭାବନା, ଉତ୍ପାଦର ଗୁଣମାନ ରକ୍ଷା, ଆଧୁନିକ ପ୍ୟାକେଜିଂ, ବଜାର ସଂଯୋଗ, ରପ୍ତାନି ପ୍ରକ୍ରିୟା ଓ ଆନ୍ତର୍ଜାତୀୟ ମାନକ ପାଳନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ସେମାନେ ଚାଷୀମାନଙ୍କୁ ରପ୍ତାନି କ୍ଷେତ୍ରରେ ଆଗକୁ ଆସିବାକୁ ଉତ୍ସାହିତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଆପେଡାର କଲିକତା ଅଫିସର ଆଞ୍ଚଳିକ ମୁଖ୍ୟ ସୋମନାଥ ମଣ୍ଡଳ ଯୋଗଦେଇ ରପ୍ତାନିର ବିଭିନ୍ନ ପ୍ରାସଙ୍ଗିକ ଦିଗ – ରପ୍ତାନି ପଞ୍ଜୀକରଣ, ଡକୁମେଣ୍ଟେସନ୍, କ୍ୱାଲିଟି ସାର୍ଟିଫିକେସନ୍, କୋଲ୍ଡ ଚେନ୍, ଲଜିଷ୍ଟିକ୍ସ ଓ ବିଦେଶ ବଜାରର ଚାହିଦା ଉପରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ ।ପ୍ରତିବର୍ଷ ଢ଼େଙ୍କାନାଳରୁ ଆମ୍ବ, କାଜୁ, ପନିପରିବା ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ରପ୍ତାନି ହେଉଥିବା ପରିପ୍ରେକ୍ଷିରେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଷୀ ଓ ଏଫ୍‌ପିଓ/ଏଫ୍‌ପିସିମାନଙ୍କ ପାଇଁ ରପ୍ତାନି କ୍ଷେତ୍ରରେ ନୂତନ ଦିଗ ଖୋଲିବ ବୋଲି ଆଶା କରାଯାଉଛି ।କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି ପରିଚାଳନା କରିଥିଲେ ।

### ତୃଷାର୍ତ୍ତ ପଥିକ ପାଇଁ 'ଜଳ ଦାନ, ମହତ ଦାନ'

# କାବେରାରେ ଯୁବକ ସଂଘ ପକ୍ଷରୁ ତୃତୀୟ ଜଳଛତ୍ର ଉଦ୍‌ଘାଟିତ

ଗଁଡିଆ ୦୪/୦୫ (ବେତୁଜୀ ପ୍ରସାଦ): ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ରାସ୍ତାରେ ଯାଉଥିବା ପଥିକମାନଙ୍କ ସାହା ହୋଇଛି କାବେରା ଗ୍ରାମର ଶକ୍ତିଶାଳୀ ଯୁବ ସଂଗଠନ 'ବ୍ରଜନାଥ ବଡ଼ଜେନା ଯୁବକ ସଂଘ' । ମାନବ ସେବା ହିଁ ମାଧବ ସେବା – ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘ ପକ୍ଷରୁ ଚଳିତ ବର୍ଷର ତୃତୀୟ ଜଳଛତ୍ର କାର୍ଯ୍ୟକ୍ରମ ସଫଳତାର ସହ ଶୁଭାରମ୍ଭ ହୋଇଯାଇଛି । ଏହି ସେବା ଶିବିରକୁ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବୟିତ୍ରୀ, ସମାଜସେବୀ ତଥା ସୁସଂଗଠିକା ରଶ୍ମିତା ରାଉତ ଉଦଘାଟନ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ଜଳ ଦାନ ଏକ ମହତ ପୁଣ୍ୟ କାର୍ଯ୍ୟ । ଏଭଳି ଗ୍ରୀଷ୍ମ ସମୟରେ ପଥିକଟିର ତୃଷା ନିବାରଣ କରିବା ଠାରୁ ବଡ଼ ସେବା କିଛି ନାହିଁ ।' ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବାଶିଷ ବେହେରା ଯୋଗଦେଇ ଯୁବକମାନଙ୍କର ଏହି ନିସ୍ୱାର୍ଥପର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ଯୁବକ ସଂଘର ସଭାପତି ମନୋଜ କୁମାର ସେଠି ସୂଚନା ଦେଇ କହିଛନ୍ତି ଯେ, ଏହି ଜଳଛତ୍ର କାର୍ଯ୍ୟକ୍ରମ କେବଳ ଦିନକ ପାଇଁ ନୁହେଁ, ବରଂ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ଶନିବାର ଚାଲୁ ରହିବ । ଗ୍ରାମର ସଭାପତି ବ୍ରହ୍ମାନନ୍ଦ ନାୟକ ଏବଂ ସମାଜସେବୀ ସନ୍ତୋଷ ବିଶ୍ୱାଳ ମଧ ଏଭଳି ମହତ କାର୍ଯ୍ୟରେ ସମସ୍ତେ ସାମିଲ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି ।କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ଯୁବକ ସଂଘର ସଦସ୍ୟ ମନୋଜ କୁମାର



ମହାନ୍ତି, ବିଶ୍ୱଜିତ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ପ୍ରତାପ କୁମାର ନାୟକ, ବିକାଶ ରାଉତ, ସୁନୀଲ ନାୟକ, ନାଗେଶ୍ୱର ବାରିକ, ପ୍ରଳୟ ଭଞ୍ଜ, କୃଷ୍ଣଚନ୍ଦ୍ର ରାଉଳ, ଅଂଶୁମାନ ନାୟକ, ବଲିଆ ବାରିକ, ସଂଗ୍ରାମ ମହାନ୍ତି ଏବଂ ବିକାଶ ନାୟକ ପ୍ରମୁଖ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମହତ କାର୍ଯ୍ୟ ପାଇଁ କେବଳ ସଂଘ ନୁହେଁ, ବରଂ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ଲୋକମାନେ ମଧ ଆଗେଇ ଆସିଛନ୍ତି । ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଆର୍ଥିକ ସହଯୋଗର ହାତ ବଢ଼ାଇ ଏହି ସାମାଜିକ ଦାୟିତ୍ୱକୁ ଶକ୍ତିଶାଳୀ କରିଛନ୍ତି । ଯୁବକମାନଙ୍କର ଏହି ଉଦ୍ୟମ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

### ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହେଲେ ଦେଢ଼ଫୁଟର ଛାତ୍ରୀ ସୁନିତା

# ରାଜ୍ୟର ସବୁଠାରୁ କମଉଚ୍ଚତା ଛାତ୍ରୀ



କାମାକ୍ଷାନଗର:୪/୫(ସୁମନ୍ତ ଜେନା) ଚଳିତବର୍ଷ ମାଟ୍ରିକ ପରୀକ୍ଷା ଚାଲିଥିଲା ବେଳେ ଚର୍ଚ୍ଚା ପରିସରକୁ ଆସିଥିଲେ କାମାକ୍ଷାନଗର ବ୍ଲକ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁନିତା ନାୟକ । ରାଜ୍ୟ ର ସବୁଠାରୁ କମ ଉଚ୍ଚତା ବିଶିଷ୍ଟ ଛାତ୍ରୀ ଭାବେ ମାତ୍ର ଦେଢ଼ଫୁଟ ଉଚ୍ଚତାର ରହିଥିବା ସୁନିତା ମାଟ୍ରିକ ପରୀକ୍ଷା ବେଳେ ନିଜ ଉଚ୍ଚତାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ସାଉଁଟିଥିଲେ କ୍ଷ କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତର କଟା ଗ୍ରାମର ସୁନିତା ଚଳିତ ବର୍ଷ କାନପୁରା ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲେ । ଠିକ ରେ କଥାକହିପାରୁନଥିବା ଓ ଶୁଣିପାରୁନଥିବା ସୁନିତା ଜଣେ ସମ୍ପର୍କୀୟ ଭାଇ ଙ୍କ ସହାୟତା ରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ତାଙ୍କ ମା ଓ ଭାଇ ଙ୍କ ସହ ସେ ପରୀକ୍ଷାକେନ୍ଦ୍ର କୁ ଆସୁଥିବା ବେଳେ ପରିବାରର ସମର୍ଥନ ଓ ନିଜ ଦୃଢ଼ ଇଚ୍ଛାଶକ୍ତି ବଳ ରେ ସୁନିତା ମାଟ୍ରିକ ରେ ୩୦୯ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି କ୍ଷ ଯାହାକୁ ନେଇ ସୁନିତାଙ୍କ ମା ଓ ପରୀକ୍ଷାରେ ସହାୟତା କରିଥିବା ଭାଇ ବେଶ ଖୁସିଥିବାବେଳେ ଆଗାମୀ ସମୟରେ ସରକାରୀ ସହାୟତା ଯୋଗାଇଦେଲେ ସୁନିତା ଉଚ୍ଚଶିକ୍ଷା ପଢିପାରିବେ ବୋଲି ପରିବାର ଲୋକ କହିଛନ୍ତି । ଜଣେ ଦିବ୍ୟାଙ୍ଗ ହୋଇ ମଧ ସୁନିତାଙ୍କ ଏହି ସଫଳତା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିବା ସହ ପରୀକ୍ଷାର୍ଥୀଙ୍କ ମନୋବଳ ବୃଦ୍ଧି କରିବାରେ ସାହାଯ୍ୟ ଯୋଗାଇବା ନେଇ ସାଧାରଣ ରେ ଆଲୋଚନା ହୋଇଛ ।

# ଡାଳସିଂହା ମାର୍ଥାପୁର ପାଲା ମଞ୍ଚରେ ଜୀବନ୍ତ ହୋଇଉଠିଲା ମହାଭାରତ ମହାକାବ୍ୟ

ଗଁଡିଆ, ୫/୪(ବେତୁଜୀ ପ୍ରସାଦ):ଗଁଡିଆ ବ୍ଲକ ଅନ୍ତର୍ଗତ ସଂସ୍କୃତି ସମ୍ପନ୍ନ ଗ୍ରାମ ଡାଳସିଂହା ମାର୍ଥାପୁରରେ ଆୟୋଜିତ ପାଲା ମଞ୍ଚର ତୃତୀୟ ତଥା ଅନ୍ତିମ ରଜନୀରେ ଏକ ଭାବଗମ୍ଭୀର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ରାଜ୍ୟର ସୁନାମଧନ୍ୟ ପାଲା ଗାୟକ ତଥା ବିଶିଷ୍ଟ ଜଗନ୍ନାଥ ଉପାସକ ଚନ୍ଦ୍ରଶେଖର ପାଢ଼ୀ ମହାଭାରତ ମହାକାବ୍ୟର ନିଖୁଣ ସମୀକ୍ଷା କରି ସହସ୍ରାଧିକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ବେଦ, ଉପନିଷଦ, ଗୀତା, ଭାଗବତ ସହିତ ବିଭିନ୍ନ ଛାନ୍ଦ, ଚମ୍ପୂ ଓ ଅଳଙ୍କାରର ଅପୂର୍ବ ସମନ୍ୱୟରେ ଶ୍ରୀ ପାଢ଼ୀଙ୍କ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା । ମହାଭାରତର ପ୍ରମୁଖ ଚରିତ୍ର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, କୁନ୍ତୀ, ଧୃତରାଷ୍ଟ୍ର, ଗାନ୍ଧାରୀ, ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସମେତ ମହାମାନୀ ଦୁର୍ଯୋଧନ, ଦୁଃଶାସନ ଏବଂ ବେଲାମାଳୀ ଭଳି ଚରିତ୍ରର ଗଭୀର ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ ଗାୟକ । 'କର୍ମ ହିଁ ଭଗବାନ'– ଏହି ଶାଶ୍ୱତ



ବାର୍ତ୍ତାକୁ ସେ ଅତି ସୁନ୍ଦର ଭାବେ ଦୃଷ୍ଟାନ୍ତ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଏଥିସହ ଯୁଦ୍ଧର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭଗବାନ ଶ୍ରୀକୃଷ୍ଣଙ୍କ ଅଦୃଶ୍ୟ ଓ ଦୃଶ୍ୟମାନ ଲୀଳା ତଥା ତାଙ୍କର ନିୟନ୍ତ୍ରଣ ସମ୍ପର୍କରେ ଶ୍ରୀ ପାଢ଼ୀ ଯେଉଁ ବର୍ଣ୍ଣନା କରିଥିଲେ, ତାହା ଶ୍ରୋତାଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ତଥା ସମୀକ୍ଷକ ଭାବେ ଯୋଗଦେଇଥିଲେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍, ଓଡ଼ିଶାର ସଭାପତି, ବିଶିଷ୍ଟ କବି, ସାହିତ୍ୟିକ, ସୁବକ୍ତା ତଥା ପ୍ରକୃତି ବନ୍ଧୁ ହରିହର ସାହୁ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ମଣିଷର ଜୀବନ ଓ ଜୀବିକାର ମାନଦଣ୍ଡ ବୃଦ୍ଧି କରିବା ସହ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ପାଲା କଳାର ଭୂମିକା ଅତୁଳନୀୟ । ଏହି ଅବସରରେ ସେ ଗାୟକ ଶ୍ରୀ ପାଢ଼ୀଙ୍କ ଜୀବନ୍ତ କଳା ପରିବେଷଣକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଭବ୍ୟ ସାଂସ୍କୃତିକ ଆୟୋଜନକୁ ସଫଳ କରିବାରେ ଗ୍ରାମ୍ୟ କମିଟି ସଭାପତି ଶ୍ରୀବତ୍ସ କୁମାର ପରିଡ଼ା, ସମ୍ପାଦକ ପ୍ରମୋଦ କୁମାର ରାଉତରାୟ, ଯୁବ ସମାଜସେବୀ ସୁଶାନ୍ତ ବାବୁ ଏବଂ ଗଁଡିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର କୋଷାଧକ୍ଷ ତଥା ଡାଳସିଂହା ମାର୍ଥାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ । ସମସ୍ତ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଓ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାଳସିଂହା ମାର୍ଥାପୁରରେ ଅଗଣିତ ଦର୍ଶକଙ୍କ ସମେତ ପଡ଼ୋଶୀ ସନ୍ଥପୁର, ସନ୍ଥସରା, ଅନ୍ନପୁର, କାବେରା, ମାଧପୁର, ଆରୁହା ଓ ବିଧାରପୁର ଗ୍ରାମରୁ ବହୁ ସଂଖ୍ୟାରେ ପାଲାପ୍ରେମୀ ଯୋଗଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ବିଶ୍ୱକୁ ତତଲା କରୁଛି ବନାଗ୍ନି

ପ୍ରଚଣ୍ଡ ଖରା ଜନଜୀବନକୁ କଲବଲ କରୁଥିବାବେଳେ ରାଜ୍ୟର ୧୯ ବନଖଣ୍ଡରେ ନିଆଁ ଲାଗିଛି। ବିଶେଷ କରି ପଶ୍ଚିମ ଓ ଦକ୍ଷିଣ ଓଡିଶାର ଜଙ୍ଗଲ ଜଳୁଛି। ନବରଙ୍ଗପୁର, ଫୁଲବାଣୀ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଆଦି ଜିଲ୍ଲାରେ ବିଭିନ୍ନ ପଏଂଟରେ ନିଆଁ ଲାଗିଛି। ଗୋଟିଏ ପଟେ ରୌଦ୍ର ତାପ ଏବଂ ଅନ୍ୟପଟେ ଜଙ୍ଗଲ ନିଆଁର ତାତି ରାଜ୍ୟରେ ତାପମାତ୍ରାକୁ ବୃଦ୍ଧି କରିବା ସହ ପରିବେଶକୁ ସମ୍ପୂର୍ଣ୍ଣ ବିଗାଡି ଦେବାରେ ସହାୟକ ହୋଇଛି। ଯାହାର ପରିଣତି ସ୍ୱରୂପ ଉପକୂଳ ଅଂଚଳ ଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଏବଂ ପଶ୍ଚିମାଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ଝାରସୁଗୁଡା ଦେଶର ସବୁଠାରୁ ଉତପ୍ତ ସହରରେ ରେକର୍ଡ ସୃଷ୍ଟି କରିଛି। କହିବା ଯଥାର୍ଥ ହେବ ଯେ, ଖରାଦିନ ଆସିଲେ ଆମ ଦେଶ ତଥା ରାଜ୍ୟରେ ଜଙ୍ଗଲ ଜଳିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଜଙ୍ଗଲରେ ନିଆଁ ମଣିଷକୃତ ହୋଇଥିବାବେଳେ ପବନରେ ଶୁଖିଲା ପତ୍ର ଓ କାଠ ଘର୍ଷଣ ଏବଂ ବଜ୍ରପାତରୁ ନିଆଁ ଲାଗି ଗୋଟିଏ ପଟେ ଜଙ୍ଗଲ କ୍ଷୟର କାରଣ ଏବଂ ଅନ୍ୟପଟେ ଜଳବାୟୁକୁ ଉତପ୍ତ କରିଦେଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବାର୍ଷିକ ୧୨ ସପ୍ତାହ ବା ତିନିମାସ ବନାଗ୍ନି ଋତୁ ଭାବେ ପରିଚିତ। ଏବେ ଦେଶର ୧୩,୭୭୧ଟି ଜଙ୍ଗଲ ପଏଂଟରେ ନିଆଁ ଲାଗିଥିବା ସାଟେଲାଇଟ୍ ଫଟୋଚିତ୍ର ଦର୍ଶାଇଛି। ଯାହାକି ଗତ ୧୫ଟି ଗ୍ରୀଷ୍ମକାଳରେ ହାରାହାରି ଠାରୁ ଅଧିକ ବୋଲି କୁହାଯାଇଛି। ସାଟେଲାଇଟ ଦୃଶ୍ୟାବଳୀ ଅନୁଯାୟୀ ଗତ ଚାରି ସପ୍ତାହ ଧରି ଉତରାଖଣ୍ଡ, ତାମିଲନାଡୁ, ବିହାର, ଓଡିଶା, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜଳୁଛି। ନିକଟରେ ଉତରାଖଣ୍ଡ ଏବଂ ତାମିଲନାଡୁର ବନାଗ୍ନି ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଜଙ୍ଗଲ ନିଆଁ ପରିବେଶକୁ ଆହୁରି ଖରାପ ଆଡକୁ ଟାଣି ନେଇଛି। ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଏବଂ ଆଫ୍ରିକୀୟ ଜଙ୍ଗଲରେ ନିଆଁ ଧ୍ୱଂସ ତାଣ୍ଡବ ସୃଷ୍ଟି କରିଥିଲା, ଏହା ବୋଧହୁଏ କେହି ପାଶୋରି ନଥିବେ। ସାଧାରଣତଃ ଏବେ ତିନୋଟି ମୁଖ୍ୟ କାରଣ ତଥା ବିଶେଷ କରି ରାତ୍ରିରେ ତାପମାତ୍ରା ବୃଦ୍ଧି, ସ୍ୱଳ୍ପ ବୃଷ୍ଟିପାତ ଏବଂ ଆଗୁଆ ବରଫ ତରଳିବା ଯୋଗୁଁ ବିଶ୍ୱବ୍ୟାପୀ ଆଗୁଆ ବନାଗ୍ନି ଆରମ୍ଭ ହେବା ସହ ଦୀର୍ଘ ସ୍ଥାୟୀ ହୋଇଛି। ବହୁ ସ୍ଥାନରେ ବିମାନରୁ ଜଳ ସିଂଚନ ସତ୍ତ୍ୱେ ଅଗ୍ନିକୁ ଆୟତ କରାଯାଇପାରୁନଥିବା ବହୁ ନଜୀର ରହିଛି। ଭାରତରେ ବରଫ ତରଳିବା କେବଳ ଉତରାଂଚଳ ପାର୍ବତ୍ୟାଂଚଳ ମଧ୍ୟରେ ସୀମିତ ଥିବାବେଳେ ଅନ୍ୟ ଦୁଇଟି କାରଣ ଦେଶର ଅବଶିଷ୍ଟ ଅଂଚଳରେ ଦେଖାଦେଇଥାଏ। ଜଙ୍ଗଲ ବନାଗ୍ନି ବାୟୁମଣ୍ଡଳରେ ଅଧିକରୁ ଅଧିକ କାର୍ବନ ଡାଇଅକସାଇଡ ବୃଦ୍ଧି କରିଥିବାବେଳେ ଜାଳେଣୀ ବାର୍ଷିକ ୩୭ ବିଲିଅନ ଟନରେ ଉତପ୍ତ କରୁଥିବା ରିପୋର୍ଟ କହେ। କେବଳ ଜଙ୍ଗଲ ନିଆଁ ବାୟୁମଣ୍ଡଳରେ ୮ ବିଲିଅନ ଟନ କିମ୍ବା ୨୦ ପ୍ରତିଶତରୁ ଅଧିକ କାର୍ବନ ଡାଇଅକସାଇଡ ମିଶ୍ରଣ କରିଥାଏ। କେବଳ ଏତିକି ବନାଗ୍ନି ଦ୍ୱାରା ୨୦୨୪ରେ ବିଶ୍ୱରେ ୧୩.୫ ମିଲିଅନ ହେକ୍ଟର ଜଙ୍ଗଲ କ୍ଷୟ କରିଥିଲା, ଯାହାକି ଗ୍ରୀସର ଆୟତନ ଠାରୁ ଅଧିକ ଏକ ବୈଶ୍ୱିକ ଅନୁଧ୍ୟାନକାରୀ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବନାଗ୍ନି ଯୋଗୁଁ ପ୍ରତିବର୍ଷ ଜଙ୍ଗଲ କ୍ଷୟ ପରିମାଣ ବଢି ଚାଲିଥିବାବେଳେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବଢିଚାଲିଛି। ଏହାର ପ୍ରଭାବରେ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆନ୍ତର୍ଜାତିକ ସ୍ତରରେ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ ବିଶ୍ୱର ସବୁଠାରୁ ଉତପ୍ତ ସହର ମଧ୍ୟରେ ଭାରତର କେବଳ ୯୫ଟି ସହର ରହିଛି। ଦିଲ୍ଲୀ, ଲକ୍ଷ୍ନୌ, ପ୍ରୟାଗରାଜ, ଜୟପୁର, ନାଗପୁର ସହରରେ ପ୍ରବଳ ଗରମ ଅନୁଭୂତ ହେଉଥିବାବେଳେ ଓଡିଶାର ଝାରସୁଗୁଡା ସହର ଦେଶର ସବୁଠୁ ଉତପ୍ତ ସହର ଭାବେ ଲଗାତାର ରେକର୍ଡ ସୃଷ୍ଟି କରିଛି। ଏହା ନିସନ୍ଦେହ ଯେ, ଜଙ୍ଗଲପୋଡି, ଖଣି ଖାଦନ, କୋଇଲା ଦହନ, ଶିଳ୍ପ କାରଖାନା, ଇନ୍ଧନଚାଳିତ ଯାନବାହାନ ଚଳାଚଳ, କ୍ରଂକିଟ୍ ନିର୍ମାଣ, ବିକାଶ ନାମରେ ଆଖିବୁଜା ଗଛକଟା, ବ୍ୟାପକ ମାତ୍ରା ଏସି ବ୍ୟବହାର ଏବେ ତାପମାତ୍ରା ବୃଦ୍ଧିର କାରଣ ଭାବେ ଉଭା ହୋଇଛି। ଗୋଟିଏ ପଟେ ବୈଶ୍ୱିକ ସଂଗଠନ ବିଶ୍ୱତାପମାତ୍ରା ବୃଦ୍ଧି ନେଇ ଚିନ୍ତାପ୍ରକଟ କରିଥିବାବେଳେ କୌଣସି ଦେଶ ଆଖିଦୃଷ୍ଟିଆ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଯାହାକି ଚିନ୍ତାର କାରଣ।

# ନବେ ବର୍ଷରେ ଓଡ଼ିଆ ସିନେମା

ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ପ୍ରମୁଖ ଆଧାର ଭାବେ ସିନେମା ଜଗତର ସୃଷ୍ଟି ହୋଇଛି। ଏହି କ୍ରମରେ ଓଡ଼ିଆ ସିନେମାକୁ ଦେଖିଲେ ତାହା ଉତ୍କଳୀୟ ପୃଷ୍ଠଭୂମିର ଅବିଚ୍ଛେଦ୍ୟ ଅଂଶ ରୂପେ ଅଧିଷ୍ଠିତ ଥିବା ପରିଲକ୍ଷିତ ହୁଏ। ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ପାଇବା ପରେ ସାଂସ୍କୃତିକ, ସାମାଜିକ ଏବଂ ରାଜନୈତିକ ବିବର୍ତ୍ତନର ମୁହୂର୍ତ୍ତ ଉନ୍ମୁକ୍ତ ହେଲା। ଏହାର ଠିକ୍ ୨୭ ଦିନପରେ ଅର୍ଥାତ୍ ୧୯୩୬ ମସିହା ଅପ୍ରେଲ ୨୮ ତାରିଖରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ମୁକ୍ତିଲାଭ କଲା। ଏହି ସିନେମାର ସ୍ରଷ୍ଟା ଥିଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ। ପୁରାଣରୁ ରାମସୀତାଙ୍କ ବିବାହ କଥାବସ୍ତୁକୁ ନେଇ ସୀତା ବିବାହ ସିନେମାର ପରିକଳ୍ପନା ହୋଇଥିଲା। ପ୍ରସିଦ୍ଧ ନାଟ୍ୟକାର କାମପାଳ ମିଶ୍ରଙ୍କ ଦ୍ୱାରା ରଚିତ ଏକ ନାଟକର କାହାଣୀକୁ ନେଇ ସୀତା ବିବାହ କୋଲକାତାର କାଳୀ ଫିଲ୍ମସ ଷ୍ଟୁଡିଓରେ ସୁଟିଂ କରାଗଲା। ସର୍ବମୋଟ ୩୦ ହଜାର ଟଙ୍କା ବଜେଟରେ ପ୍ରସ୍ତୁତ ଏହି ସିନେମାର ଅବଧି ଥିଲା ୨ ଘଣ୍ଟା ଏବଂ ଏଥିରେ ୧୪ ଟି ଗୀତକୁ ସ୍ଥାନିତ କରାଯାଇଥିଲା। ସୀତା ବିବାହ ସିନେମା ନିର୍ମାଣ ସମୟରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସବୁଠୁ ବଡ଼ ସମସ୍ୟା ଥିଲା କଳାକାର ଚୟନ, ବିଶେଷ କରି ନାୟିକା ଚୟନ ପାଇଁ ସେ ଚିନ୍ତାରେ ପଡ଼ିଥିଲେ କାରଣ ସେ ସମୟରେ ନାରୀ ମାନଙ୍କ ପାଇଁ ସିନେମାରେ ଅଭିନୟ କରିବା ଉପରେ ସାମାଜିକ ପ୍ରତିବନ୍ଧକ ଲଗାଯାଇଥିଲା କିନ୍ତୁ ଅନେକ ପ୍ରୟାସ ପରେ ଶେଷରେ ଶ୍ରୀମତୀ ପ୍ରଭାବତୀ ଦେବୀ ସୀତା ଭୂମିକାରେ ଅଭିନୟ କରିବା ପାଇଁ ସମ୍ମତି ଜଣାଇଲେ। ସେହିପରି ରାମ ଭୂମିକାରେ ମକ୍ଖନ ଲାଲ୍ ବାନାର୍ଜୀ ଏବଂ ବିଶ୍ୱାମିତ୍ର ଭୂମିକାରେ ସ୍ୱୟଂ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଅଭିନୟ କରିଥିଲେ। ପୁରୀରେ ଥିବା ଜଗନ୍ନାଥ କ୍ଲବର ସଦସ୍ୟ ମାନଙ୍କ ସହଯୋଗ ଏବଂ ପ୍ରେରଣା ଯୋଗୁ ପ୍ରଥମ ଓଡ଼ିଆ ସିନେମା କଟକ, ପୁରୀ, ବ୍ରହ୍ମପୁର ଏବଂ ସମ୍ବଲପୁରରେ ମୁକ୍ତିଲାଭ କରିଥିଲା। ସେତେବେଳେ ଟିକେଟରେ ବିବିଧତା ରହିଥିଲା, ମାଟିରେ ବସି ଦେଖୁଥିବା ଦର୍ଶକଙ୍କ ପାଇଁ ଚାରି ପଇସା ଏବଂ ଖଟ ଉପରେ ବସି ଦେଖୁଥିବା ଦର୍ଶକଙ୍କ ପାଇଁ ଦୁଇଅଣା ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଦୁଃଖର କଥା ହେଉଛି ଏହି ଚଳଚ୍ଚିତ୍ରଟି ସେହିପରି ଆଶାନୁରୂପ ଆର୍ଥିକ ସଫଳତା ପାଇ ପାରିନଥିଲା ଯେଉଁ କାରଣରୁ କାଳୀ ଫିଲ୍ମସ ବନ୍ଦ ହୋଇଗଲା ଏବଂ ଆର୍ଥିକ ଦୁର୍ଦ୍ଦିନତାରେ ପଡ଼ି ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ମାତ୍ର ୪୬ ବର୍ଷ ବୟସରେ ଦେହାନ୍ତ ଘଟିଲା। ତେବେ ସୀତା ବିବାହ ମୁକ୍ତିଲାଭ କରିବାର ଆଗାମୀ ୧୪ ବର୍ଷ ଯାଏ କୌଣସିବି ଓଡ଼ିଆ ସିନେମା ନିର୍ମାଣ ହୋଇପାରିଲା ନାହିଁ ଯାହାର ପ୍ରମୁଖ କାରଣ ଥିଲା ଆର୍ଥିକ ବିଫଳତା କିନ୍ତୁ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୪୮-୪୯ ମସିହାରେ ଶିବ ପ୍ରତାପ ସିଂହଦେଓ ଏବଂ ଗୌର ପ୍ରତାପ ସିଂହଦେଓଙ୍କ ମିଳିତ ଉଦ୍ୟମରେ 'ଗ୍ରେଟ୍ ଇଷ୍ଟର୍ଣ୍ଣ ମୁଭିଟୋନ୍' ନାମକ ଏକ ପ୍ରଯୋଜନା ସଂସ୍ଥା ମୁଣ୍ଡ ଟେକିଲା ଯାହା ଅଧୀନରେ 'ଲଳିତା' ଶୀର୍ଷକ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କଲା। ପ୍ରଥମଥର ପାଇଁ ଚଳଚ୍ଚିତ୍ରର ସମସ୍ତ ପର୍ଯ୍ୟାୟ ଯଥା ନିର୍ଦ୍ଦେଶନା, ପ୍ରଯୋଜନା, ସଙ୍ଗୀତ ଏବଂ ଗୀତରଚନା ଆଦି ବୃତ୍ତିଗତ ଏବଂ ନିଷ୍ଠାପୂର୍ଣ୍ଣ ଭାବେ ପରିଚାଳିତ ହୋଇଥିଲା। ୧୯୫୦ ଦଶକରେ ଓଡ଼ିଆ ସିନେମା ଇତିହାସରେ ପ୍ରଥମ ବ୍ଲକବାଷ୍ଟର ସିନେମା ଶ୍ରୀ ଜଗନ୍ନାଥ ମୁକ୍ତିଲାଭ କରିଥିଲା। ଏହି ଚଳଚ୍ଚିତ୍ରଟି କଟକରେ ୧୦ ସପ୍ତାହ ଏବଂ କୋଲକାତାରେ ୬ ସପ୍ତାହ ପ୍ରଦର୍ଶିତ ହୋଇ ରେକର୍ଡ଼ ସୃଷ୍ଟି କଲା। ୧୯୫୦ ପରେ ପୌରାଣିକ କାହାଣୀରୁ ବାହାରି ସାମାଜିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ଧୀରେ ଧୀରେ ଋଦ୍ଧିମନ୍ତ ହେଲା ଯାହାର ପ୍ରମାଣ ହେଉଛି ସପ୍ତଶଯ୍ୟା (୧୯୫୧), ଆମରି ଗାଁ ଝିଅ (୧୯୫୩), ଭାଇ ଭାଇ (୧୯୫୬) ଇତ୍ୟାଦି। ୧୯୫୮ ରେ ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନ ସ୍ଥାପିତ ହୋଇ ୧୯୫୯ ମସିହାରେ ମହାଲକ୍ଷ୍ମୀ ପୂଜା ଶୀର୍ଷକ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ଯାହାକୁ ପ୍ରଥମଥର ପାଇଁ ହିନ୍ଦୀରେ ଡବିଂ କରାଗଲା। ୧୯୬୦ ଦଶକରେ ଓଡ଼ିଆ ସିନେମା ଜଗତର ସୁବର୍ଣ୍ଣ ଯୁଗ ଆରମ୍ଭ ହେଲା। ୧୫ ଅପ୍ରେଲ ୧୯୬୦ ରେ ଶ୍ରୀ ଲୋକନାଥ କଥାଚିତ୍ର ମୁକ୍ତିଲାଭ କରି ୧୦୦ ଦିନରୁ ଅଧିକ ସମୟ ଯାଏ ପ୍ରଦର୍ଶିତ ହୋଇ ଜାତୀୟ ପୁରସ୍କାର ପାଇଲା। ସେହିପରି ୧୯୭୬ ରେ ଗପ ହେଲେବି ସତ ଶୀର୍ଷକରେ ପ୍ରଥମ ପୂର୍ଣ୍ଣ ଦୈର୍ଘ୍ୟ ରଙ୍ଗୀନ ଓଡ଼ିଆ ଚଳଚ୍ଚିତ୍ର ସାମ୍ନାକୁ ଆସିଲା। ଏହାପରଠାରୁ ଓଡ଼ିଆ ସିନେମା ଜଗତ ଆଉ ପଛକୁ ଫେରି ଚାହିଁନି। ନିଜର ଉଦ୍ୟମ ବଳରେ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ମନଛୁଆଁ ଚଳଚ୍ଚିତ୍ର ଭେଟି ଦେଇଛି ଯଥା ଯାଯାବର, ଅଦିନ ମେଘ, ଘର ସଂସାର, ନାଗଫାଶ, ଚିଲିକା ତୀରେ, ଧରିତ୍ରୀ, ଦଣ୍ଡ ବାଲୁଙ୍ଗା, ହାକିମ ବାବୁ, ସୁନା ଚଢ଼େଇ ଇତ୍ୟାଦି।


-**ଅଧ୍ୟାପକ ରାଜେଶ୍ ରାୟ**, ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ


# ମାଆ'ଟି ମୋର କେତେ ନିଜର, ତା' ପରି କେହି ନାହିଁ !

ଦ୍ୱିତୀୟ ଶ୍ରେଣୀର ନୂଆପାଠ ବହିର ଏହି କବିତାଟି ପଢ଼ିଲେ, ଆମ ସର୍ବଂସହା ମା'ଙ୍କ ପ୍ରତିମା ଆଖି ଆଗରେ ନାଚିଯାଏ, ଯେତେ ବୟସ ବୃଦ୍ଧି ହେଲେ ମଧ୍ୟ ଏହି ପଦଟି ସ୍ମୃତିକୁ ଆସିଗଲେ ଧ୍ୟାନସ୍ଥ ଋଷି ଭଳି 'ମାଆ'ଙ୍କ ସ୍ନେହ, ମମତା, ପ୍ରେମ, ତ୍ୟାଗ, ତାଗିଦ୍ ସବୁ ମନେ ପଡ଼ିଯାଏ। 'ମାଆ' ନାହିଁ ଯା'ର ନାଁ ନାହିଁ'। ମାଆ ଏକମାତ୍ର ପୁତ କନ୍ୟାଙ୍କୁ ଗେହ୍ଲାରେ ଯେଉଁ ନାମ ଧରି ଡାକନ୍ତି ଆଉ କେହି ଡାକନ୍ତିନି, ଏପରକି ବାପା ବି କେତବେଳେ କେଉ ନାମରେ ଡାକନ୍ତି, କିନ୍ତୁ ପୁତ୍ର କନ୍ୟା ଜବାବ ଦେଇଥାନ୍ତି, ମାଆ ଚାଲିଯିବା ପରେ ସେହି ନାମର ମଧ୍ୟ ମୃତ୍ୟୁ ହୋଇଯାଏ। ଏଭଳି ନାମରେ କେହି ଡାକନ୍ତିନି। ମାଟିଘରର କାନ୍ଥ ବାପାହେଲ, ମା' ନଡ଼ାଛପର, ପକ୍କାଘରର କାନ୍ଥ ବାପା ହେଲେ, ମା କଂକ୍ରିଟ୍ ଛାତ। ପିତାସ୍ୱର୍ଗ ହେଲେ, ମାଆ ସ୍ୱର୍ଗଠାରୁ ଆହୁରି ଉଚ୍ଚା। ବାପା, ମାଙ୍କ ମଧ୍ୟରେ ତୁଳନା ଧୃଷ୍ଟତା ମାତ୍ର। ସନ୍ତାନ, ସନ୍ତତିଙ୍କ ପାଇଁ ବାପା ଦେବତା ଓ ମା' ଦେବୀ, ତାଙ୍କୁ ପାଖରେ ପାଇ କୌଣସି ତୀର୍ଥ ଭ୍ରମଣର ଆବଶ୍ୟକତା ନାହିଁ। ଏ ଦୁଇ ଦେବାଦେବୀଙ୍କ ସେବା କରିବାର ସେ ଯାଗ ଯିଏ ପାଇଲା, ସିଏ ଶ୍ରେଷ୍ଠ ପୁତ୍ର ଓ କନ୍ୟା।

ବର୍ତ୍ତମାନ ବାପା, ମା ମାନେ ପୁତ୍ର, କନ୍ୟା, ବୋହୂଙ୍କ ଠାରୁ ଗାଳି, ମାଡ଼, ଭର୍ତ୍ସନା ପାଇଲେ ମଧ୍ୟ ଶ୍ରବଣ କୁମାର ପରି ସନ୍ତାନ ଓ ଶ୍ରବଣ କୁମାରୀ ପରି କନ୍ୟା ଅଛନ୍ତି। କେତେ କନ୍ୟା ବିବାହ କରି ଅବା ଅବିବାହିତ ରହି ବାପା, ମା'ଙ୍କ ସେବାରେ ଅବହେଳା କରିନାହାନ୍ତି। ପିତାମାତାଙ୍କ ଶେଷକୃତ୍ୟରେ ଭାଗନେବା ଜୁଇରେ ଅଗ୍ନିସଂଯୋଗ କରି ମହତ୍ ଆତ୍ମାଙ୍କୁ ବୈକୁଣ୍ଠକୁ ପଠାଇଥାନ୍ତି। ତେଣୁ ବର୍ତ୍ତମାନ ପିତାମାତାଙ୍କ ଆଖିରେ ପୁଅ, ଝିଅଙ୍କ ମଧ୍ୟରେ ତଫାତ ନାହିଁ। ଗୋଟିଏ କନ୍ୟାରେ ମଧ୍ୟ ସେମାନେ ସନ୍ତୁଷ୍ଟ।

ଚୀନରେ ଜଣେ ୩୧ ବର୍ଷୀୟ ଯୁବକ ତାଙ୍କ ମା' ଯିଏ କି ପକ୍ଷାଘାତ ରୋଗରେ ପୀଡ଼ିତା ତାଙ୍କୁ ଲାଭ କରି ସମଗ୍ର ଚୀନର ସବୁ ଦର୍ଶନୀୟ ସ୍ଥାନ ବୁଲାଇବାକୁ ସଂକଳ୍ପ ନେଇଛନ୍ତି। ଏଥିପାଇଁ ସେ ଘର ଓ କାର ମଧ୍ୟ ବିକ୍ରି କରି ଦେଇଛନ୍ତି। ସିଆଓଙ୍କୁ ଯେତବଳେ ୮ବର୍ଷ ହୋଇଥିଲା, ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା ଓ ମା' ଆଉ ବୁଲାବୁଲି କରିପାରିନଥିଲେ।

ସେହିଦିନ ଠାରୁ ସେ ଓ ତାଙ୍କ ବଡ଼ ଭଉଣୀ ଦୁହେଁ ମା'ଙ୍କ ସେବାରେ ଲାଗିଥିଲେ। ପରେ ତାଙ୍କ ମା' "ସେରିବାଲ ଆଟ୍ରୋଫି"ରେ ପୀଡ଼ିତଥିବା ଜଣାପଡ଼ିଲା। ସିଆଓ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସିନଜିଆଙ୍ଗରେ ଏକ ରେସ୍ତୋରାଁ ଖୋଲିଲେ। ତାଙ୍କ ରୋଜଗାରର ଅଧିକ ଭାଗ ମା'ଙ୍କ ପାଇଁ ଖର୍ଚ୍ଚ କରୁଥିଲେ। ଧିରେଧିରେ ତାଙ୍କ ମାଆ ସୁସ୍ଥ ହେବାକୁ ଲାଗିଲେ, ସେ ବିଛଣାରୁ ଉଠିଲେ, ବେଳେ ବେଳେ ହ୍ୱିଲ୍ ଚେୟାରରେ ବୁଲୁଥିବା ବେଳେ ସାହସ ଜୁଟାଇ କେତେ ପାଦ ଚାଲିବାକୁ ସମର୍ଥ ହେଲେ। କିଛିଦିନ ପରେ ସିଆଓ ଜାଣିଲେ ତାଙ୍କ ମାଆଙ୍କର "ସେରିବାଲ ଆଟ୍ରୋଫି"ର ସ୍ଥିତି ଗୁରୁତର ହେଉଛି। ଏହା ପରେ ସେ ବ୍ୟବସାୟ ଉପରେ ଧ୍ୟାନ ଦେବା ବନ୍ଦକରି ମାଆଙ୍କ ସହିତ ଯଥା ସମ୍ଭବ ବିତାଇଲେ। ମାଆଙ୍କୁ ପୂରା ଦେଶ ବୁଲାଇବା ଲକ୍ଷରେ ସେ ବାହାରିପଡ଼ିଲେ। ଅଦ୍ୟାବଧି ସେମାନେ ସିନ୍‌ଜିଆଙ୍ଗର ଅନେକ ପସିଦ୍ଧ ପର୍ଯ୍ୟଟନ ସ୍ଥଳ ବୁଲିସାରିଛନ୍ତି। ବେଜିଂର ତିଆନ୍ ମେନ୍‌ଛକ ଓ ଦି ଗ୍ରେଟ୍ ୱାଲ୍ ପ୍ରଭୃତି ମଧ୍ୟ ଦେଖଛିନ୍ତି। ବର୍ତ୍ତମାନ ସିଆଓଙ୍କ ମା'ଆଉ କଥା କହୁନାହାନ୍ତି, କିନ୍ତୁ ସେ ଅବସାଦ ମୁକ୍ତ ଅଛନ୍ତି, କାରଣ ପୁଅ ପିଠିରେ ଲାଉ ହୋଇ ଯିବା ବେଳେ ସେ ହସୁଛନ୍ତ। ମାଆଙ୍କର ଏହି 'ହସ' ତାଙ୍କ ପାଇଁ ସବୁ କିଛି ବୋଲି ଖୁସିରେ ସିଆଓ କୁହନ୍ତି। "ସିଆଓ"ଙ୍କ ବିଷୟରେ ଅବଗତ ହେବାପରେ ଲକ୍ଷଲକ୍ଷ ଭାରତୀୟ ତାଙ୍କର ନାମ ରଖିଛନ୍ତି, "ଚୀନ୍ ଶ୍ରବଣ କୁମାର"! ସିଆଓ କହନ୍ତି, ଭଲପାଇବା କେବେହେଲେ ଅପେକ୍ଷା କରେନାହିଁ। ପିତୃମାତୃ ଭକ୍ତିରେ ବିଳମ୍ବ କରିବା ଅନୁଚିତ୍। ମନରେ ଭାବିବା ଅପେକ୍ଷା ଆଜିଠାରୁ ସେମାନଙ୍କ ସେବାରେ ଲାଗିପଡ଼ିଲେ ମନରେ ଯେଉ ଶାନ୍ତି ଆସେ ପ୍ରାଚୁର୍ଯ୍ୟ ତାହା ନଥାଏ। ସେ କୁହନ୍ତି ମୁଁ ଯେତେବଳେ ଛୋଟ ଥିଲି ମାଆ ମୋତେ 'ଲାଉ' କରି ବୁଲାଇବାରେ ବହୁତ ଖୁସିପାଉ। ମୋ ମା' ଯେଉଠି, ମୁଁ ସେଇଠି। ମା' ଯେଉଠି ରହିଲା, ତାହା ମୋ ଘର। ବାଲେଶ୍ୱର ଜିଲ୍ଲା ବାରଙ୍ଗିଆ ଗାଁର ନିରଂଜନ ଯାହାଙ୍କ ବୟସ ୫୯ ବର୍ଷ ବିଗତ ୬ ବର୍ଷ ହେବ ତାଙ୍କ ବୃଦ୍ଧାମା' ଯାହାଙ୍କ ବୟସ ୭୭ ବର୍ଷ, ତାଙ୍କୁ କାନ୍ଧରେ ବସାଇ ସେଠାକାର ବିଭିନ୍ନ ମନ୍ଦିର ବୁଲାଉଛନ୍ତି। ବାର୍ଦ୍ଧକତା ହେତୁ ମା' କାଳୀ ଜେନା ଆଉ ଚଲାବୁଲି କରିପାରୁନାହାଁନ୍ତି। ଆଜିକାଲିର ଯୁବପିଢ଼ି ବାପା, ମାଙ୍କୁ ହତାଦର କରୁଥିବା ବେଳେ ନିରଂଜନ ଆଦର୍ଶପୁତ୍ରର ଆଖ୍ୟାଲାଭ କରିଛନ୍ତି। ଯାହାଙ୍କଠାରୁ ଜନ୍ମ ନେଇ ଏ ଦୁନିଆର ଆଲୋକ, ପାଣି, ପବନର ସ୍ପର୍ଶ ନେଇ ଯେଉ ମା କ୍ଷୀର ଦେଇ ବଡ଼ କରିଥାଏ।




**ଅଭିମନ୍ୟୁ ଧଳ**
ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୯୮୬୧୦୪୮୦୫୨


ଯେଉ ବାପା ଦିନ ରାତି ଖଟି ପିଲାଙ୍କ ପାଇଁ ସବୁ କଷ୍ଟ ଭୁଲିଯାଏ, ସେମାନେ ପିଲାଙ୍କ ଭବିଷ୍ୟତ ଉଜ୍ୱଳ ପାଇଁ ସ୍ୱପ୍ନ ଦେଖୁଥାନ୍ତି, ବାର୍ଦ୍ଧକ୍ୟରେ ଉପନୀତ ହେବା ବେଳେ ପୁତ୍ର କନ୍ୟା ରୂପକ ଆଶ୍ରାବାଡ଼ି ଯଦି ହାତରୁ ବାହାରି ଯାଆନ୍ତି, ତେବେ ଭାଗ୍ୟକୁ ନିନ୍ଦିବା ବ୍ୟତୀତ କିଛି ଉପାୟ ନଥାଏ। ଅବସାଦରେ ଘାଣ୍ଟି ହୁଏ ଶେଷ ଜୀବନ ପର୍ଯ୍ୟନ୍ତ। ବାପା, ମା'ଙ୍କ କଷ୍ଟ ସହିନପାରି କେତେ ପୁଅ ଝିଅ ଦେଖୁଥିବା ଭବିଷ୍ୟତର ସ୍ୱପ୍ନ ଭାଂଗେ ଦେଇ ଦେବାଦେବୀଙ୍କ ଯତ୍ନ ନେବାପାଇଁ ନିସ୍ପତ୍ତି ନେଉଛନ୍ତି। ବିଦେଶ ବା ଦେଶରେ ଉଚ୍ଚପଦବୀ, ମୋଟା ଅଙ୍କର ଦରମାକୁ ଆଡ଼େଇ ଦେଇ ବୃଦ୍ଧ, ପିତାମାତାଙ୍କ ନିକଟକୁ ଚାଲି ଆସୁଛନ୍ତି। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଗଡ଼ପୋଷର ସଂଗୀତା ସମାପ୍ତି ସେଠୀ। ମେକାନିକାଲ ଇଂଜିନିୟରିଂରେ ବି.ଟେକ୍ ଡିଗ୍ରି ହାସଲ କରି ଏକ ଆମେରିକୀୟ କଂପାନୀରେ ଯୋଗଦେଇଥିଲେ। ମା' କର୍କଟ ରୋଗରେ ଆକ୍ରାନ୍ତ ହେବାରୁ ମା'ଙ୍କ ସେବାପାଇଁ ଚାକିରି ଛାଡ଼ି ଗାଁକୁ ଚାଲିଆସିଥିଲେ। ମା'ଙ୍କ ଇଛା ପୂରଣ ପାଇଁ ବିବାହ ମଧ୍ୟ କରିଥିଲେ। କିଛିଦିନ ପରେ ମା' ଆରପାରିକୁ ଚାଲିଯିବାପରେ ସେ ଆଉ ଫେରିଲେ ନି ଚାକିରିକୁ। ସ୍ୱାମୀ ବିଦେଶରେ ଚାକିରି କରିଥିଲେ ମଧ୍ୟ ସେ ଗାଁରେ କିଛି ମହିଳାଙ୍କୁ ନେଇ ଧୂପକାଠି ଉଦ୍ୟୋଗ ଆରମ୍ଭ କରି ତାହିତ କୁକୁଡ଼ା ଚାଷରେ ମହିଳାଙ୍କୁ ନିଯୁକ୍ତି ଦେଉଛନ୍ତି। କେବଳ ସଂଗୀତା ନୁହଁନ୍ତି ଏହି ପରି ଅନେକ ପୁଅ, ଝିଅ ନଜିର ସ୍ୱାର୍ଥ ଯୋଗକରି ବାପା, ମା'ଙ୍କୁ ଆଗ କରିଛନ୍ତି।

ଶ୍ରବଣ କୁମାର ଅଂଧ ପିତାମାତାଙ୍କୁ ଭାରରେ ବୋହି ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରୁଥିବା ବେଳେ ବାପା, ମାଙ୍କୁ ଶୋଷ ଲାଗିବାରୁ ଏକ ଜଳାଶୟ ନିକଟକୁ ଯାଇ କଳସୀରେ ପାଣି ଆଣିବା ବେଳେ ଅଦୃଶ୍ୟ ସ୍ଥାନରେ ଥିବା ରାଜା ଦଶରଥଙ୍କ ଶବ୍ଦଭେଦୀ ବାଣ ଶ୍ରବଣ କୁମାରଙ୍କ ବକ୍ଷ ଭେଦକଲା। ରାଜା ସେଠାରେ ପହଞ୍ଚି ଶ୍ରବଣଙ୍କ ଶରୀରର ଶର ବାହାର କରିବା ବେଳେ, ଶ୍ରବଣ ତାଙ୍କୁ ଅନୁରୋଧକଲେ, ମୋତେ ଛାଡ଼ି ମୋ ତୃଷାର୍ତ୍ତ ବାପାମାଙ୍କୁ ପ୍ରଥମେ ଜଳ ନେଇ ଦିଅନ୍ତୁ।" ଦଶରଥ ତାହାହିଁ କଲେ। ଏହା ହେଉଛି ଶ୍ରେଷ୍ଠ ପୁତ୍ରଙ୍କ ତ୍ୟାଗ। ନିଜ ଜୀବନକୁ ପଛକରି ତୃଷାର୍ଥ ପିତା, ମାତାଙ୍କ ତୃଷା ନିବାରଣ କରିଥିଲେ। କେଇଦିନର ଜୀବନ। ଆମକୁ ଯିଏ ସୁନ୍ଦର ଧରଣୀକୁ ଆଣିଛନ୍ତି, ଆମପାଇଁ ସର୍ବଶ୍ୱ ତ୍ୟାଗ କରିଛନ୍ତି। ତାଙ୍କୁ ଅବହେଳା କରିବା ଜନ୍ମଜନ୍ମାନ୍ତରେ ମୁକ୍ତି ନାହିଁ, ପରନ୍ତୁ ତାଙ୍କ ଆଶିର୍ବାଦର ହାତ ଆମ ମୁଣ୍ଡ ଉପରେ ଥିଲେ ସମସ୍ତ ବିପଦ ଟଳିଯିବ। ବାପାଙ୍କ ତ୍ୟାଗ, ମାଙ୍କ ସ୍ନେହ, ମମତା ଆମ ଜୀବନ ପଥ କୁସୁମିତ କରିଥାଏ। ତାଙ୍କ ମୃତ୍ୟୁ ପରେ ମଧ ତାଂକ ଅଦୃଶ୍ୟ ହାତର ଆଶୀର୍ବାଦ ମଧ୍ୟ ରହିଥାଏ।

# ଭାବ, ଅଭାବ, ପ୍ରଭାବ ଓ ସ୍ୱଭାବ

ମଣିଷ ଏକ ସାମାଜିକ ପ୍ରାଣୀ। ସେ ଏକାକୀ ରହିବାକୁ ଭଲ ପାଏ ନାହିଁ। ଏକାଠି ରହିବାକୁ ପସନ୍ଦ କରିଥାଏ। ତା'ସହିତ ମିଶେ ଯାସହିତ ତା ମନ ମିଶେ। ଚିନ୍ତାଧାରା ଖାପ ଖାଏ। କିନ୍ତୁ ଆଜିକାର ଦୁନିଆଁ ଏତେ ମତଲବୀ ଯେ ବିନା ସ୍ୱାର୍ଥରେ କେହି କାହା ସହିତ ମିଶିବାକୁ ପସନ୍ଦ କରିନଥାନ୍ତି। ତଥାପି ମୁଖ୍ୟତଃ ତିନିଗୋଟି କାରଣ ପାଇଁ ମଣିଷ ମଣିଷ ପାଖକୁ ଯାଏ। ଭାବ, ଅଭାବ ଓ ପ୍ରଭାବ। ଯଦି କୌଣସି ବ୍ୟକ୍ତି ଆପଣଙ୍କ ନିକଟକୁ ଭାବରେ ଆସୁଛନ୍ତି ତାଙ୍କୁ ଭାବପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରନ୍ତୁ। ଭାବ ଅର୍ଥ ଖୁସି, ଆନନ୍ଦ, ସନ୍ତୋଷ। ମନେକରନ୍ତୁ ଆପଣଙ୍କ ପଡୋଶୀଙ୍କ ପୁଅ କିମ୍ବା ଝିଅର ବ୍ୟାଙ୍କ ଅଫିସର ଭାବେ ଚୟନ ହେଲା ଓ ସେହି ଖୁସିରେ ତାଙ୍କ ମାତା କିମ୍ବା ପିତା ଆପଣଙ୍କ ପାଖକୁ ଆସି ଜଣେଇଲେ ଯେ ତାଙ୍କ ପୁଅ କିମ୍ବା ଝିଅ ବ୍ୟାଙ୍କ ଅଫିସର ଭାବେ ମନୋନୀତ ହୋଇଛନ୍ତି ତେବେ ଆପଣ ମଧ୍ୟ ତାଙ୍କ ଖୁସିରେ ଖୁସି ହୁଅନ୍ତୁ। ତାଙ୍କ ସହିତ ଭଲରେ ଦୁଇ ପଦ କଥା ହୁଅନ୍ତୁ। ଶୁଭକାମନା ଦିଅନ୍ତୁ। ଶୁଭେଚ୍ଛା ଜାଣନ୍ତୁ। ପୁଅ/ଝିଅକୁ ଆଶୀର୍ବାଦ ଦିଅନ୍ତୁ। ଇର୍ଷାପରାୟଣ ହୁଅନ୍ତୁ ନାହିଁ। ବରଂ ଯଦି ସମ୍ଭବ ଓ ଚାକିରୀ କ୍ଷେତ୍ରରେ ଆପଣଙ୍କ ଅଭିଜ୍ଞତା ରହିଛି ତେବେ କିଛି ସକାରାତ୍ମକ ପରାମର୍ଶ ଦିଅନ୍ତୁ ଯାହା ତାର କାମରେ ଲାଗିବ। ସିଏ ଉପକୃତ ହେବା ସହ ଖୁସି ମଧ୍ୟ ହେବ। ଯଦି ଆପଣଙ୍କ ପୁଅ କିମ୍ବା ଝିଅ ଆଇ.ଏ.ଏସ୍. ଅଛନ୍ତି ତେବେ ମଧ୍ୟ ତାଙ୍କୁ ହୀନ ଚକ୍ଷୁରେ ଦେଖନ୍ତୁ ନାହିଁ। ଏହାର ବିପରୀତ ଯଦି ଆପଣଙ୍କ ପୁଅ କିମ୍ବା ଝିଅ ଚାକିରୀ ଖୋଜି ପାଇପାରୁନାହାନ୍ତି କିମ୍ବା ଛୋଟ ଚାକିରୀ କରୁଛନ୍ତି ତେବେବି ମନରେ ବିଦ୍ୱେଷ ଭାବ ରଖନ୍ତୁ ନାହିଁ।

ଦ୍ୱିତୀୟ ପରିସ୍ଥିତି ହେଲା ଅଭାବ। ମଣିଷକୁ ଅଭାବ ପଡିଲେ ମଧ୍ୟ ମଣିଷ ପାଖକୁ ଯାଏ। ମନର ଭାବ ପ୍ରକାଶ କରେ କିମ୍ବା ସହାୟତା ଲୋଡ଼େ। ଅଭାବ ଅର୍ଥ ଭାବର ଅନୁପସ୍ଥିତି। ଦୁଖ, ନିରାନନ୍ଦ, ଆର୍ଥିକ ଅସ୍ୱଚ୍ଛଳତା ଓ ଆବଶ୍ୟକତା ଆଦି। ମନେକରନ୍ତୁ ଆପଣଙ୍କ ଜଣେ ପରିଚିତ ବ୍ୟକ୍ତିଙ୍କ ପାଖରେ ନିଜ ପୁଅ କିମ୍ବା ଝିଅର ଚିକିତ୍ସା କରିବାକୁ ହଠାତ୍ କିଛି ପଇସାର ଜରୁରି ଦରକାର ପଡିଲା। ସିଏ ଆପଣଙ୍କ ଉପରେ ଭରସା କରି କିଛି ଟଙ୍କା ଧାର ସୂତ୍ରରେ ମାଗିଲେ। ଯଦି ଆପଣ ସମର୍ଥ ତେବେ ତାଙ୍କୁ ନିଶ୍ଚୟ ସାହାଯ୍ୟ କରନ୍ତୁ। ତାଙ୍କ ଦୁଖରେ ପ୍ରତିଭାଗୀ ହୁଅନ୍ତୁ। ସମ୍ବେଦନା ଜାଣନ୍ତୁ। ରୋଗରେ ପୀଡିତ ପୁଅ କିମ୍ବା ଝିଅର ଆଶୁ ଆରୋଗ୍ୟ କାମନା କରନ୍ତୁ। ତାଙ୍କୁ ନିରୁହିତ କରନ୍ତୁ ନାହିଁ। ନୈତିକ ସମର୍ଥନ ଜଣାନ୍ତୁ। ଭବିଷ୍ୟତରେ ଦରକାର ହେଲେ ଅକୁଣ୍ଠିତ ସାହାଯ୍ୟ ମାଗିବାକୁ ଉାହିତ କରନ୍ତୁ। ଅଭାବ କେବଳ ଆର୍ଥିକ ଦୁସ୍ଥିତି କିମ୍ବା ପଇସାର ଅନୁପଲବ୍ଧତା ମଧ୍ୟରେ ସୀମିତ ନୁହଁ। ଏହା ପାରିବାରିକ ଗଣ୍ଡଗୋଳ, ମାନସିକ ଅଶାନ୍ତି, ଅପମାନ, ଅପଶବ୍ଦ କିଛିବି ହୋଇପାରେ। ଆପଣଙ୍କୁ ବିଶ୍ୱାସ କରି ସିଏ ତାଙ୍କ ଦୁଖ କିମ୍ବା ଯନ୍ତ୍ରଣା ଆପଣଙ୍କ ସହ ବାଣ୍ଟୁଛନ୍ତି। ତାର ଅଯଥା ଲାଭ ଉଠାନ୍ତୁ ନାହିଁ। ତାଙ୍କଠୁ ମୁହଁ ଫେରାନ୍ତୁ ନାହିଁ। ଧୈର୍ଯ୍ୟର ସହିତ ତାଙ୍କ କଥା ଶୁଣନ୍ତୁ। ଦୁଖ ବୁଝନ୍ତୁ। ଆଶ୍ୱାସନା ଦିଅନ୍ତୁ। ହତୋତ୍ସାହିତ କିମ୍ବା ଦୁର୍ବଳ ନହେବାକୁ ବୁଝାନ୍ତୁ। ଦୁଖ ବାଣ୍ଟିଲେ କମେ ଏବଂ ସୁଖ ବାଣ୍ଟିଲେ ବଢେ। ତାଙ୍କ କଥା ନିଜ ପେଟରେ ରଖନ୍ତୁ। ଏକାନରୁ ସେକାନ କରନ୍ତୁ ନାହିଁ। କାରଣ ତୁଣ୍ଡ ବାଇଦ ସହସ୍ର କୋଶ। ଅଧିକ ଲୋକ ଜାଣିଲେ ହୁଏତ ସେ ଲଜ୍ଜିତ କିମ୍ବା ଅପମାନିତ ହୋଇପାରନ୍ତି। ତେଣୁ ସହାୟତା ସହିତ ସତର୍କତା ମଧ୍ୟ ଜରୁରି। ସମ୍ବେଦନା ସହ ସଂଯମ ମଧ୍ୟ ଆବଶ୍ୟକ। ତେବେଯାଇ ବିଶ୍ୱାସ ବଢିବ। ସମ୍ପର୍କ ସୁଦୃଢ ହେବ।

ତୃତୀୟ ପରିସ୍ଥିତି ପ୍ରଭାବ। ଆପଣଙ୍କର ସ୍ୱଭାବର ପ୍ରଭାବରେ ଆକର୍ଷିତ ହୋଇ ଲୋକେ ଆପଣଙ୍କ ପାଖକୁ ଆସିପାରନ୍ତି। ଯଦି ଇମିତି ହେଉଛି ତେବେ ଆପଣ ମହାନ, ଭାଗ୍ୟବାନ। ଏହା ବିଶ୍ୱନିୟନ୍ତାଙ୍କ ବରଦାନ। ଈଶ୍ୱରଙ୍କ ଆଶୀର୍ବାଦ। କୃଷ୍ଣଙ୍କ କୃପା। ଏମିତିରେ ଆପଣ ଅହଙ୍କାରୀ ହୁଅନ୍ତୁ ନାହିଁ। ଆତ୍ମଗର୍ବ ଓ ଅଭିମାନ କରନ୍ତୁ ନାହିଁ। ଲୋକଙ୍କୁ ପରାମର୍ଶ ଦିଅନ୍ତୁ। ପ୍ରତାରଣା କରନ୍ତୁ ନାହିଁ। ଲୋକଙ୍କୁ ଅଣଦେଖା ଅନାଦର କରନ୍ତୁ ନାହିଁ। ଭଦ୍ର ଆଚରଣ କରନ୍ତୁ। ଠିକ୍ ଠିକ୍ ଉତ୍ତର ରଖନ୍ତୁ। ପକ୍ଷପାତି ହୁଅନ୍ତୁ ନାହିଁ। ଅନ୍ୟକୁ ପକ୍ଷପାତର ପାତ୍ର ହେବାକୁ ଦିଅନ୍ତୁନାହିଁ। ଜଗିରଖି ଚଳନ୍ତୁ। ଯିମିତି ଆପଣଙ୍କ ଚିତ୍ର ଓ ଚରିତ୍ର ଅକ୍ଷୁର୍ଣ୍ଣ ରହିବ। ଉଚ୍ଚାରଣ ଓ ଆଚରଣ ସମନ୍ୱିତ ରହିବ। ଭାବ ଏବଂ ଅଭାବରେ ମଣିଷ ଅନ୍ୟ ମଣିଷ ନିକଟକୁ ପ୍ରାୟତଃ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଯାଏ। କିନ୍ତୁ ପ୍ରଭାବୀ ମଣିଷ ନିଜେ ଯାଏ ନାହିଁ। ଲୋକେ ଆକର୍ଷିତ ହୋଇ ଆସନ୍ତି। ଯିମିତି ଲୁହାକୁ ଚୁମ୍ବକ ଆକର୍ଷଣ କରେ। ଏଥିରେ ଲୁହା ଅପେକ୍ଷା ଚୁମ୍ବକର ପ୍ରାଧାନ୍ୟ ଅଧିକ ଥାଏ। ଚୁମ୍ବକତ୍ୱ କମିଲେ ଲୁହା ମଧ୍ୟ ଚୁମ୍ବକର ବୋଲ ମାନେ ନାହିଁ। ଆକର୍ଷିତ ହୁଏ ନାହିଁ। ଚୁମ୍ବକ ତା ନିଜର ନିଜତ୍ୱ ହରାଇବସେ। ଭାବି ଓ ଅଭାବୀଙ୍କ ତୁଳନାରେ ପ୍ରଭାବୀ ବ୍ୟକ୍ତି ଅଧିକ ପୂଜାସ୍ପଦ। ତେଣୁ ସେମାନେ ଅଧିକ ସଚେତନ, ସଂଯମୀ ଓ ସଦାଚାରୀ ହେବା ଆବଶ୍ୟକ। ମଣିଷକୁ ମଣିଷ ଭଳି ବ୍ୟବହାର ପ୍ରଦର୍ଶନ ପ୍ରତ୍ୟେକ ମଣିଷର ଧର୍ମ। ସିଏ ଭାବି ହେଉ କିମ୍ବା ଅଭାବୀ। ଭାବ, ଅଭାବ ଓ ପ୍ରଭାବ ମଣିଷର ସ୍ୱଭାବ ନିର୍ଦ୍ଧାରଣ କରିଥାଏ।




**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦


# ପ୍ରଥା...

ସ୍ୱାମୀଙ୍କର ମୃତ୍ୟୁ ଖବର ପୁଣି ଥରେ ତାଜା କରିଦେଲା ସୀତାର ଛାତି ତଳର କ୍ଷତକୁ। ଏଇ କିଛି ମାସ ତଳେ ତ ସେ ଆଖିରେ ଅସୁମାରୀ ସ୍ୱପ୍ନ ନେଇ ଅକ୍ଷତ ସୁହାଗ ଆଉ ସୁଖ- ସମୃଦ୍ଧିର କାମନା ସହିତ ଅକ୍ଷତ ପୂର୍ଣ୍ଣ କଳସକୁ ଡାହାଣ ପାଦରେ ଠେଲି କୁଙ୍କୁମର ଛାପ ଛାଡ଼ି ଗୃହ ପ୍ରବେଶ କରିଥିଲା ସେ ସ୍ୱାମୀ ସହିତ। ହେଲେ ସବୁ ସ୍ୱପ୍ନ ଆଉ ଆଶା ତା'ର ଧୂଳିସାତ୍ ହେଇଗଲା ପ୍ରଥମ ରାତିରୁ। ସେ ଜାଣି ପାରିଲା ଯାହାର ହାତ ଧରି ଏ ଘରକୁ ଆସିଛି ସେ ତା' ମନର ମଣିଷ ନୁହେଁ। ସେ ହେଉଛି ଗୋଟିଏ ରଙ୍ଗୀନ୍ ମିଜାଜ୍ର ଲୋକ। ତାକୁ ନିଜର ସଂସ୍କାର ଆଉ ପାଠ-ଶାଠ ଉପରେ ବହୁତ ଭରସା ଥିଲା। ସେ ଭାବିଲା ପରିସ୍ଥିତି ଯେମିତି ହେଇଥାଉ ନା' କାହିଁକି ସେ ନିଜର ଧୈର୍ଯ୍ୟ,ସେବା ଆଉ ପ୍ରେମରେ ସମ୍ଭାଳି ନେବ ସବୁ କିଛି। ଏହି ଆତ୍ମ- ବିଶ୍ୱାସରେ ସେ ନିଶାରେ ଟଳମଳ ହେଉଥିବା ସ୍ୱାମୀକୁ ଶୁଆଇ ଦେଲା ଖଟ ଉପରେ। ମଧୁଚନ୍ଦ୍ରିକା ପାଇଁ ଫୁଲରେ ସଜା ହୋଇଥିବା ଖଟରେ ଥିବା ଫୁଲର ସୁଗନ୍ଧ ଦବି ଯାଇଥିଲା ମଦର ଉତ୍କଟ ଗନ୍ଧରେ।

ଏହି କ୍ରମ ପ୍ରତିଦିନ ଚାଲିଲା। ବୁଝେଇବାକୁ ସେ ଚେଷ୍ଟା କରିବାରୁ କଥା ପହଞ୍ଚିଗଲା ମାର-ପିଟ ପର୍ଯ୍ୟନ୍ତ। ସ୍ୱାମୀଙ୍କର ଆସୁରିକ ପ୍ରବୃତ୍ତି ସହିତ ନିତିଦିନ ସାମନା ହେଉଥିଲା ତା'ର। କେବେ ସିଗାରେଟ୍ର ଚେଙ୍କ ତ କେବେ ବେଲ୍ଟ ମାଡ,କେବେ ଚାପୁଡା, କେବେ କାମୁଡା ତ ଆଉ କେତବଳେ ଚୁଟି ଟାଣି ଲାତ ଗୋଇଠା। ତା'ର ଚିତ୍କାର ଆଉ କାନ୍ଦଣା ଶୁଣି ସେ ରାକ୍ଷସ ପରି ହସେ ଆଉ ଦାନ୍ତ ଦେଖାଏ। ନିତିଦିନ ତା' ଶରୀରରେ କ୍ଷତ ସଂଖ୍ୟା ବଢ଼ି ବଢ଼ି ଚାଲିଲା। ସବୁ ଦେଖି ସବୁ ଶୁଣି ମଧ୍ୟ ଶାଶୁ-ଶଶୁର ଥିଲେ ନିର୍ବିକାର। କାହିଁକିନା ଦାୟିତ୍ୱ ମୁଣ୍ଡରେ ପଡିଲେ ସୁଧୁର ଯିବ ଭଳି ଚିନ୍ତାଧାରର ପ୍ରତି-ଫଳନ ପାଇଁ ତାକୁ ମୋହରା ବନେଇ ଅଣା ଯାଇଥିଲା ଏହି ଘରକୁ। ଏତେ ସବୁ ସହିଲା ପରେ ବି ହାର ମାନିଲାନି ସେ। ସ୍ୱାମୀଙ୍କୁ ମନୋଚିକିତ୍ସକଙ୍କ ପାଖକୁ ନେଇ କରି ଗଲା ହେଲେ ଶେଷରେ ହାରିଗଲା କୋମଳ ମନର ଭାବନା ପ୍ରଥମେ ପ୍ରଥମେ ପ୍ରେମ ଆଉ ତା'ପରେ ଦୟା ଆଉ ଶେଷରେ ଧୀରେ ଧୀରେ ପରିଣତ ହେଲା ଘୃଣାରେ। ଜଣେ ମଣିଷ କେମିତି ଏତେ ଦୁଷ୍ଟ ହୋଇପାରେ? କେମିତି ଜଣଙ୍କୁ କଷ୍ଟ ଦେଇ ଏତେ ଖୁସି ପାଇ ପାରେ? ଆଶା-ନିରାଶାର ଦ୍ୱନ୍ଦ ଭିତରେ ଏମିତି ବିତିଗଲା ମାସ ପରେ କିଛିମାସ। ମା'-ବାପାଙ୍କର ମାନ-ସମ୍ମାନ ଆଉ କାଳେ ସ୍ୱାମୀ ଦିନେ ବଦଳି ଯିବେ ଏହି ଆଶାରେ ସେ ସହି ଚାଲିଥିଲା ସବୁ ଦୁଖ କଷ୍ଟ। ହେଲେ ଦିନେ ଯେତବଳେ ଯନ୍ତ୍ରଣା ସହିବାର ସୀମାଠୁ ବଳି ପଡିଲା ସେତବଳେ ତା' ଭିତରର ସ୍ତ୍ରୀ ଦୃଢ ନିଶ୍ଚୟ କଲା,କି ଏବେ ବାସ୍ ବହୁତ ହେଇଗଲା ଆଉ ଦିନେ ସେ ଘର ଛାଡି ଚାଲି ଆସିଲା।

ଝିଅ ଚାଲ୍ ଏବେ। ମୁଁ ଜାଣିଛି ତୁ ସେ ଘରକୁ ଆଉ ଫେରିବୁନି ବୋଲି ପ୍ରଣ କରି ଦିନେ ଚାଲି ଆସିଥିଲୁ ଏଠାକୁ। ହେଲେ ଏବେ ତତେ ଯିବାକୁ ପଡିବ? ଆମ ପ୍ରଥା ହିସାବରରେ ବିଧବା ହେଲେ ଗୋଟିଏ ନାରୀକୁ ଅନେକ କିଛି ନୀତି ନିୟମ ପାଳିବାକୁ ହେବ? ବାପାଙ୍କ କଥାରେ ସେ ଫେରି ଆସିଲା ବର୍ତ୍ତମାନକୁ। ବିଧବା..ହୁ! ସଧବା ହେବାରେ ମୁଁ କେଉ ଖୁସି ପାଇଛି ଯେ ଆଜି ବିଧବା ହେବାରେ ଦୁଖ କରିବି! ଆଉ ପ୍ରଥା.. କେମିତିକା ପ୍ରଥା..କେମିତିକା ରୀତି-ନୀତି ବାପା! ଯିଏ ଜୀବନର ମୂଲ୍ୟ ଜାଣି ପାରିଲା ନାହିଁ ଆଜି ତା' ମୃତ୍ୟୁରେ ଶୋକ..! ମୋ ଚୁଡି, ମଙ୍ଗଳସୂତ୍ର, ପାଉଜି ଏସବୁ ତା' ଶବ ସହିତ ରଖା ହେବ ତ..। ଏସବୁ ତୁମେ ନେଇଯାଅ ବାପା..ଆଉ ପଠେଇ ଦିଅ ତାଙ୍କ ଘରକୁ,ଆଉ ଏହି ଶେଷ ବୋଝରୁ ମୋତେ ଆଜି ମୁକ୍ତି ଦେଇ ଦିଅ।




**ଦେବସ୍ମିତା ବେହେରା**
ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍, ୟୁନିଟ୍-
୯(ଫ୍ଲାଟ), ଭୁବନେଶ୍ୱର-୨୨

# ବିହାରରେ ଭୁଷୁଡ଼ିଲା ଓଭରବ୍ରିଜ



ପାଟନା, ୪।୫:ସୋମବାର ସାରା ଦେଶର ନଜର ରହିଛି ନିର୍ବାଚନ ଫଳାଫଳ ଉପରେ । ୪ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ଫଳାଫଳ ପ୍ରକାଶ ପାଇଛି। ଏସବୁ ଭିତରେ ବିହାରରୁ ଆସିଛି ଏକ ଭୟଙ୍କର ଘଟଣା । ଏଠାରେ ଏକ ଓଭରବ୍ରିଜ୍ ଭୁଶୁଡି ପଡିଛି । ରିପୋର୍ଟ ଅନୁସାରେ, ରବିବାର ବିଳମ୍ବିତ ରାତ୍ରରେ ବିହାରର ଭାଗଲପୁରରେ ଏକ ବଡ ଅଘଟଣ ଘଟିଛି । ତେବେ ଏଥିରୁ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗଙ୍ଗା ନଦୀରେ ନିର୍ମାଣ କରାଯାଇଥିବା ବିକ୍ରମଶିଳା ବ୍ରିଜର ଏକ ଅଂଶ ହଠାତ ଭୁଶୁଡି ପଡିଥିଲା । ସ୍ଥାନୀୟ ଅଧିକାରୀମାନେ ତୁରନ୍ତ ଲୋକଙ୍କୁ ସେଠାରୁ ହଟାଇ ନେଇଥିଲେ । ତେଣୁ କାହାରି କିଛି କ୍ଷତି ଘଟିନାହିଁ । ଜିଲ୍ଲାପାଳ ନବଲ କିଶୋଲ ଚୌଧରୀଙ୍କ କହିବାନୁସାରେ, ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଅଧିକାରୀ ଏବଂ ଆଇଆଇସି ସତର୍କତାପୂର୍ବକ ଲୋକଙ୍କୁ ଉଦ୍ଧାର କରିଛନ୍ତି । ଫଳରେ ବଡ ବିପଦ ଟଳିଯାଇଛି । ବ୍ରିଜଟି ପ୍ରଥମେ ଭାଙ୍ଗିଯିବ ବୋଲି ଜଣାପଡିଥିଲା । ଏହାପରେ ଲୋକଙ୍କୁ ହଟାଯାଇଥିଲା। ଏଥିରେ ପ୍ରାୟ ୧୫ମିନିଟ୍ ଲାଗିଥିଲା। ଯାହାପରେ ବ୍ରିଜର କିଛି ଅଂଶ ଭୁଶୁଡି ପଡିଥିଲା । ଏହାର ସ୍ଲାବ୍ ଗଙ୍ଗା ନଦୀରେ ପଡିଥିଲା। ଅଘଟଣ ପରେ ବ୍ରିଜର ଉଭୟ ପାର୍ଶ୍ୱକୁ ସିଲ୍ କରାଯାଇଛି । ବ୍ରିଜ୍ ଉପରେ ସମସ୍ତ ଗାଡି ଚଳାଚଳ ଉପରେ ରୋକ୍ ଲାଗିଛି । ପ୍ରଶାସନ ପକ୍ଷରୁ ଆହୁରି

- ★ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଲୋକେ
- ★ ୨୦୦୧ ମସିହାରେ ହୋଇଥିଲା ନିର୍ମାଣ

କୁହାଯାଇଛି ଯେ, ବ୍ରିଜ୍ ଭାଙ୍ଗିଲା ପରେ ଅନ୍ୟ କୌଣସି ବିକଳ୍ପ ରାସ୍ତା ତିଆରି ହୋଇନାହିଁ । ରାତି ହୋଇଥିବାରୁ ଏହା ସମ୍ଭବପର ହୋଇପାରି ନଥିଲା । ତେଣୁ ଲୋକେ ମୁଙ୍ଗେର ରାସ୍ତା ଦେଇ ଯିବା ଆସିବା କରିବାକୁ କୁହାଯାଇଛି । ସୂଚନାଯୋଗ୍ୟ, ବ୍ରିଜଟି ୨୦୦୧ମସିହାରେ ନିର୍ମାଣ କରାଯାଇଥିଲା । ସେତେବେଳେ ଏଥିରେ୨୦୦କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଯାହା ସାଢେ଼୪କିଲୋମିଟର ଲମ୍ବା ହୋଇଥିବା ବେଳେ ପ୍ରତିଦିନ ହଜାର ହଜାର ଗାଡିମଟର ଏଠାରେ ଚଳପ୍ରଚଳ କରେ ।

## ପଶ୍ଚିମବଙ୍ଗରେ ହେବନି ବିଜୟ ରାଲି

ପ.ବଙ୍ଗ,୪।୫: କୋଲକାତା ପୁଲିସ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭୋଟ ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ପୁଲିସ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । କୋଲକାତା ପୁଲିସ କହିଛି ଯେ ସମ୍ପୂର୍ଣ୍ଣ ଗଣନା ପ୍ରକ୍ରିୟା ସମାପ୍ତ ହେବା ସୁନିଶ୍ଚିତ କରିବା ପାଇଁ ଭୋଟ ଗଣନା ଦିନସାରା ଜାରି ରହିବ । କୋଲକାତା ପୁଲିସର କ୍ଷେତ୍ରାଧିକାର ମଧ୍ୟରେ ସାର୍ବଜନୀନ ଶୃଙ୍ଖଳା, ଶାନ୍ତି ଏବଂ ସଦ୍ଭାବନା ବଜାୟ ରଖିବା ପାଇଁ, ଏହା ଦ୍ୱାରା ସୂଚିତ କରାଯାଉଛି ଯେ ୪ ମଇ, ୨୦୨୬ ରେ ନିର୍ବାଚନ ଫଳାଫଳ ସହିତ ଜଡିତ କୌଣସି ବିଜୟ ଶୋଭାଯାତ୍ରା, ରାଲି କିମ୍ବା ସାର୍ବଜନୀନ ଉତ୍ସବ ଅନୁଷ୍ଠିତ ହେବ ନାହିଁ । ଏହି ନିଷେଧ ସମସ୍ତ ରାଜନୈତିକ ଦଳ କିମ୍ବା ଗୋଷ୍ଠୀ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ହେବ, ବ୍ୟତିକ୍ରମ ବିନା। ଯଦି କୌଣସି ବିଜୟ ଶୋଭାଯାତ୍ରା ଥାଏ, ତେବେ ତାହା କେବଳ ୫ ମଇ, ୨୦୨୬ ରେ କିମ୍ବା ତା'ପରେ, ସମ୍ପୃକ୍ତ ପୁଲିସ ଷ୍ଟେସନର ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ପୂର୍ବ ଅନୁମତି ନେବା ପରେ ଅନୁଷ୍ଠିତ ହୋଇପାରିବ।

# ମହାକାଶରେ ଭାରତର ଗାଲାକ୍ସିଆଇ

- ଉ ସ୍ପେସ୍ଏକ୍ସ'ରେ ଉଡିବ ଦେଶୀ ଉପଗ୍ରହ
- ଉ ପୃଥିବୀ ପୃଷ୍ଠର ନିରନ୍ତର ରଖିବ ନଜର
- ଉ ପାକିସ୍ତାନ ଏବଂ ଚୀନର ବଢିଲା ଚିନ୍ତା
- ଉ ଯେକୌଣସି ପାଣିପାଗରେ ସ୍ପଷ୍ଟ ଫଟୋ ଉତ୍ତୋଳନ କରିପାରିବ 'ଦୃଷ୍ଟି



ନୂଆଦିଲ୍ଲୀ,୪।୫ : ବେଙ୍ଗାଲୁରୁ ସ୍ଥିତ ଭାରତୀୟ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ 'ଗାଲାକ୍ସିଆଇ' ନିଜର ପ୍ରଥମ ଉପଗ୍ରହ 'ଦୃଷ୍ଟି' ମିଶନ ଲଞ୍ଚ କରିଛି। ଏହି ସାଟେଲାଇଟ୍‌କୁ ଆମେରିକାର ଘରୋଇ ମହାକାଶ କମ୍ପାନୀ 'ସ୍ପେସ୍ଏକ୍ସ'ର ଫାଲକନ୍ ୯ ରକେଟ୍ ସାହାଯ୍ୟରେ ମହାକାଶକୁ ପଠାଯାଇଛି। କାଲିଫର୍ଣ୍ଣିଆସ୍ଥିତ ଭେଣ୍ଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ ଏହି ପ୍ରକ୍ଷେପଣ କରାଯାଇଛି। ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ର ପାଇଁ ଏହି ମିଶନକୁ ଏକ ବଡ଼ ସଫଳତା ଭାବେ ବିଚାର କରାଯାଉଛି, କାରଣ ଏହା ଦେଶର ବୈଷୟିକ ଦକ୍ଷତାକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେବ। 'ଦୃଷ୍ଟି' ଉପଗ୍ରହର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଅତ୍ୟାଧୁନିକ ଅପ୍ଟୋ ଏସ୍ଏଆର ପ୍ରଯୁକ୍ତିବିଦ୍ୟା। ଏହି ଟେକ୍ନୋଲୋଜି ଅପ୍ଟିକାଲ୍ ଇମେଜିଙ୍ଗ ଏବଂ ସିନ୍ଥେଟିକ୍ ଆପର୍ଚର ରାଡାରର ଏକ ମିଶ୍ରଣ, ଯାହା ଫଳରେ ଏହି ଉପଗ୍ରହ ଦିନ-ରାତି ଏବଂ ଯେକୌଣସି ପାଣିପାଗରେ କାମ କରିବାକୁ ସକ୍ଷମ। ସାଧାରଣ ଉପଗ୍ରହଗୁଡ଼ିକ ମେଘୁଆ ପାଗ, ବର୍ଷା କିମ୍ବା ଅନ୍ଧାରରେ ସ୍ପଷ୍ଟ ଚିତ୍ର ନେଇପାରନ୍ତି ନାହିଁ, କିନ୍ତୁ 'ଦୃଷ୍ଟି' ଏହି ସମସ୍ତ ବାଧା ସତ୍ତ୍ୱେ ସଠିକ୍ ଏବଂ ସ୍ପଷ୍ଟ ଫଟୋ ଉତ୍ତୋଳନ କରିପାରିବ। ଏହାଦ୍ୱାରା ପୃଥିବୀ ପୃଷ୍ଠର ନିରନ୍ତର ନଜର ରଖିବା ସମ୍ଭବ ହେବ। ପ୍ରାୟ ୧୯୦ କିଲୋଗ୍ରାମ ଓଜନର ଏହି ଉପଗ୍ରହ ଭାରତୀୟ ଘରୋଇ କ୍ଷେତ୍ର ଦ୍ୱାରା ବିକଶିତ ପ୍ରମୁଖ ଉପଗ୍ରହ ମଧ୍ୟରୁ ଅନ୍ୟତମ। ମହାକାଶରେ ହିଁ ତଥ୍ୟ (ଉବସ୍ଥବ) ପ୍ରକ୍ରିୟାକରଣ କରିବା ପାଇଁ ଏଥିରେ ଏକ ଇଓ ଆଧାରିତ ସିଷ୍ଟମ୍ ଲଗାଯାଇଛି, ଯାହା ଶୀଘ୍ର ଉପଯୋଗୀ ସୂଚନା ପ୍ରସ୍ତୁତ କରିବ। ଏହି ପ୍ରଯୁକ୍ତିବିଦ୍ୟା କୃଷି, ବିପର୍ଯ୍ୟୟ ପରିଚାଳନା, ସହରୀ ଯୋଜନା, ସାମୁଦ୍ରିକ ନଜର ଏବଂ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟବହୃତ ହୋଇପାରିବ। ବିଶେଷ କରି ବିପର୍ଯ୍ୟୟ ସମୟରେ 'ରିଅଲ-ଟାଇମ୍ ଇମେଜିଙ୍ଗ' ସାହାଯ୍ୟରେ ଉଦ୍ଧାର କାର୍ଯ୍ୟରେ ଅନେକ ସହାୟତା ମିଳିବ। ଏହି ମିଶନ ଭାରତର ବଢୁଥିବା ସ୍ପେସ୍ ଷ୍ଟାର୍ଟଅପ୍ ପଦକ୍ଷେପକୁ ଆହୁରି ମଜବୁତ କରିବ। 'ଦୃଷ୍ଟି'ର ସଫଳ ପ୍ରକ୍ଷେପଣ ପରେ 'ଗାଲାକ୍ସିଆଇ' ଭବିଷ୍ୟତରେ ଏଭଳି ଅନେକ ଉପଗ୍ରହ ନିର୍ମାଣ କରିବାକୁ ଯୋଜନା କରୁଛି, ଯାହା ଦ୍ୱାରା ସମଗ୍ର ପୃଥିବୀ ଉପରେ ନିରନ୍ତର ନଜର ରଖାଯାଇ ପାରିବ। ଏହାଦ୍ୱାରା ଭାରତକୁ ରଣନୈତିକ ଏବଂ ଅର୍ଥନୈତିକ ଉଭୟ ଦୃଷ୍ଟିରୁ ଲାଭ ମିଳିବ ବୋଲି ଆଶା କରାଯାଉଛି। ଏହାସହ, ବିଶ୍ୱ ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶ ଏକ ଶକ୍ତିଶାଳୀ ସ୍ଥାନ ହାସଲ କରିପାରିବ। ଏହି ମିଶନ ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ଚୀନର ମଧ୍ୟ ଚିନ୍ତା ବଢ଼ାଇବାକୁ ଯାଉଛି।

# ଚୀନ୍ କମ୍ପାନୀର ଧମକରେ ଡରିଗଲେ ଶେହବାଜ

## ଗଧମାଂସ ରପ୍ତାନି କରିବାକୁ ଦେଲେ ତୁରନ୍ତ ଅନୁମତି



ଇସଲାମାବାଦ,୪।୫: ପାକିସ୍ତାନର ଶେହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାର ଗଧ ମାଂସ ରପ୍ତାନି ପାଇଁ ଚୀନ୍‌ର ଏକ କମ୍ପାନୀକୁ ତରବରରେ ଅନୁମତି ପ୍ରଦାନ କରିଛନ୍ତି। ଅନୁମୋଦନରେ ବିଳମ୍ବ ଉପରେ କ୍ଷୋଭ ପ୍ରକାଶ କରି ଚୀନ୍ କମ୍ପାନୀ ଘୋଷଣା କରିଥିଲା ଯେ ଯଦି ବିଳମ୍ବ ଜାରି ରହେ ତେବେ ଏହା ପାକିସ୍ତାନରେ କାର୍ଯ୍ୟ ବନ୍ଦ କରିବ। କମ୍ପାନୀ ଅନ୍ୟ ଚୀନ୍ ନିବେଶକମାନଙ୍କୁ ପାକିସ୍ତାନରେ ନିବେଶ କରିବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ମଧ୍ୟ ଚେତାବନୀ ଦେଇଥିଲା। ପରବର୍ତ୍ତୀ ସମୟରେ, ଶନିବାର ପାକିସ୍ତାନ ସରକାର ଗଧ ମାଂସ ରପ୍ତାନି କରିବାକୁ କମ୍ପାନୀକୁ ଅନୁମତି ପ୍ରଦାନ କରିଥିଲେ। ଟ୍ରିବ୍ୟୁନ୍ ରିପୋର୍ଟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିବା ପରେ ଶୁକ୍ରବାର ଏହି ମାମଲାର ସମାଧାନ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବାର୍ତ୍ତା ପାଇବାର କିଛି ଘଣ୍ଟା ମଧ୍ୟରେ କ୍ୟାବିନେଟର ଅନୁମୋଦନ ମିଳିଥିଲା ଏବଂ ପଶୁ କ୍ୱାରେଣ୍ଟାଇନ୍ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିଲା। ଚୀନକୁ ଗଧ ମାଂସ ରପ୍ତାନି ପାଇଁ ଏହି ଅନୁମୋଦନ ମାସ ମାସ ଧରି ପଡ଼ି ରହିଥିଲା। ଏହି ପ୍ରକ୍ରିୟା ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଏବଂ ଶନିବାର ଦିନ ସବୁକିଛି ଫାଇନାଲ୍ ହୋଇଥିଲା। ପାକିସ୍ତାନ ସରକାରୀ ଅଧିକାରୀମାନେ ଚୀନ୍ କମ୍ପାନୀ ଉପରେ ରପ୍ତାନି ପାଇଁ ପଶୁ ପ୍ରଜନନ ଏବଂ ଅନ୍ତର୍ଜାତୀୟ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବାର ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି। ସରିଫ ଏହି ମାସ ଶେଷରେ ଚୀନ୍ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି। ଏହି ସମସ୍ୟା ସେଠାରେ ଉଠାଇ ପାରନ୍ତି, ଏଭଳି ସ୍ଥିତିରେ ଏହାକୁ ଜରୁରୀକାଳୀନ ସ୍ତରରେ ସମାଧାନ କରାଯାଇଛି। ହାଙ୍ଗେଙ୍ଗ ଟ୍ରେଡ୍ ଗ୍ୱାଦର ନର୍ଥ ଫ୍ରି ଜୋନରେ କାମ କରୁଛି। ଯାହାକି କୃଷି ଏବଂ ପଶୁ ଉତ୍ପାଦ ରପ୍ତାନି ଉପରେ ଧ୍ୟାନ ଦିଏ। ଗଧ ମାଂସ ଏବଂ ଚମଡା ରପ୍ତାନି ପାଇଁ ଏହା ଏକ କଂସେଇଖାନା କମ୍ପାନୀ ଦାବି କରେ ଯେ ଅନ୍ତର୍ଜାତୀୟ ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ କରିବା ସତ୍ତ୍ୱେ, ଏହାକୁ ଆବଶ୍ୟକୀୟ ଅନୁମୋଦନ ମିଳିନାହିଁ, ଏବଂ ଏହାର ରପ୍ତାନି ବନ୍ଦ କରାଯାଇଛି।

### ଆମ୍ବେଦକରନଗରରେ ଭୟଙ୍କର ଦୁର୍ଘଟଣା

# ଚାଲିଗଲା ୮ ଜୀବନ

ନୂଆଦିଲ୍ଲୀ,୪।୫: ଉତ୍ତର ପ୍ରଦେଶର ଆମ୍ବେଦକରନଗରରେ ଦୁଃଖଦ ଘଟଣା ଘଟିଛି। ଜଲାଲପୁର ପୋଲିସ ଷ୍ଟେସନ ଅଧୀନସ୍ଥ ଆଶ୍ରଫପୁର ଭୁଭା ଇଟା ଭାଟି ନିକଟରେ, ଏକ ନିୟନ୍ତ୍ରଣହୀନ ସ୍ୱିଫ୍ଟ ଡିଜାୟାର କାର ରାସ୍ତାରେ ଠିଆ ହୋଇଥିବା ଲୋକଙ୍କ ଉପରେ ଚଢ଼ିଗଲା। ଏହି ଭୟଙ୍କର ଦୁର୍ଘଟଣାରେ ଏପର୍ଯ୍ୟନ୍ତ ଆଠ ଜଣଙ୍କ ଜୀବନ ଯାଇଛି। ଘଟଣାକ୍ରମ ଅନୁସାରେ,ଆମ୍ବେଦକର ନଗରରେ ରବିବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ନିୟନ୍ତ୍ରଣ ବାହାରେ କାରଟି ଉପସ୍ଥିତ ଲୋକଙ୍କ ଉପରେ ଚଢ଼ିଯାଇଛି। ଦୁଇଟି ବାଇକ୍ ଧକ୍କା ହୋଇଥିଲା, ଯେଉଁଥିରେ ଉଭୟ ଆରୋହୀ ଆହତ ହୋଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଲୋକମାନେ ଆହତମାନଙ୍କୁ ସାହାଯ୍ୟ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ କାର ଉପସ୍ଥିତ ଲୋକଙ୍କୁ ଚାପି ଦେଇଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଗୁରୁତରଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତରମାନେ ଛଅ ଜଣଙ୍କୁ ମୃତ ଘୋଷଣା କରିଥିଲେ, ଯେତେବେଳେ ଅନ୍ୟ ଦୁଇଜଣ ମେଡିକାଲ କଲେଜରେ ଚିକିତ୍ସା ସମୟରେ ଆଖିବୁଜିଥିଲେ। ପୋଲିସ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ଏବଂ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି।

# ପ୍ରୋଜେକ୍ଟ ଫ୍ରିଡମ୍ ଘୋଷଣା କଲେ ଟ୍ରମ୍ପ୍

ତେହେରାନ/ୱାସିଂଟନ,୪।୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟ ପୁଣି ଥରେ ମଧ୍ୟପ୍ରାଚ୍ୟରେ ବିପର୍ଯ୍ୟୟର ଲହରୀ ସୃଷ୍ଟି କରିଛି। ଟ୍ରମ୍ପ ପ୍ରୋଜେକ୍ଟ ଫ୍ରିଡମ୍ ଘୋଷଣା କରିଛନ୍ତି, ଯାହା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଜାହାଜଗୁଡ଼ିକୁ ମୁକ୍ତ କରିବ। ଇରାନ ଟ୍ରମ୍ପଙ୍କ ଯୋଜନାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଚେତାବନୀ ଦେଇଛନ୍ତି ଯେ ହର୍ମୁଜ୍ ପ୍ରଣାଳୀର ପରିଚାଳନାରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ଜାରି ରହିଥିବା ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି ବିବେଚନା କରାଯିବ। ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଯେକୌଣସି ହସ୍ତକ୍ଷେପକୁ ସହ୍ୟ କରାଯିବ ନାହିଁ। ପ୍ରଣାଳୀରେ ଆମେରିକାର ଦାଦାଗିରି ଚଳିବ ନାହିଁ।

ପ୍ରଣାଳୀ ଉପରେ ଇରାନ କୌଣସି ବାହ୍ୟ ନିୟନ୍ତ୍ରଣ ଗ୍ରହଣ କରିବ ନାହିଁ ବୋଲି ଅଜିଜି ଜୋର ଦେଇ କହିଛନ୍ତି। ଅଜିଜି ଟ୍ରମ୍ପଙ୍କ ପ୍ରୋଜେକ୍ଟ ଫ୍ରିଡମ୍ ପଦକ୍ଷେପକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ବ୍ୟାପକ ଉପସାଗରୀୟ ଅଞ୍ଚଳର ପରିଚାଳନା ଟ୍ରମ୍ପଙ୍କ ଭ୍ରାମକ ପୋଷ୍ଟ ଦ୍ୱାରା ନିୟନ୍ତ୍ରିତ ହେବ ନାହିଁ। ଅଜିଜିଙ୍କ ମନ୍ତବ୍ୟ ଏହି ଅଞ୍ଚଳରେ ସାମୁଦ୍ରିକ ପରିବହନର ମଧ୍ୟସ୍ଥି ଭାବରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆମେରିକାର ପ୍ରୟାସକୁ ତେହେରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ଦର୍ଶାଉଛି। ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ସ୍ଥିତି ସ୍ପଷ୍ଟ। ଏହା ଯୁଦ୍ଧ ପୂର୍ବ ପରିସ୍ଥିତିକୁ ଫେରିବ ନାହିଁ ଏବଂ ଇରାନ ତଥା ଓମାନର ନିୟନ୍ତ୍ରଣରେ ରହିବ। ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆମେରିକା ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ବିଦେଶୀ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ନୌସେନା ଅଭିଯାନ ଆରମ୍ଭ କରିବ। ସେ ଏହି ପଦକ୍ଷେପକୁ ଜାରି ରହିଥିବା ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ଏକ ମାନବିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ଟ୍ରୁଥ୍

- ଦୃଢଭାବରେ ପ୍ରତ୍ୟାଖ୍ୟାନ କଲା ଇରାନ
- ଇବ୍ରାହିମଙ୍କ ଆମେରିକାକୁ କଡ଼ା ଚେତାବନୀ
- ହର୍ମୁଜ୍ ପ୍ରଣାଳୀରେ ଆମେରିକାର କୌଣସି ହସ୍ତକ୍ଷେପକୁ ସହ୍ୟ କରାଯିବ ନାହିଁ

ସୋସିଆଲରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ ଟ୍ରମ୍ପ ଦାବି କରିଛନ୍ତି, ଅନେକ ଦେଶ ରଣନୈତିକ ଜଳପଥ ଦେଇ ଯିବାକୁ ଅସମର୍ଥ ଜାହାଜଗୁଡ଼ିକୁ ମୁକ୍ତ କରିବା ପାଇଁ ଆମେରିକାର ସହାୟତା ଅନୁରୋଧ କରିଛନ୍ତି। ସେ କହିଛନ୍ତି, ପ୍ରୋଜେକ୍ଟ ଫ୍ରିଡମ୍ ନାମକ ଏହି ପଦକ୍ଷେପ ପଶ୍ଚିମ ଏସିଆ ସମୟ ସୋମବାର ସକାଳେ ଆରମ୍ଭ ହେବ। ଆମେରିକୀୟ ସେନାକୁ ନିଷିଦ୍ଧ କ୍ଷେତ୍ରରୁ ଜାହାଜ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବାର ଦାୟିତ୍ୱ ଦିଆଯିବ। ଟ୍ରମ୍ପ ଜୋର ଦେଇ କହିଛନ୍ତି, ପ୍ରଭାବିତ ଜାହାଜ ମଧ୍ୟରୁ ଅନେକ ବର୍ତ୍ତମାନର ସଂଘର୍ଷରେ ସାମିଲ ନଥିବା ଦେଶମାନଙ୍କର।

## ଆତଙ୍କୀସ୍ତାନ ପାକିସ୍ତାନର ଖୋଲିଲା ମୁଖା

# ଗୋଟିଏ ପୋଷ୍ଟରେ ରହିଛି ଲସ୍କର-ଏ-ତୈବା ଆତଙ୍କବାଦୀ ଓ ପାକ୍‌ସେନାଙ୍କ ଫଟୋ



ପାକିସ୍ତାନ,୪।୫: ମେ' ୧୦ ତାରିଖରେ ପାକିସ୍ତାନରେ ଏକ ଉତ୍ସବ ପାଳନ ପାଇଁ ଅଜବ ଘୋଷଣା କରାଯାଇଛି। ଅପରେସନ ସିନ୍ଦୂରର ଗୋଟିଏ ବର୍ଷ ପୂରଣ ଅବସରରେ ସେଠାକାର ହତାଶ ସେନା ଦ୍ୱାରା ଖୋଲାଖୋଲି ଭାବରେ ଏହି ଆଶ୍ଚର୍ଯ୍ୟଜନକ ଉତ୍ସବ ଆୟୋଜନ କରାଯାଉଛି। ପାକିସ୍ତାନୀ ସେନା ମୁଖ୍ୟ ଆସିଫ୍ ମୁନିର ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମିଳିତ ଭାବରେ ଏହି ବିଜୟ ଉତ୍ସବ ଘୋଷଣା କରିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ପାକିସ୍ତାନ ସରକାର ନିଜର ପରାଜୟକୁ ଲୁଚାଇବା ପାଇଁ ଦେଶର ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏହି ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ବିପଦପୂର୍ଣ୍ଣ ଦିଗ ହେଉଛି ଯେ ଆତଙ୍କବାଦୀମାନଙ୍କୁ ଉତ୍ସବର ନିୟନ୍ତ୍ରଣ ଦିଆଯାଇଛି। ଲସ୍କର-ଏ-ତୈବା ଭଳି କୁଖ୍ୟାତ ଆତଙ୍କବାଦୀ ସଂଗଠନର ସଦସ୍ୟମାନେ ଏବେ ଖୋଲାଖୋଲି ଭାବରେ ଉତ୍ସବ ପାଳନ ପାଇଁ ପାକିସ୍ତାନରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ଘଟଣାରେ ଏକ ନୂତନ ବିବାଦୀୟ ପୋଷ୍ଟର ସାମ୍ନାକୁ ଆସିଛି, ଯାହା ଆତଙ୍କୀସ୍ତାନ ପାକିସ୍ତାନର ମୁଖା ଖୋଲି ଦେଇଛି। ଏହି ପୋଷ୍ଟର ପାକିସ୍ତାନୀ ସେନା ଏବଂ ଲସ୍କର ଆତଙ୍କବାଦୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସମଗ୍ର ବିଶ୍ୱ ସମ୍ମୁଖରେ ପ୍ରକାଶ କରିଛି। ମେ' ୧୦ ତାରିଖ ଦିନ ଉତ୍ସବ ପାଳନ କରାଯିବା ସମ୍ପର୍କରେ ଘୋଷଣା କରିବା ପାଇଁ ପାକିସ୍ତାନର ବିଭିନ୍ନ ପ୍ରମୁଖ ସହରରେ ଲସ୍କର-ଏ-ତୈବା (ଏଲ୍ଇଟି)ର ବରିଷ୍ଠ ଆତଙ୍କବାଦୀମାନେ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଲସ୍କର-ଏ-ତୈବାର ମୁସଲିମ ମହିଳା ଶାଖାର ଅନେକ ମହିଳା ଆତଙ୍କବାଦୀ ଏହି କାର୍ଯ୍ୟକ୍ରମରେ ଖୋଲାଖୋଲି ଏବଂ ଆଇନକୁ ଖାତିର ନକରି ଅଂଶଗ୍ରହଣ କରିଥିଲେ। ଏହି ସମସ୍ତ ସାମ୍ବାଦିକ ସମ୍ମିଳନୀରେ ସୈଫୁଲ୍ଲା କସୁରୀ, ହାଫିଜ୍ ଅବଦୁଲ ରଉଫ୍ ଏବଂ ଖାଲିଦ ମାସୁଦ ସମେତ ଅନେକ ଶୀର୍ଷ ଆତଙ୍କବାଦୀ ଉପସ୍ଥିତ ଥିଲେ। ଏହି ବିବାଦୀୟ ଆତଙ୍କବାଦୀ ସାମ୍ବାଦିକ ସମ୍ମିଳନୀ ଅନେକ ଭାରତ ବିରୋଧୀ ଶକ୍ତିକୁ ଗୋଟିଏ ମଞ୍ଚରେ ଏକାଠି କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ସତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ଖାଲିସ୍ତାନୀ ଆତଙ୍କବାଦୀ ଗୋପାଳ ସିଂହ ଚାୱଲା ମଧ୍ୟ ଉପସ୍ଥିତ ଥିଲେ। ହାଫିଜ୍ ଅବଦୁଲ ରଉଫ୍ ହେଉଛି ସେହି ଭୟଙ୍କର ଆତଙ୍କବାଦୀ ଯାହାକୁ ଆମେରିକା ମଧ୍ୟ ଏକ ବିଶ୍ୱ ଆତଙ୍କବାଦୀ ଭାବରେ ନାମିତ କରିଛି। ହାଫିଜ୍ ଅବଦୁଲ୍ ରଉଫ୍ ଅପରେସନ୍ ସିନ୍ଦୂରରେ ନିହତ ପାକିସ୍ତାନୀ ଆତଙ୍କବାଦୀଙ୍କ ପାଇଁ ସର୍ବସାଧାରଣରେ ଅନ୍ତିମ ସଂସ୍କାର ପ୍ରାର୍ଥନାର ନେତୃତ୍ୱ ନେଇଥିଲେ। ସେହି ବିବାଦୀୟ ପ୍ରାର୍ଥନା ସମୟରେ ପାକିସ୍ତାନର ଅନେକ ବରିଷ୍ଠ ସେନା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଆମେରିକା ଦ୍ୱାରା ବିପଦପୂର୍ଣ୍ଣ ଭାବରେ ଘୋଷଣା କରାଯାଇଥିବା ଜଣେ ଆତଙ୍କବାଦୀ ପାକିସ୍ତାନରେ ନିର୍ଭୟରେ ମୁକ୍ତ ଭାବରେ ବୁଲୁଛନ୍ତି। ଭାରତର ସଫଳ ଅପରେସନ ସିନ୍ଦୂର ସମୟରେ , ପାକିସ୍ତାନୀ ସେନା ସମ୍ପୂର୍ଣ୍ଣ ପରାସ୍ତ ଏବଂ ଖରାପ ଭାବରେ ପରାଜିତ ହୋଇଥିଲା। ସେତେବେଳେ ମଧ୍ୟ, ପାକିସ୍ତାନୀ ସେନା ଏବଂ ସରକାର ସେମାନଙ୍କର ନିରୀହ ଲୋକଙ୍କୁ ଏହି ପରାଜୟର ସତ୍ୟ ପ୍ରକାଶ କରିନଥିଲେ। ବର୍ତ୍ତମାନ, ଏହି ଲଜ୍ଜାଜନକ ବିଫଳତାକୁ ଲୁଚାଇବା ପାଇଁ, ସେମାନେ ଆତଙ୍କବାଦୀଙ୍କ ଆଶ୍ରୟ ନେଉଛନ୍ତି ଏବଂ ମିଥ୍ୟା ଭାବରେ ବିଜୟ ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଆତଙ୍କବାଦୀଙ୍କ ପଛରେ ଏକ ବଡ଼ ଏବଂ ବିବାଦୀୟ ପୋଷ୍ଟର ଦେଖାଯାଇଥିଲା, ଯାହା ସେନାର ଆତଙ୍କବାଦୀ ଲିଙ୍କ୍‌ର ପର୍ଦ୍ଦାଫାସ କରିଥିଲା। ଗୋଟିଏ ପଟେ, ପୋଷ୍ଟରରେ ପାକିସ୍ତାନୀ ସେନାର ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସମେତ ବରିଷ୍ଠ ସାମରିକ ଅଧିକାରୀଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା। ଅନ୍ୟପଟେ, ଲସ୍କରର ଶୀର୍ଷ ଆତଙ୍କବାଦୀ ସୈଫୁଲ୍ଲା କାସୁରୀ ଏବଂ ହାଫିଜ୍ ଅବଦୁଲ ରଉଫଙ୍କ ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିବା ଦେଖିବାକୁ ମିଳିଥିଲା।

**ଖୋଲାଖୋଲି ଉତ୍ସବ ପାଳନ କରିବା ସହିତ କରିଛନ୍ତି ସାମ୍ବାଦିକ ସମ୍ମିଳନୀ**

## କେନ୍ଦୁପତ୍ର ତୋଳିବାକୁ ଯାଇ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଆଠମଲ୍ଲିକ, ୪/୫(ଅକ୍ଷର ଓଡ଼ିଶା):ଆଠମଲ୍ଲିକ ଥାନା ଅନ୍ତର୍ଗତ ମାଧପୁର ପଞ୍ଚାୟତର ମାଧପୁର ଗ୍ରାମରେ ସୋମବାର ସକାଳେ ଘଟିଛି ଏକ ହୃଦୟବିଦାରକ ଘଟଣା। କେନ୍ଦୁପତ୍ର ତୋଳିବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ମହିଳା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି।ମୃତ ମହିଳା ହେଲେ ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ(୩୦), ସ୍ୱାମୀ ବିଜୟ ବିଶ୍ୱାଳ।ସୂଚନା ଅନୁସାରେ, ଜ୍ୟୋତ୍ସ୍ନାରାଣୀ ସୋମବାର ସକାଳେ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ଏକ ଦନ୍ତା ହାତୀ ସମ୍ମୁଖୀନ ହୋଇଥିଲେ। ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେଇଥିବାରୁ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ।ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ତାଙ୍କୁ ମାଧପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ଅବସ୍ଥା ଗୁରୁତର ଥିବାରୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଦୁଃଖଦ ଘଟଣା ପରେ ମାଧପୁର ଓ ଆସପାସ ଅଞ୍ଚଳରେ ହାତୀ ଭୟ ତୀବ୍ର ହୋଇଥିବାବେଳେ ସ୍ଥାନୀୟ ଲୋକେ ବନ ବିଭାଗର ତୁରନ୍ତ ପଦକ୍ଷେପ ଦାବି କରିଛନ୍ତି। କେନ୍ଦୁପତ୍ର ସଂଗ୍ରହ ଋତୁରେ ଜଙ୍ଗଲ ଅଞ୍ଚଳରେ ଏଭଳି ହାତୀ ଉପଦ୍ରବ ଲୋକଙ୍କ ପାଇଁ ଜୀବନ ସଙ୍କଟ ସୃଷ୍ଟି କରୁଛି।

## ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

ଫିରିଙ୍ଗିଆ ୦୪/୦୫ (ଅକ୍ଷର ଓଡ଼ିଆ) ଗତ କିଛିଦିନ ତଳେ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଚକାପାଦ ବ୍ଲକ ଅଞ୍ଚଳର ଏକ ଜଙ୍ଗଲକୁ ଶିକାର କରିବା କରିବା ପାଇଁ ଯାଇଥିବା ଜଣେ ଶିକାରୀର ଦେଶୀ ବନ୍ଧୁକରୁ ଗୁଳି ଫୁଟି ଅନ୍ୟ ଜଣେ ନାବାଳକର ମୃତ୍ୟୁ ହେବା ପରେ ଦେଶୀ ବନ୍ଧୁକ ଚାଲଣା ଓ ଦେଶୀ ବନ୍ଧୁକ ରଖିଥିବା ବ୍ୟକ୍ତି ବିଶେଷ ମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ଜିଲ୍ଲା ପୋଲିସ ବିଭାଗ ଓ ବର୍ତ୍ତମାନ କିଛିଦିନ ହେଲା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଜାଗାରେ ଚଢ଼ାଉ କରି ପୋଲିସ ବିନା ସ୍ୱୀକୃତିରେ ଦେଶୀ ବନ୍ଧୁକ



ରଖିଥିବା ବ୍ୟକ୍ତି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବନ୍ଧୁକ ଗୁଡ଼ିକୁ ଜବତ କରିବାରେ ଲାଗିଛି। ଏହି ପରିପେକ୍ଷୀରେ ଜିଲ୍ଲାର ଫିରିଙ୍ଗିଆ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି ଓ ଗିରଫ ହୋଇଥିବା ବ୍ୟକ୍ତି ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ସନା ବେଡା ଗାଁର ଜିତେନ୍ଦ୍ର ଜୁଣ୍ଡି ବୋଲି ଜଣାପଡିଛି । ଖବର ପାଇବା ପରେ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତ ଓ ଏଏସଆଇ ପ୍ରିୟରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରତଙ୍ଗ ଅଞ୍ଚଳ ରୁ ବ୍ୟକ୍ତି ଜଣକୁ ବନ୍ଧୁକ ସହ ଗିରଫ କରିଥିଲେ ଓ ପରେ ଏହି ଘଟଣାକୁ ନେଇ ଫିରିଙ୍ଗିଆ ଥାନାରେ ବେଆଇନ ଭାବରେ ଦେଶୀ ବନ୍ଧୁକ ଧରି ବୁଲିବା ଅପରାଧରେ ୯୩/୨୦୨୬ରେ ଏକ ମାମଲା ରୁଜୁ କରି ବ୍ୟକ୍ତି ଜଣକୁ କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି ।

## ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ହିଞ୍ଜିଳିକାଟୁ:୪/୫(ଅବନି କାନ୍ତ ପଟ୍ଟନାୟକ)ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ଦିନ ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ନନ୍ଦିକ ଗ୍ରାମ ପଞ୍ଚାୟତ ପରିସର ଠାରେ ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବଶଙ୍କର ମଲ୍ଲିକ ପରିଚାଳନା କରିଥିବାବେଳେ, ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ତଥା ହିଞ୍ଜିଳିକାଟୁ ତହସିଲଦାର ତପନ କୁମାର ମହାପାତ୍ର , ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ଭଉଳ, ନନ୍ଦିକ ସମିତି ସଭ୍ୟା ଶୈଳେନ୍ଦ୍ରି ପରିଡ଼ା, ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ , ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ଗନ୍ତାୟତ ଉପସ୍ଥିତି ରହି ଜନ ସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜି ନନ୍ଦିକ ପଞ୍ଚାୟତରେ ବିଭିନ୍ନ ପ୍ରକାର ଅଭିଯୋଗ କୁ ନେଇ ମୋଟ୍ ୧୫ ଟି ଅଭିଯୋଗ ଦାଖଲ ହୋଇଥିଲା ସେଥି ମଧ୍ୟରୁ ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା ଏବଂ ଗ୍ରାମୀଣ ଆବାସ ଭଳି ଅଭିଯୋଗ ରହିଥିଲା।

# ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ଏ-୧




ଆସିକା, ୦୪/୦୫(ଅକ୍ଷର ଓଡିଶା)- ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ଏକ ମାତ୍ର ବହୁ ପୁରାତନ ଆସିକା ସହରର ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତା ଅଂଚଳବାସୀଙ୍କ ପାଇଁ ଖୁସିର ଲହରୀ ଖେଳି ଯାଇଛି । ଆସିକା ସହରରେ ଥିବା ଏକମାତ୍ର ଏହି ବାଳିକା ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷୟତ୍ରୀ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ଅକ୍ଲାନ୍ତ ପରିଦର୍ଶନ, ପ୍ରଚେଷ୍ଟା, ସଠିକ ଦିଗ ଦର୍ଶନ ଫଳରେ ଚଳିତ ଶିକ୍ଷା ବର୍ଷର ମେଟ୍ରିକ ପରୀକ୍ଷାରେ ୦୨ ଜଣ ଏ ୧ ରଖି ବ୍ଲକରେ ସୁନାମ ଆଣିଛନ୍ତି । ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ମାନଙ୍କ ଯେଉଁ ଧାରଣା ରହିଥିଲା ତାକୁ ଭୁଲ ପ୍ରମାଣିତ କରି ଦେଖାଇଛନ୍ତି ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ କଠିନ ପରିଶ୍ରମର ଫଳ । ଚଳିତ ମେଟ୍ରିକ ପରୀକ୍ଷା ରେ ଏହି ସ୍କୁଲ ଏ ୧ ରେ ଦୁଇ ଜଣ, ଏ ୨ ରେ ଦୁଇ ଜଣ, ବି ୧ରେ ୧୧ ଜଣ, ବି ୨ ରେ ୧୫ ଜଣ, ସି ରେ ୧୬, ଡି ରେ ୧୫ ଜଣ ମାସ କରି କୃତକାର୍ଯ୍ୟ ହୋଇଛନ୍ତି । ଏଭଳି ପାସ ହାର ବିଗତ ବର୍ଷ ମାନଙ୍କ ରେ କେବେ ମଧ ହୋଇନଥିଲା । ଏଭଳି କୃତି ଛାତ୍ରୀ ମାନଙ୍କୁ ଆଜି ବିଦ୍ୟାଳୟ ପରିସରରେ ଏକ ସଂମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏ ୧ ପାସ ହୋଇ ଥିବା ଗ୍ରୀସ୍ମା ବୈଠାରୁ ଓ ଜସମିନୀ ସାହୁ ୦୨ ଜଣ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ନବରଙ୍ଗପୁର ଆଇନଜୀବୀ ସଂଘ ନିର୍ବାଚନ

## ୯ ପଦବୀ ପାଇଁ ୧୧ ପ୍ରାର୍ଥୀ



ନବରଙ୍ଗପୁର୦୪/୦୫ (ଅକ୍ଷର ଓଡିଶା )ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସୁସ୍ଥ ଭାବେ ଶେଷ ହୋଇଛି। ପ୍ରଥମ ଦିନ ପ୍ରାତଃ ୭.୩୦ ରୁ ଆରମ୍ଭ ହୋଇଥିବା ନାମାଙ୍କନ ପ୍ରକ୍ରିୟାରେ ଦିନ ୧ଟା ସୁଦ୍ଧା ୬ ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଦ୍ୱିତୀୟ ଦିନରେ ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ, ଯୁଗ୍ମ ସମ୍ପାଦକ ପଦବୀରେ ସ୍ୱାଗତିକା ସାମନ୍ତରାୟ ଓ କୋଷାଧକ୍ଷ ପଦବୀ ପାଇଁ ଶେଖ ବାବା ଅଲିଶା ନିଜ ସମର୍ଥକମାନଙ୍କ ଗହଣରେ ନାମାଙ୍କନ ଦାଖଲ କରିଥିଲେ।ଦୁଇ ଦିନ ଧରି ଚାଲିଥିବା ଏହି ପ୍ରକ୍ରିୟାରେ ମୋଟ ୯ଟି ପଦବୀ ପାଇଁ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚଳିତ ବର୍ଷ ରାଜ୍ୟ ବାର କାଉନସିଲଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ସଦସ୍ୟାମାନଙ୍କ ପାଇଁ ୩୦ ଶତକିୟା ପଦବୀ ସଂରକ୍ଷିତ ରଖାଯାଇଛି। ଏହାଅନୁସାରେ ଉପ ସଭାପତି, ଯୁଗ୍ମ ସମ୍ପାଦକ ଓ ଗୋଟିଏ କାର୍ଯ୍ୟନିର୍ବାହୀ ସଦସ୍ୟା ପଦବୀମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇଛି।ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର ମଞ୍ଚରେ ଥିବାବେଳେ, ଉପ ସଭାପତି ପଦବୀ ପାଇଁ ସ୍ନେହଲତା ଦେବୀ ନାମାଙ୍କନ ଦାଖଲ କରିଛନ୍ତି। ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ ଓ କିଶୋରୀ ପଟ୍ଟନାୟକ ପ୍ରତିଯୋଗିତାରେ ଅଛନ୍ତି। ଯୁଗ୍ମ ସମ୍ପାଦକ ପଦବୀରେ ସ୍ୱାଗତିକା ସାମନ୍ତରାୟ ଓ କୋଷାଧକ୍ଷ ପଦବୀ ପାଇଁ ଶେଖ ବାବା ଅଲିଶା ନାମାଙ୍କନ ଦାଖଲ କରିଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଶ୍ରୀନିବାସ ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ପ୍ରସାଦ ମିଶ୍ର ନାମାଙ୍କନ ପତ୍ର ଦେଇଛନ୍ତି। ସଂରକ୍ଷିତ ମହିଳା କାର୍ଯ୍ୟନିର୍ବାହୀ ସଦସ୍ୟା ପଦବୀ ବ୍ୟତୀତ ଅନ୍ୟ ସମସ୍ତ ପଦବୀ ପାଇଁ ନାମାଙ୍କନ ହୋଇଥିବା ସୂଚନା ମିଳିଛି। ଆସନ୍ତା ୫ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଓ ୮ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରାଯିବ।ଏହି ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସରୋଜ କୁମାର ବେହେରା, କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ସୁଚାରୁ ଭାବେ ପରିଚାଳନା କରୁଛନ୍ତି।

### ସମାଜସେବା ପାଇଁ ଡ଼କ୍ଟର ଆଲୋକ କୁମାର ବୋଷ ସମ୍ମାନୀତ

ପାରଳାଖେମୁଣ୍ଡି, ୦୪/୦୫ (ତାରିଣୀ ପ୍ରସାଦ ପଣ୍ଡା ):: ଗଜପତି ଜିଲ୍ଲାର ସମାଜସେବୀ ଡ଼କ୍ଟର ଆଲୋକ କୁମାର ବୋଷଙ୍କୁ ଭୁବନେଶ୍ୱରରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଇଣ୍ଡିୟାନ୍ ମିଡିଆ କଂଗ୍ରେସ୍ (ଆଇଏମ୍ସି) ଆନୁକୂଲ୍ୟରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମାଜସେବା ପାଇଁ ସମ୍ମାନିତ କରାଯାଇଅଛି । ମୁଖ୍ୟ ଉପଦେଷ୍ଟା ରଜନୀ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ଉତ୍ସବକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଯାଜପୁର ସାଂସଦ ଡକ୍ଟର ରବି ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣ ମାଧମର ପ୍ରତିନିଧିମାନଙ୍କ ଭୂମିକା, ଦାୟିତ୍ୱ ବୋଧ ଏବଂ ସାମ୍ବାଦିକତାର ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ସଞ୍ଜୟ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଗୁରୁକଲ୍ୟାଣ ମହାପାତ୍ର ଓ ପ୍ରବକ୍ତା ରମାକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ରଜନୀକାନ୍ତ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ।

## ଋଷିମାଳ ମହାବିଦ୍ୟାଳୟ ସ୍ତରୀୟ ଇଣ୍ଟର୍ନସିପ କାର୍ଯ୍ୟକ୍ରମ




ଦାରିଙ୍ଗବାଡ଼ି : ୦୪/୦୫ (ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର ଋଷିମାଳ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଭାସ୍କର ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ଅବକାଶ ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୧୦ଗୋଟି ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହେବା ପରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରିବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଏହାକୁ ଭିତ୍ତି କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମସ୍ତ ମହାବିଦ୍ୟାଳୟ ମାନଙ୍କରେ ଯୁକ୍ତ ତିନିରେ ୧୦୦ ମାର୍କ ବିଶିଷ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଭ୍ୟାସ ମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ର ଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକକରାଯାଇଛି। ବିଶ୍ୱବିଦ୍ୟାଳୟର ମାର୍ଗଦର୍ଶନ ଅନୁଯାୟୀ, ଉକ୍ତ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ଖରା ଛୁଟି ସମୟରେ ସେଠାରେ ଅନୁନ୍ୟ ଏକ ମାସ ମଧ୍ୟରେ ମୋଟାମୋଟି ୧୨୦ ଘଣ୍ଟାର ଅଭ୍ୟାସ ମୂଳକ ପ୍ରଶିକ୍ଷଣ ନେବେ । ଦିନକୁ ୪ ଘଣ୍ଟା କାର୍ଯ୍ୟ କରିବେ। ଏହି ପ୍ରଶିକ୍ଷଣ ସମୟରେ ସେମାନେ, ସରପଞ୍ଚଙ୍କ ଅନୁମତି ଅନୁସାରେ ଗ୍ରାମ ପଞ୍ଚାୟତର ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟାବଳୀ, ତୃଣମୂଳ ସ୍ତରରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ଉନ୍ନତିମୂଳକ ଯୋଜନା, ଯଥା - ମଧୁ ବାବୁ ପେନସନ ଯୋଜନା, ଗ୍ରାମ୍ୟ ସଡ଼କ ଯୋଜନା, ବିଜୁଳି ଯୋଜନା, ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଓ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟକାରୀତା ବିଷୟରେ ଜ୍ଞାନ ପାଇବେ ଏବଂ ଯୋଗ୍ୟ ହିତାକାରୀଙ୍କ ସଂଖ୍ୟା ଓ ଯୋଗ୍ୟତା ଇତ୍ୟାଦି ବିଷୟରେ ଜାଣିପାରିବେ ଓ ଅନୁଭୂତି ପାଇ କଲେଜକୁ ଫେରିବେ। ଏହା ସେମାନଙ୍କ ପାଇଁ ଏକ ସୁନ୍ଦର ଓ ମୂଲ୍ୟବାନ ଅନୁଭୂତି ହେବ । କାର୍ଯ୍ୟଦିବସ ଶେଷ ହେବା ପରେ ନିଜ କାର୍ଯ୍ୟ ଅନୁଭୂତିକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ମହାବିଦ୍ୟାଳୟକୁ ପ୍ରଦାନ କରିବେ। ଗ୍ରାମ ପଞ୍ଚାୟତ ତରଫରୁ ଛାତ୍ର ଛାତ୍ରୀଙ୍କ ପାଇଁ ଗୋଟିଏ ଲେଖାଏଁ ପ୍ରଶିକ୍ଷଣର ପ୍ରମାଣ ପତ୍ର ପ୍ରଦାନ କରାଯିବ। ଗ୍ରାମପଞ୍ଚାୟତରୁ ପାଇଥିବା ପ୍ରମାଣ ପତ୍ରଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ରିପୋର୍ଟ ଉପସ୍ଥାପନକୁ ଆଧାର କରି ଛାତ୍ରଛାତ୍ରୀମାନଙ୍କୁ ମାର୍କ ଦିଆଯିବା ବ୍ୟବସ୍ଥା ରହିଛି। ଏହି ଶିକ୍ଷାନୀତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଧ୍ୟକ୍ଷ ଡ଼ ଶ୍ରୀ ନାୟକ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ ଏବଂ ଉପସ୍ଥିତ ସରପଞ୍ଚମାନେ ମଧ୍ୟ ନିଜ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଗୁଣବତ୍ତା ଶିକ୍ଷାରେ ସହଯୋଗ କରିବେ ବୋଲି ମତ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅକ୍ଷୟ କୁମାର ବେହେର ଦଳେଇ, ମନୋରଞ୍ଜନ ବଳିଆର ସିଂ, ସୁଜ୍ଞାନ ସାହୁ, ଅମିତ କୁମାର ନାୟକ, କ୍ରିଷ୍ଣା କୁମାର ମାଝୀ, ବିମଳ ବସ୍ତିରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ନୂଆପଡ଼ାର ବିକାଶ ପାଇଁଅଣ୍ଟା ଭିଡିଛନ୍ତି ବସନ୍ତ ପଣ୍ଡା

## ସ୍ମାର୍ଟ ସିଟି ମାନ୍ୟତା ସହ ୧୨ ଦଫା ପ୍ରସ୍ତାବ ନେଇ ମନ୍ତ୍ରୀଙ୍କୁ ଚିଠି



ନୂଆପଡ଼ା -୦୪/୦୫(ଅକ୍ଷର ଓଡିଶା )- ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସାମଗ୍ରିକ ବିକାଶ ଓ ଏହାକୁ ଏକ ଆଧୁନିକ ସହର ଭାବେ ଗଢ଼ିତୋଳିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେପି ନେତା ବସନ୍ତ କୁମାର ପଣ୍ଡା। ନୂଆପଡ଼ା କୁ 'ସ୍ମାର୍ଟ ସିଟି' ପ୍ରକଳ୍ପରେ ସାମିଲ କରିବା ସହ ସହରର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଏକ ଦାବିପତ୍ର ଅଭିନନ୍ଦନ ପଣ୍ଡା ପ୍ରଦାନ କରିଛନ୍ତି।ସହରର ଭବିଷ୍ୟତ ଓ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟି ରେ ରଖି ଶ୍ରୀ ପଣ୍ଡା ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ସେଗୁଡ଼ିକ ହେଲା: ପ୍ରବେଶ ପଥ ଓ ସୌନ୍ଦର୍ଯ୍ୟ କରଣ ପାଇଁ ସହରର ଚାରି ଦିଗରେ ଚିତ୍ତାକର୍ଷକ 'ଓ୍ୱେଲକମ୍ ଗେଟ୍' ନିର୍ମାଣ ସହ ୩୫୩ ନମ୍ବର ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସୱେର ଡିଭାଇଡର ଗୁଡ଼ିକର ସୌନ୍ଦର୍ଯ୍ୟକରଣକରାଯିବ ସହ ଏନଏସି ଅଞ୍ଚଳ ରେ ଏକ ଭବ୍ୟ 'ଟାଉନ ହଲ୍' ଏବଂ ଯାତ୍ରୀଙ୍କ ସୁବିଧା ପାଇଁ ଏକତା ଛକଟ୍ରାଫିକ ପୋଷ୍ଟ ନିକଟରେ ୩ ଟି ବିଶ୍ରାମ ଗାର (ସେଡ) ନିର୍ମାଣପାଇଁ ଅନୁରୋଧ କରିଛନ୍ତି ତେଲିପଡ଼ା ପୁଷ୍କରିଣୀର ପୁନରୁଦ୍ଧାର ଏବଂ ଗାନ୍ଧୀ ଉଦ୍ୟାନକୁ ଏକ 'ସ୍ମାର୍ଟ ପାର୍କ' ଭାବେ ବିକଶିତ କରିବା ସହ ଓ୍ୱାର୍ଡ ନଂ ୬ ଶ୍ମଶାନ ଘାଟ ଓ ସଖାତୋରା ନାଳ ପାର୍ଶ୍ୱରେ ପାର୍କ ନିର୍ମାଣ, ଓ୍ୱାର୍ଡ ନଂ ୩ (ହନୁମାନ ମନ୍ଦିର ଅଞ୍ଚଳ) ଠାରେ ଭେଣ୍ଡିଂ ଜୋନ୍-କମ୍-ଫୁଡ୍ ପାର୍କ, ଏକ ବିଶାଳ ସ୍ମାର୍ଟ ମାର୍କେଟ କମ୍ପ୍ଲେକ୍ସ ଏବଂ ସାପ୍ତାହିକ ହାଟ ପାଇଁ 'ସ୍ମାର୍ଟ ବଜାର' ପ୍ରତିଷ୍ଠା,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ,ସହର ମଧ୍ୟରେ ଗାଡ଼ି ମଟର ଭିଡନିୟନ୍ତ୍ରଣ ପାଇଁ ଜାତୀୟ ରାଜପଥ-୩୫୩ ଏବଂ ବିଜୁ ଏକ୍ସପ୍ରେସୱେ ପାଇଁ ଏକ ବାଇପାସ୍ ରୋଡ୍ ନିର୍ମାଣଭଳି ଗୁରୁତ୍ୱପୂର୍ଣ୍ଣ ତଥା ଅତ୍ୟାବଶ୍ୟକ ପ୍ରସ୍ତାବ ସାମିଲ କରାଯାଇଛି।ନିଜ ଚିଠିରେ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି ଯେ, ବଜେଟ୍ ଘୋଷଣା ଅନୁଯାୟୀ ନୂଆପଡ଼ାକୁ ସ୍ମାର୍ଟ ସିଟିରେ ଅନ୍ତର୍ଭୁକ୍ତ କଲେ ଏହା ଏକ 'ମଡେଲ ସିଟି' ଭାବେ ଉଭା ହେବ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ସହରର ସୌନ୍ଦର୍ଯ୍ୟ ବଢ଼ିବା ସହ ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବ ବୋଲି ଆଶା କରାଯାଉଛି।

### ଜନ୍ମରୁ ଦୃଷ୍ଟିହୀନ

## ଦଶମ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ଦୁତିକା



ନବରଙ୍ଗପୁର ୪/୫(ଅକ୍ଷର ଓଡିଶା ) ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଚଚ୍ଚା ଉଚ୍ଚ ବିଦ୍ୟାଳୟର ଜନ୍ମରୁ ଦୃଷ୍ଟିହୀନ ଛାତ୍ରୀ ଦୁତିକା ଧରୁଆ ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷାରେ ଅଭୁତ ସଫଳତା ହାସଲ କରି ବିଦ୍ୟାଳୟର ଟପ୍ପର ହୋଇଛନ୍ତି।ଓଡିଶା ମାଧାମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଦଶମ ପରୀକ୍ଷା ଫଳାଫଳରେ ଦୁତିକା ୬୦୦ରୁ ୪୨୭ ନମ୍ବର ରଖି ବିଦ୍ୟାଳୟର ୯୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବାଧିକ ନମ୍ବର ଅର୍ଜନ କରିଛନ୍ତି।ଦୁତିକା ଝରିଗାଁ ବ୍ଲକର ଇଚ୍ଛାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଚରାପଡା ଗ୍ରାମର ବାସିନ୍ଦା। ସେ ସୁନ୍ଦର ସିଂ ଧରୁଆଙ୍କ କନ୍ୟା। ଜନ୍ମରୁ ଦୃଷ୍ଟିହୀନ ହୋଇଥିଲେ ମଧ ତାଙ୍କର ପାଠପଢ଼ା ପ୍ରତି ଅସୀମ ଆଗ୍ରହ ଥିଲା। ମାତା ସ୍ୱର୍ଗତ ମଙ୍ଗଳ ଦେଈ ଧରୁଆଙ୍କ ଦେହାନ୍ତ ପରେ ପରିବାରର ଆର୍ଥିକ ସ୍ଥିତି ଶୋଚନୀୟ ଥିବାବେଳେ ବାପା, ତିନି ଭାଇ ଓ ଚାରି ଭଉଣୀଙ୍କ ସହ ଦୁତିକାଙ୍କ ଜୀବନ ସଂଘର୍ଷମୟ ହୋଇଉଠିଥିଲା। ସରକାରଙ୍କ ପକ୍ଷରୁ ମିଳୁଥିବା ଦିବ୍ୟାଙ୍ଗ ଭତ୍ତା ହିଁ ପରିବାରର ଏକମାତ୍ର ସହାୟକ ହୋଇଛି। ଦୃଷ୍ଟିଶକ୍ତି ନଥିଲେ ମଧ ଦୁତିକାଙ୍କ ଶିକ୍ଷାପ୍ରତି ଇଚ୍ଛାଶକ୍ତି କେବେ ମନ୍ଦ ପଡ଼ିନଥିଲା। ନିଜ କକାଙ୍କ ଝିଅ ପ୍ରମିଳା ଧରୁଆ ପାଠ ପଢୁଥିବା ବେଳେ ଶୁଣି ଶୁଣି ସେ ପାଠ ମନେ ରଖୁଥିଲେ। ପରୀକ୍ଷା ସମୟରେ ନବମ ଶ୍ରେଣୀର ଛାତ୍ରୀ ହାରାବତୀ ସାନ୍ତା ତାଙ୍କୁ ସହଯୋଗ କରିଥିଲେ। ଦୁତିକାଙ୍କ ଏହି ସଫଳତା ପ୍ରମାଣ କରିଦେଇଛି ଯେ, ପ୍ରତିକୂଳ ପରିସ୍ଥିତି ଓ ଦିବ୍ୟାଙ୍ଗତା କେବେବି ସଫଳତାରେ ବାଧା ହୋଇପାରେନି। କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଅଦମ୍ୟ ଇଚ୍ଛାଶକ୍ତି ଥିଲେ ସଫଳତାର ଶିଖରକୁ ପହଞ୍ଚିବା ସମ୍ଭବ।ଦୁତିକାଙ୍କ ଏହି ଅସାଧାରଣ ସଫଳତା ପାଇଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିପ୍ଳବିନୀ ମଲ୍ଲିକ ତାଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଝରିଗାଁର ବିଧାୟକ ନରସିଂହ ଭତ୍ରା ମଧ ଦୁତିକାଙ୍କ ଘରକୁ ପହଞ୍ଚି ନିଜ ହାତରେ ମିଠା ଖୁଆଇ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଶିକ୍ଷକ ସଂଘର ଶପଥ ଗ୍ରହଣ ଉତ୍ସବ




ଧରାକୋଟ, ୦୪/୦୫ (ଅକ୍ଷର ଓଡିଶା )ଧରାକୋଟ ବ୍ଲକ ଏ ୟୁ ପି ଟି ଏଫ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ଉତ୍ସବ ନିକଟସ୍ଥ ବାଲ୍ମିକେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଗଞ୍ଜାମ ଜିଲ୍ଲା ସଭାପତି ସାରଥୀ ପାତ୍ର, ଜିଲ୍ଲା ସଂଯୋଜକ ଦେବବ୍ରତ ପଟନାୟକ,ହିଞ୍ଜିଳି କାଟୁ ବ୍ଲକ ସଭାପତି ଉଲ୍ଲାସ ବେହେରା,ଆସିକା ବ୍ଲକ ସମ୍ପାଦକ ଅର୍ଜୁନ ନାହାକ, ଏକ୍ସ କ୍ୟାଡ଼ର ରାଜ୍ୟ ଉପ ସଭାପତି ବୁଲୁ ବେହେରା,ସୋରଡା ଏକ୍ସ କ୍ୟାଡ଼ର ସଭାପତି ପଞ୍ଚାନନ ଗୌଡ଼ ଯୋଗ ଦେଇଥିଲେ । ଧରାକୋଟ ବ୍ଲକର ନବ ନିର୍ବାଚିତ ସଭାପତି ଅରୁଣ ପଟ୍ଟନାୟକ,ଉପ ସଭାପତି ଭାସ୍କର ବାଡତ୍ୟା, ସପ୍ନା ରାଣୀ ବେହେରା,ସମ୍ପାଦକ ପ୍ରଶାନ୍ତ ପାଣିଗ୍ରାହୀ,ସହ ସମ୍ପାଦକ ବସନ୍ତ ବିଷୋୟୀ,ଦମୟନ୍ତୀ ଦାସ,ବାଇନଥ ସାହୁ,ଜିଲ୍ଲା ସଦସ୍ୟ ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ,କୋଷାଧକ୍ଷ କାଳୁ ଚରଣ ଗୌଡ ବ୍ଲକ ସଂଯୋଜକ ରବୀନ୍ଦ୍ର ନାଥ ପଲାଇ ପ୍ରମୁଖ ଶିକ୍ଷା,ଶିକ୍ଷକତା ଓ ସଙ୍ଗଠନ ମର୍ଯ୍ୟାଦା କୁ ଅକ୍ଷୁର୍ଣ୍ଣ ରଖିବା,ସଂଘ ନିୟମ ପରିସରରେ ନିଜକୁ ପରିଚାଳିତ କରି ଶିକ୍ଷକ ସମାଜର ସେବାରେ ନିଜକୁ ନିସ୍ୱାର୍ଥପର ଭାବେ ଉତ୍ସର୍ଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଉପଦେଷ୍ଟା ଶୁକ୍ରୁ ବେହେରା କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ।

### ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଛି ନଳକୂପ

## ବାଞ୍ଜାମାହା ଗ୍ରାମର ହରିଜନ ସାହିରେ ଜଳ କଷ୍ଟ



ଦାରିଙ୍ଗବାଡ଼ି :୦୪/୦୫(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିର୍କାବର୍ଗ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜାମାହା ଗ୍ରାମ ହରିଜନ ସାହି ରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଏହି ସାହିରେ ୩୫ ପରିବାର ବସବାସ କରନ୍ତି। ହେଲେ ଗ୍ରୀଷ୍ମପ୍ରବାହ ଆରମ୍ଭ ଠାରୁ ହିଁ ପିଇବା ପାଣି ପାଇଁ ଛଟପଟ ହେଉଛନ୍ତି। ଏହି ସାହିରେ ଲୋକ ମାନେ ଏହି ପିଇବା ପାଣି ପାଇଁ ନଳକୂପ ଉପରେ ନିର୍ଭର କରୁଥିଲେ ହେଲେ ଏବେ କିଛି ମାସ ହେବ ନଳକୂପ ଅଚଳ ଅବସ୍ଥାରେ ପଡ଼ି ରହିଛି।ଯାହା ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣିପାଇଁ ନାହିଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି ସାହିର ବାସିନ୍ଦାମାନେ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିମନ୍ତେ ସରକାର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କର ଅବହେଳା ଯାଗୁଁ ନଳକୂପଟିର ମରାମତି ହୋଇ ପାରୁନାହିଁ। ତେବେ ଏହାର ସମସ୍ୟା କେବେ ସମାଧାନ କରୁଛନ୍ତି ତାହା ଅପେକ୍ଷାରେ ଗ୍ରାମବାସୀ।

## ହାଇସ୍କୁଲ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

କଟକ ସଦର: (୪/୫(ଅକ୍ଷର ଓଡିଶା )କଟକ ସଦର ବ୍ଲକ ଅନ୍ତର୍ଗତ ବୟାଳିଶ ମୌଜା ସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୟାଳିଶ ମୌଜା ବିକାଶ ପରିଷଦ, ବିଭିନ୍ନ ସମୟରେ ନାନାଦି ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ସଫଳତାର ସହିତ ସମ୍ପାଦନ କରିଆସୁଅଛି। ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୧୦ମ ପରୀକ୍ଷାରେ ବୟାଳିଶ ମୌଜା ଅଞ୍ଚଳର ଛାତ୍ର ଛାତ୍ରୀମାନେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବାର ଗୌରବ ହାସଲ କରିପାରିଛନ୍ତି। ତନ୍ମଧ୍ୟରୁ ଯେଉଁ ଛାତ୍ର ଛାତ୍ରୀମାନେ ବୟାଳିଶ ମୌଜା ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି, ସେମାନେ ହେଲେ,ବ୍ରହ୍ମପୁର ଗ୍ରାମର ଶ୍ରୁତିଲିକା ଦେବତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଣ୍ଟକାର ୫୫୩ ନମ୍ବର ରଖି ପ୍ରଥମ,ବଉଳକୁଦ ଗ୍ରାମର ଅଙ୍କିତ ଅଂଶୁମାନ ଶିଶୁ, ସରସ୍ୱତୀ ଶିଶୁମନ୍ଦିର ବେଣ୍ଟକାର, ୫୫୨ ନମ୍ବର ରଖି ଦ୍ୱିତୀୟ ଓ ଠାକୁର ସାହି ବରାଳ ଗ୍ରାମର ସାଇ ସତ୍ୟ ସାହୁ, ମହେନ୍ଦ୍ର ସ୍ମୃତି ନୀଳକଣ୍ଠ ନାଥ ବିଦ୍ୟାଳୟ ବରାଳ ଓ କୂଳସରିଚୁଆଁ ଗ୍ରାମର ସମୃଦ୍ଧି ମହାପାତ୍ର, କୂଳସରିଚୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ୫୪୨ ନମ୍ବର ରଖି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିକାଶ ପରିଷଦର ସଦସ୍ୟମାନେ, ସେମାନଙ୍କ ବାସଭବନକୁ ଯାଇ,ମିଷ୍ଟାନ୍ନ ଖୁଆଇ,ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ, ସଫଳତାର ଶ୍ରେୟ ନିଜ ପିତା ମାତା ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଦେଇଥିଲେ।ଏହି ଅବସରରେ, ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି, ଦୀନବନ୍ଧୁ ସାମଲ,ନାରାୟଣ ଭୋଇ, ସତ୍ୟଜିତ ପ୍ରଧାନ, ବିକ୍ରମ କିଶୋର ପତି ପ୍ରମୁଖ ଉପସ୍ଥିତ ରହି, ଭବିଷ୍ୟତରେ ନିଜକୁ ଉତ୍ତମ ନାଗରିକ ଭାବରେ ଗଢ଼ିତୋଳିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ।

# କେନ୍ଦୁଝର ସହରରେ 'ଆମ ବସ୍'ର ନୂଆ ରୁଟ୍ ସେବା ଆରମ୍ଭ

କେନ୍ଦୁଝର:୦୪/୦୫(ଦିଲ୍ଲୀପ କୁମାର ସାହୁ) - ସହରାଞ୍ଚଳ ଏବଂ ଆଖପାଖ ଅଞ୍ଚଳରେ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଏକାଧିକ ନୂତନ ବସ୍ ରୁଟ୍‌ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାର ରପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବା ସହ ଜନସାଧାରଣଙ୍କ ଯାତାୟାତକୁ ସହଜ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ନୂତନ ଭାବେ ପ୍ରଚଳିତ ହୋଇଥିବା ରୁଟ୍ ନଂ ୪୦୦, ୪୦୧, ୪୦୨, ୪୦୩, ୪୦୪ ଏବଂ ୪୦୫ ବିଭିନ୍ନ ଶିକ୍ଷାନୁଷ୍ଠାନ, ଆବାସିକ ଅଞ୍ଚଳ, ବଜାର ଏବଂ ପର୍ଯ୍ୟଟନ ସ୍ଥଳୀକୁ ସଂଯୋଗ କରୁଛି। ସେହିଭଳି ନୂତନ ବସ୍ ରୁଟ୍ ଗୁଡ଼ିକ ମଧ୍ୟରେ ରୁଟ୍ ନଂ ୪୦୦ ହେଉଛି ସୁଆକାଟି ସରକାରୀ ଡାକ୍ତରଖାନାରୁ ରିମୁଳି ହାଇୱେ ପର୍ଯ୍ୟନ୍ତ। ଏହା କଲେକ୍ଟୋରେଟ୍ ସର୍କଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଆର.ଟି.ଓ ଅଫିସ୍ ଏବଂ ନରଣପୁର ଦେଇ ଗତି କରିବା ସହ ସାନଘାଗରା ପାର୍କ ଓ ବଡ଼ଘାଗରା ଜଳପ୍ରପାତକୁ ସଂଯୋଗ କରୁଛି।ରୁଟ୍ ନଂ ୪୦୧ ରେ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ବେବର୍ତ୍ତାପୋଷି ଆଞ୍ଚଳିକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଆମ ବସ ଚଳାଚଳ କରୁଥିବା ବେଳେ,ଏହା ଗାନ୍ଧୀ ଛକ, ରେଳ ଷ୍ଟେସନ ଏବଂ କରଞ୍ଜିଆ ବସଷ୍ଟାଣ୍ଡ ଦେଇ ଯାଉଥିବାରୁ ଛାତ୍ରଛାତ୍ରୀ ଏବଂ ଦୈନିକ ଯାତ୍ରୀମାନେ ବିଶେଷ ଉପକୃତ ହେବେ। ରୁଟ୍ ନଂ ୪୦୨ ସାନଘାଗରା ପାର୍କରୁ ଚକ ନୂଆ ସାହି ମଧ୍ୟରେ ଚଳାଚଳ କରୁଛି ଏବଂ ଏହି ବସ କଲେକ୍ଟୋରେଟ୍ ସର୍କଲ୍ ଏବଂ ଗୋବିନ୍ଦପୁର ଦେଇ ଚଳାଚଳ କରିବ।ରୁଟ୍ ନଂ ୪୦୩ ରେ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଆମ ବସ ଚଳାଚଳ କରୁଛି ଏବଂ ଏହା ମାଣ୍ଡୁଆ, ଆର.ଟି.ଓ ଅଫିସ୍ ଓ ବି.ଏସ.ଏନ.ଏଲ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସଂଯୋଗ କରୁଛି। ରୁଟ୍ ନଂ ୪୦୪ରେ ଚଳାଚଳ କରୁଥିବା ଆମ ବସଏବେ କେନ୍ଦୁଝର ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସଂଯୋଗ କରି ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବ । ମୁଖ୍ୟ ସଂଯୋଗୀକରଣ ଭାବେ ଏହି ବସ୍‌ଟି କେନ୍ଦୁଝର ବସ୍ ଷ୍ଟାଣ୍ଡରୁ ବାହାରି ଧରଣୀଧର ମେଡିକାଲ କଲେଜ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ଯାତ୍ରା ସମୟରେ ବସ୍‌ଟି କଲେକ୍ଟୋରେଟ୍ ସର୍କଲ, ସିରାଜୁଦ୍ଦିନ୍ ଛକ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟ ପରି ପ୍ରମୁଖ ସ୍ଥାନ ଦେଇ ଗତି କରିବ । ରୁଟ୍ ନଂ ୪୦୫ ରେ କେନ୍ଦୁଝର ବସ୍ ଷ୍ଟାଣ୍ଡରୁ ଝୁମ୍ପୁରା ପର୍ଯ୍ୟନ୍ତ ଆମ ବସ ଚଳାଚଳ କରିବ। ଏହି ରୁଟ୍ ଯୋଡ଼ା-ବଡ଼ବିଲ ବସ୍ ଷ୍ଟାଣ୍ଡ, ରାଇସୁଆଁ ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ଛକ ଭଳି ଶିଳ୍ପାଞ୍ଚଳକୁ ସଂଯୋଗ କରୁଛି।



## ଶ୍ରମିକ ଦିବସରେ ସରପଞ୍ଚ ପାଇଲେ ମହାତ୍ମାଗାନ୍ଧୀ ଶ୍ରମିକ ସେବା ସମ୍ମାନ



କେନ୍ଦୁଝର:୦୪/୦୫(ଦିଲ୍ଲୀପ କୁମାର ସାହୁ) - ଗତ ମଇ ୧ ତାରିଖ ଦିନ ବିଶ୍ୱ ଶ୍ରମିକ ଦିବସ ଅବସରରେ ସାରା ଭାରତବର୍ଷରେ ପାଳନ କରାଯାଇଛି ଆନ୍ତର୍ଜାତିକ ଶ୍ରମିକ ଦିବସ ।ତେବେ ଶ୍ରମିକ ଦ୍ୱିସ ଦିନ କେନ୍ଦୁଝର ସହରସ୍ଥିତ ସେଲ ଅଡିଟୋରିୟମ ଠାରେ ଆନ୍ତର୍ଜାତିକ ସ୍ରମିକ ଦିବସ ମହାସମାରୋହରେ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଲୋକସଭା ସଂସାଦ ଅନନ୍ତ ନାୟକ, ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ମହାନ୍ତ,ସମ୍ମାନିତ ଅତିଥି ଭାବେ ଡାକ୍ତର ଗଣେଶ୍ୱର ମହାନ୍ତ, ବିଏମଏସ ଉମାକାନ୍ତ ଦାସ, ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ପ୍ରତିଭାବାନ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ସେଥି ମଧ୍ୟରୁ ସ୍ୱାମପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତର ଲୋକପ୍ରିୟ ସରପଞ୍ଚ ଭାମାମଣି ଦାସଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ, ସମାଜସେବା, ଲୋକ ସମ୍ପର୍କ, ବ୍ୟବହାର, ନିଷ୍ଠାପରତା ଏଂ କାର୍ଯ୍ୟଦକ୍ଷତା ପାଇଁ ୨୦୨୬ ମସିହାର ମହାତ୍ମାଗାନ୍ଧୀ ଶ୍ରମିକ ସେବା ସମ୍ମାନରେ ସମ୍ମାନିତ କରାଯାଇଛି । ତାଙ୍କୁ ମଞ୍ଚରେ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନକରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ କ୍ଷ ତାଙ୍କର ଏହି ସଫଳତା ପାଇଁ ଆଜି ଜିଲ୍ଲାରେ ଓ ସାରା ସ୍ୱାମପାଟଣା ବ୍ଲକରେ ଖୁସିର ଲହରୀ ଖେଳିଯାଇଛି ।ତାଙ୍କୁ ସବୁ ବର୍ଗର ଲୋକମାନେ ଅଭିନନ୍ଦନ ଜଣାଇଛନ୍ତି ।

## ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀଙ୍କୁ ମିଳିଲା ପଞ୍ଚାୟତ ଗୌରବ ସମ୍ମାନ

ଘଟଗାଁ:୦୪/୦୫(ସମ୍ବିତ କୁମାର ସାହୁ)ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନସେସ୍, ସଂସୃଷ୍ଟି ଓ ପଞ୍ଚାୟତ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଜାତୀୟ ପଞ୍ଚାୟତରାଜ ଦିବସ ମହାସମାରୋହରେ ଭୁବନେଶ୍ୱର ମୈତ୍ରୀ ବିହାର ସ୍ଥିତ ସଂସୃଷ୍ଟି ସଭାକକ୍ଷ ରେ ପାଳନ ହୋଇଯାଇଛି। ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ବିଶେଷଜ୍ଞ ଓ ସମାଜ ବିଜ୍ଞାନୀ ମାନଙ୍କ ଦ୍ୱାରା 'ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଥିବା ଆହ୍ୱାନ, ସାମଗ୍ରିକ ବିକାଶ ଓ ପଞ୍ଚାୟତ' ଶୀର୍ଷକ ବିଷୟ ଉପରେ ବକ୍ତା ମାନେ ୭୩ତମ ସମ୍ବିଧାନ ସଂଶୋଧନର ଲକ୍ଷ୍ୟ, ଓଡ଼ିଶା ପଞ୍ଚାୟତିରାଜ ଆଇନ୍, ପେସା ପଞ୍ଚାୟତ, ପଲ୍ଲୀସଭା, ଗ୍ରାମସଭା ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା କରିଥିଲେ।ଗବେଷିକା ପ୍ରଫେସର ଆଶା ହଂସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ଡେଭଲପମେଣ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶିକା ଡଃ ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଗବେଷଣା ଚକ୍ରରେ ପ୍ରାକ୍ତନ ସଭାପତି ପ୍ରଫେସର ବିଜୟ ବହିଦାର, ପଞ୍ଚାୟତ ବିକାଶ ପରିଷଦର ରାଜ୍ୟ ଆବାହକ ନିରାକାର ବେଉରା, ପଞ୍ଚାୟତ ବିଶେଷଜ୍ଞ ସନ୍ଦୀପ ପଟ୍ଟନାୟକ, ଟାଟା ଷ୍ଟିଲ ଫାଉଣ୍ଡେସନ ଆଠଗଡ଼ ମୁଖ୍ୟ ପରିଚାଳକ ଆଶୁତୋଷ କୁମାର ଦାସ, ପଞ୍ଚାୟତ ବିଶେଷଜ୍ଞ ସୁଜାତା ମହାନ୍ତି, ବଳରାମ ରଣସିଂହ, ମାୟାଧର ବେହେରା, ଦ୍ୟୁତିକୃଷ୍ଣ ନାୟକ, ଅଳକା ସାହୁ, ସ୍ୱପ୍ନା ବିଶ୍ୱାଳ ପ୍ରମୁଖ ପଞ୍ଚାୟତ ବିକାଶ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।ଉକ୍ତ ସମାରୋହରେ ଆଦର୍ଶ ସରପଞ୍ଚ ଭାବେ ମୁକୁନ୍ଦପୁର ପାଟଣା ପଞ୍ଚାୟତ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀଙ୍କୁ 'ପଞ୍ଚାୟତ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ ଯାଜପୁର ଜିଲ୍ଲା ଭୋଟକା ପଞ୍ଚାୟତର ସରପଞ୍ଚ ସ୍ମୃତିରେଖା ରାଉତ, ନେଳିଆ ପଞ୍ଚାୟତ ର ସରପଞ୍ଚ ଜୟନ୍ତୀ ସ୍ୱାଇଁ, ମୁଗପାଳ ପଞ୍ଚାୟତ ର ସରପଞ୍ଚ ପ୍ରଜ୍ଞା ପାରମିତା ମଲ୍ଲିକ, ଗୁହାଳି ସରପଞ୍ଚ ଦିବ୍ୟଜ୍ୟୋତି ଘଡ଼ାଇ, କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତପୁର ପଞ୍ଚାୟତର ସରପଞ୍ଚ ଙ୍କୁ ସାମଗ୍ରିକ ବିକାଶ କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷମହିଳା ପଞ୍ଚାୟତ ପ୍ରତିନିଧିଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବା, ପଞ୍ଚାୟତର ନିଜସ୍ୱ ପାଣ୍ଠି ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିବା, ପଞ୍ଚାୟତ ଆଇନ୍ ରେ ଆବଶ୍ୟକୀୟ ସଂଶୋଧନ ଆଣିବା, ପେସା ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଓ ପରିବାରଭିତ୍ତିକ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।




## 'ନାରୀ ଅଧିକାର ଅଭିଯାନ' କୁ ବିକ୍ଷୋଭ ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼,୦୪।୦୫(ଅକ୍ଷର ଓଡ଼ିଶା): ଦେବଗଡ଼ ବିଜୁ ମହିଳା ଜନତା ଦଳ ପକ୍ଷରୁ 'ନାରୀ ଅଧିକାର ଅଭିଯାନ ' କୁ ବିକ୍ଷୋଭ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ । ଏଥିରେ ବିଧାୟକ ରମାଞ୍ଚ ରଞ୍ଜନ ବିଶ୍ୱାଳ ଙ୍କ ତତ୍ୱାବଧାନ ରେ ଜିଲ୍ଲା ସଭାନେତ୍ରୀ ଅରୁଣି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଲାଲୁସାହି ବିଜେଡି କାର୍ଯ୍ୟାଳୟ ରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି କ୍ଷଏଥିରେ ନଗର ସଭାନେତ୍ରୀ ଭୁବନେଶ୍ୱରୀ ସାହୁ, ପୂର୍ବତନ ପୌରାଧ୍ୟକ୍ଷା ଅନିତା ପାତ୍ର, ତିଳେଇବଣି ସଭାନେତ୍ରୀ ସୁଜାତା ପ୍ରଧାନ, ବକ୍ଷରକୋଟ ସଭାନେତ୍ରୀ ଝରଣା ସାହୁ, ବର୍ଷା ରାଣୀ ମୁଣ୍ଡା, ପାର୍ବତୀ ସାହୁ,ଆଦି ବିଜୁ ମହିଳା ଜନତା ଦଳ ର ମୁଖ୍ୟ ମହିଳା କର୍ମୀ ଓ ଶତାଧିକ ମହିଳା କର୍ମୀ ମାନେ ଯୋଗ ଦାନ କରି ଥିଲେ ।

## କେନ୍ଦୁଝର ସହରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା
# ଜଣେ ମୃତ ଓ ଅନ୍ୟ ଜଣେ ଗୁରୁତର

କେନ୍ଦୁଝର:୦୪/୦୫(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ସହର ସ୍ଥିତ ତେଲକୋଇ ବସଷ୍ଟାଣ୍ଡ ନିକଟରେ ମର୍ମନ୍ତୁଦସଡ଼କ ଦୁର୍ଘଟଣାରେ ଦୁଇ ଜଣ ମୋଟର ସାଇକେଲ ଆରୋହୀ ମଧ୍ୟରୁ ଘଟଣା ସ୍ଥଳରେ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ, ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବାସୂଚନା ମିଳିଛି। ମୃତ୍ୟୁ ହୋଇଥିବା ଯୁବକଙ୍କ ନାମ ସୁଧାଂଶୁ ଶେଖର ବାରିକ ଏବଂ ତାଙ୍କ ଘର ତୁରୁମୁଙ୍ଗା ଚିଲିଦା ଅଞ୍ଚଳରେ ବୋଲି ଜଣା ପଡ଼ିଛି। ଗୁରୁତର ଆହତ ହୋଇଥିବା ଯୁବକ ଗଭୀର ଭାବରେ କ୍ଷତାକ୍ତ ହୋଇ ଧରଣୀଧର ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ବେଳେ, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟଧିକ ଗମ୍ଭୀର ହେବା କାରଣରୁ ତାଙ୍କୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜାଣିବାକୁ ମିଳିଛି। ଘଟଣା କ୍ରମରେ ଗତ ରବିବାର ସନ୍ଧ୍ୟା ସମୟରେ କେନ୍ଦୁଝର ସହରର ଜିଲ୍ଲା କାରାଗାର ସନ୍ନିକଟ ତେଲକୋଇ ବସଷ୍ଟାଣ୍ଡ ନିକଟରେ ଡାଲା ଲାଗିଥିବା ଏକ ଟ୍ରାକ୍ଟର ସହିତ ମୋଟର ସାଇକେଲ ଆରୋହୀଙ୍କର ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ଟ୍ରାକ୍ଟର ଟ୍ରଲିର ଚକ ମୋଟର ସାଇକେଲ ଉପରେ ଚଢି ଯାଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ମଟରସାଇକେଲ ଆରୋହୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣକୁ ସଙ୍ଗେ ସଙ୍ଗେ ଧରଣୀଧର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସମ୍ପର୍କରେ କେନ୍ଦୁଝର ଟାଉନ ଥାନାରେ କେସ୍ ଦାୟର ହୋଇଛି। ଟାଉନ ଥାନା ପୋଲିସ ପକ୍ଷରୁ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ଜାଣିବା ପାଇଁ ମିଳିଛି। ବେପରୁଆ ଗାଡି ଚାଳନା ଏବଂ ପୋଲିସ ଓ ପରିବହନ ବିଭାଗର ନିଷ୍କ୍ରିୟତା କାରଣରୁ କେନ୍ଦୁଝର ସହର ଦୁର୍ଘଟଣାର ହବ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।




# ଖଣି ବିଭାଗ ଦ୍ୱାରା ୫ ହାଓ୍ୱା ଜବତ୍

ହାଟଡିହି: ୪/୫ ଅମୀୟ ବରାଳ - କେନ୍ଦୁଝର ଜିଲ୍ଲା ଖଣି ବିଭାଗ ଅଧିକାରୀ ମାନେ ହାଟଡିହି ତହସିଲ ଅନ୍ତର୍ଗତ ସମଣା ଗିରିଗାଁ ରାସ୍ତାରେ ୫ଟି ବେଆଇନ ଚୋରା ବାଲି ବୋଝେଇ ହାଓ୍ୱାଇ ପରିବହନ ହେଉଥିବା ବେଳେ ଜବତ୍ କରି ନନ୍ଦିପଦା ଥାନା ଜିମା ଦେଇଛନ୍ତି। ଗାଡ଼ି ଗୁଡ଼ିକର ଡ୍ରାଇଭର ଚତୁରତାର ସହିତ ଖସି ପଳେଇ ଯିବା ପରେ ନଦୀ ଘାଟରୁ ମେସିନ ମଧ୍ୟ ଲୁକ୍କାୟିତ ଭାବେ ରଖାଯାଇଛି।ଏହି ସବୁ ଜବତ ବାଲି ବୋଝେଇ ହାଓ୍ୱାଇ ଗାଡ଼ି ଗୁଡ଼ିକର ଆବଶ୍ୟକ କାଗଜପତ୍ର ନଥିବା ସହିତ , ବଲାଙ୍ଗିର ଜିଲ୍ଲାର ଟିପି ବ୍ୟବହାର କରି କେନ୍ଦୁଝର ଜିଲ୍ଲାରୁ ବିଭିନ୍ନ ନଦୀ ଶଯ୍ୟାରୁ ବାଲି ଚାଲାଣ କରୁଥିବା ଖଣି ବିଭାଗ ଜାଣିବାକୁ ପାଇଛି। ଗିରି ଗାଁ ବୈତରଣୀ ନଦୀ ବାଲି ଶଯ୍ୟା ସରକାରୀ ସୂତ୍ରରୁ କୌଣସି ଲିଜ ଦିଆଯାଇ ନଥିବା ବେଳେ କେତେକ ସ୍ଥାନୀୟ ଅଞ୍ଚଳର ଅସାଧୁ, କୁଜି ନେତାଙ୍କ ମର୍ଜିରେ ଦୈନିକ ଶହଶହ ବେଆଇନ୍ ବାଲି ଟ୍ରିପ ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଏହିଭଳି ହାଟଡିହି ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ଅନେକ ବାଲି ପଠାରୁ ବେଆଇନ ବାଲି ଚାଲାଣ କରୁଥିବା ବହୁବାର ଅଭିଯୋଗ ହେଉଛି। କେବଳ ଖଣି ବିଭାଗ ନାମକୁ ମାତ୍ର ଚଢାଉ କରୁଥିଲେ ବି ଗିରି ଗାଁ ଘାଟକୁ ଚଢାଉ କରିବାକୁ ଯିବା ସମୟରେ କେତେକ ଗାଡ଼ି ମାଲିକମାନେ ଖଣି ବିଭାଗ ଅଧିକାରୀଙ୍କ ଗତିବିଧିକୁ ନଜର ରଖି ବେଆଇନ ବାଲି ଘାଟକୁ ଫୋନ୍ କରି ସୂଚନା ଦେଉଥିବା ବେଳେ, ସେହିପରି ବାଲି ଗାଡ଼ି ଜବତ ସମୟରେ ଖଣି ଅଧିକାରୀଙ୍କୁ ଆଗକୁ ନ ଯିବା ପାଇଁ,ରାସ୍ତା ମଝିରେ ହାଓ୍ୱା ଆଡପକେଇ ରଖିଥିଲେ। ଏଣୁ ଆବଶ୍ୟକତା ଦୃଷ୍ଟିରୁ ପୋଲିସ୍ ଫୋର୍ସ ସହିତ ଖଣି ଅଧିକାରୀ ପକ୍ଷରୁ ଚଢାଉ ଜାରୀ ରହିବ ବୋଲି ଜିଲ୍ଲା ଖଣି ଅଧିକାରୀ ତାରିଣୀ କୁମାର ସିଂ କହିଛନ୍ତି।



## ଫାଶି ଲଗାଇ ବ୍ୟକ୍ତିଙ୍କ ଆତ୍ମହତ୍ୟା



ପାଟଣା:୦୪/୦୫(ଦିଲ୍ଲୀପ କୁମାର ସାହୁ)- ଘଟଗାଁ ଥାନା ଅଧୀନ ପାଟଣା ବ୍ଲକ ପଲାଣଘାଟି ପଞ୍ଚାୟତ କୁମୁଳାବାହାଲି ଗ୍ରାମର ବୁଧୁ ମୁଣ୍ଡା(୪୩) ନାମକ ଜଣେ ବ୍ୟକ୍ତି ଗତ ଶନିବାର ନିଜ ଘର ପଛପଟ ଥିବା ଏକ ଗଛରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି।ମୃତକ ବୁଧୁ ମୁଣ୍ଡା ପୂର୍ବରୁ ଦୁଇ ଦୁଇଟି ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଥାଇ ୧୦ ବର୍ଷରୁ ଅଧିକ ସମୟ ଜେଲରେ କାଟିବା ପରେ କିଛି ମାସ ହେଲା ଖଲାସ ହୋଇ ଘରେ ରହୁଥିଲେ । ତେବେ ସେ ଅବିବାହିତ ଥିଲେ ଓ ତାଙ୍କ ହାବ ଭାବରେ ସେ ମାନସିକ ଭାବେ ଚାପଗ୍ରସ୍ତ ଥିବା ଗ୍ରାମବାସୀ ଲକ୍ଷ କରୁଥିବା ବେଳେ, ସେ କାହାକୁ କିଛି କହୁ ନଥିଲେ। ଖବର ପାଇ ଘଟଗାଁ ଥାନା ଏଏସଆଇ ବ୍ୟାସଦେବ ମିର୍ଦ୍ଧା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗଛରୁ ମୃତ ଦେହ ଉଦ୍ଧାର କରି ଶବକୁ ପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ, ମର ଶରୀର ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ ହୋଇଛି।

## ବଡ଼ନୂଆଗାଁ-ପିଟାପିଟି ରାସ୍ତା ଶୋଚନୀୟ

ହରିଚନ୍ଦନପୁର, ୪/୫(ଶୂନ୍ୟରଞ୍ଜନ ଘଣା )ହରିଚନ୍ଦନପୁର ବ୍ଲକ୍ ଜାମୁଯୋଡ଼ି ପଞ୍ଚାୟତ ବଡ଼ନୂଆଗାଁରୁ ପିଟାପିଟି ଭାୟା ସଦାନନ୍ଦପୁର ମାଟିରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ବର୍ଷା ହେଲେ ପାଣି ଜମି କାଦୁଅ ପଚପଚ ହେଉଛି। ଏହି ରାସ୍ତାକୁ କଂକ୍ରିଟ କିମ୍ବା ପିଚୁରାସ୍ତାରେ ପରିଣତ କରିବାକୁ ଦାବି ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ଦୁଇ କିଲୋମିଟର ମାଟିରାସ୍ତାରେ ବର୍ଷାଦିନେ ଯାତାୟାତ କରିବା କଷ୍ଟକର ହେଉଛି। ଏଥିସହ ସଦାନନ୍ଦପୁର ଗ୍ରାମ ନିକଟରେ ବହି ଯାଇଥିବା କୁରେଇଁଯୋଡ଼ି ନାଳ ଉପରେ ନିର୍ମିତ ହ୍ୟୁମ୍ପାଇପ୍ ପୋଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ପକ୍କାରାସ୍ତା ନିର୍ମାଣ କରାଗଲେ ବଡ଼ନୂଆଗାଁ, ଜାମୁଯୋଡ଼ି ଗ୍ରାମବାସୀ ପିଟାପିଟି ଦେଇ କେନ୍ଦୁଝର ଯାତାୟାତ କରିପାରିବେ। ବଡ଼ନୂଆଗାଁରୁ ପିଟାପିଟି ଗ୍ରାମ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ପିଟାଟାଙ୍ଗର ସ୍କୁଲରେ ଶିକ୍ଷକ ମରୁଡ଼ି

ହରିଚନ୍ଦନପୁର, ୪/୫(ଶୂନ୍ୟରଞ୍ଜନ ଘଣା ) ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା ପଞ୍ଚାୟତ ପିଟାଟାଙ୍ଗର ଗାଁରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ ଓଏକ ନୂତନ ଅନୁଦାନପ୍ରାପ୍ତ ଉପ୍ରାସ୍କୁଲ।ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୬ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏଠାରେ ମାତ୍ର ଦୁଇଜଣ ଶିକ୍ଷୟିତ୍ରୀ ରହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଚଳିତ ମାସ ୩୧ ତାରିଖରେ ଅବସର ଗ୍ରହଣ କରିବେ ଗ୍ରୀଷ୍ମ ଛୁଟି ପରେ ୬ଟି ଶ୍ରେଣୀପାଇଁ ମାତ୍ର ଜଣେ ଶିକ୍ଷୟିତ୍ରୀ ରହିବେ ନୂତନ ଅନୁଦାନପ୍ରାପ୍ତ ଉପ୍ରା ସ୍କୁଲରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ସେ ଆସନ୍ତା ଜୁଲାଇ ମାସରେ ଅବସର ଗ୍ରହଣ କରିବେ। ଏଠାରେ ଶିକ୍ଷକ ନିଯୁକ୍ତି ନଦେଲେ ଅଗଷ୍ଟ ୧ ତାରିଖରୁ ସ୍କୁଲ ବନ୍ଦ ହୋଇଯିବାର ଆଶଙ୍କା ରହିଛି । ଏହି ଉପ୍ରା ସ୍କୁଲରେ ପିଟାଟାଙ୍ଗର ଗ୍ରାମ ସମେତ ଶଙ୍କରପୁର, ବାଲିପାଳ, ବାୟାପିଟା ଓ ସତ୍ୟପାଳ ଗାଁର ପିଲାମାନେ ପଢୁଥିଲେ। ପ୍ରଧାନଶିକ୍ଷକ ଆସନ୍ତା ଜୁଲାଇ ମାସରେ ଅବସର ଗ୍ରହଣ କରିବା ଜାଣିବା ପରେ ଅଭିଭାବକମାନେ ଚଳିତ ଶିକ୍ଷାବର୍ଷରେ ସପ୍ତମ ଶ୍ରେଣୀରେ ପଢ଼ିବାକୁ ଥିବା ୮ଜଣ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ନେଇ ପାଖ ସିଂହବିଲା ଉପ୍ରା ସ୍କୁଲରେ ନାମଲେଖାଇଛନ୍ତି । ଷଷ୍ଠ ଶ୍ରେଣୀରେ କୌଣସି ଛାତ୍ରଛାତ୍ରୀ ନାମଲେଖାଇ ନାହାନ୍ତି। ପିଟାଟାଙ୍ଗର ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡେସନ୍ କରି ଉପ୍ରା ସ୍କୁଲରେ ପରିଣତ କରିବା ସହ ଅଧିକ ଶିକ୍ଷକ ନିଯୁକ୍ତି ଦେବାପାଇଁ ହରିଚନ୍ଦନପୁର ବ୍ଲକ୍‌ରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ କୁ ଆସି ଅଭିଯୋଗ କରିଛନ୍ତି।




## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଂଶପାଳ,୪/୫(ଶୂନ୍ୟରଞ୍ଜନ ଘଣା )ବାଂଶପାଳ ବ୍ଲକ୍ ଉପରରାଇଗୋଡ଼ା ପଞ୍ଚାୟତ ଦୁଧପଶିଠାରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଡିଏଏସ୍‌ସି, ଦୁଧପଶି ଓ ଜେଜିଆଁକେ ଅଁରା ମଧ୍ୟ ଖେଳା ଯାଇଥିଲା। ଦୁଧପଶି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ରରରେ ୪ ୱିକେଟ୍ ହରାଇ ୭୩ ରନ୍ କରିଥିଲା । ଜବାବରେ ଅଁରା ଦଳ ୬୯ ରନ୍ କରିବାକୁ ସମର୍ଥ ହୋଇଥିଲା । ଦିବ୍ୟରଞ୍ଜନ ରଣା, ବିଶ୍ୱମ୍ଭର ମହାକୁଡ଼ ଖେଳ ପରିଚାଳନା କରିଥିଲେ। ଶାନ୍ତନୁ ଖୁଣ୍ଟିଆ, ସତ୍ୟମ ଖୁଣ୍ଟିଆ ଧାରାବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ତଥା ସମାଜସେବୀ ଗୋପୀନାଥ ରାମ୍, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ମହାକୁଡ଼, ତେଲକୋଇ ବିଧାୟକଙ୍କ ପ୍ରତିନିଧି ଉମାକାନ୍ତ ବାରିକ, ବିଜେପି ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା, ମଣ୍ଡଳ ସାଧାରଣ ସମ୍ପାଦକ, ଦେବାଶିଷ ବାରିକ, ଅଭିରାମ ପ୍ରଧାନ, ଉପସଭାପତି ଗୁରୁଚରଣ ମହାନ୍ତ, ଓବିସି ମୋର୍ଚ୍ଚା ସଭାପତି ସଦାନନ୍ଦ ବେହେରା, ସମାଜସେବୀ ଅକ୍ଷୟ ରାଡ଼ି, ଯୁବନେତା ରାଜେନ୍ଦ୍ର ଖୁଣ୍ଟିଆ, ଜୟଶ୍ରୀ ନାଏକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦୁଧପଶି ଓ ରନର୍ସଅପ୍ ଅଁରା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଦେବାଶିଷ ବାରିକ, ଘନଶ୍ୟାମ ବାରିକ, ମୋହନ ବାରିକ, ଟିକେଶ୍ୱର ବାରିକ, ବସନ୍ତ ମହାକୁଡ଼, ଭରତ ଚନ୍ଦ୍ର ବାରିକ, ଲିପୁନ ବାରିକ ସହଯୋଗ କରିଥିଲେ ।



## ହରିଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ହରିଚନ୍ଦନପୁର, ୪/୫(ଶୂନ୍ୟରଞ୍ଜନ ଘଣା ): ମାଟ୍ରିକ ପରୀକ୍ଷାରେ ହରିଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାସହାର ଶତ ପ୍ରତିଶତ ହୋଇଛି। ମୋଟ ୫୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ବି-୧ ଗ୍ରେଡ୍‌ରେ ୯ଜଣ, ବି-୨ ଗ୍ରେଡ୍‌ରେ ୧୬ଜଣ, ସି ଗ୍ରେଡ୍‌ରେ ୧୫ଜଣ, ଡି ଗ୍ରେଡ୍‌ରେ ୯ଜଣ ଏବଂ ଇ ଗ୍ରେଡ୍‌ରେ ଦୁଇଜଣ ପାସ୍ କରିଛନ୍ତି କ୍ଷ ଭଗାମୁଣ୍ଡା ସରକାରୀ ହାଇସ୍କୁଲର ୧୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨୦ଜଣ ପାସ୍ କରିଛନ୍ତି । ବି-୧ ଗ୍ରେଡ୍‌ରେ ଜଣେ, ବି-୨ ଗ୍ରେଡ୍‌ରେ ୯ଜଣ, ସି ଗ୍ରେଡ୍‌ରେ ୩୨ଜଣ, ଡି ଗ୍ରେଡ୍‌ରେ ୪୯ଜଣଏବଂ ଇ ଗ୍ରେଡ୍‌ରେ ୨୯ଜଣ ପାସ୍ କରିଛନ୍ତି। ହରିଚନ୍ଦନପୁର ହାଇସ୍କୁଲର ୧୪୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୦ଜଣ ପାସ୍ କରିଛନ୍ତି ।ଏ-୨ ଗ୍ରେଡ୍‌ରେ ୨ଜଣ, ବି -୧ ଗ୍ରେଡ୍‌ରେ ୭ଜଣ, ବି-୨ ଗ୍ରେଡ୍‌ରେ ୨୬ଜଣ, ସି ଗ୍ରେଡ୍‌ରେ ୪୭ଜଣ,ଡି ଗ୍ରେଡ୍‌ରେ ୩୫ଜଣ ଏବଂ ଇ ଗ୍ରେଡ୍‌ରେ ୨୩ଜଣ ପାସ୍ କରିଛନ୍ତି। ହରିଚନ୍ଦନପୁର ବାଳିକା ହାଇସ୍କୁଲର ୧୪୧ଜଣଙ୍କ ମଧ୍ୟରୁ ୧୩୮ଜଣ ପାସ୍ କରିଛନ୍ତି। ଏ-୨ ଗ୍ରେଡ୍‌ରେ ଦୁଇଜଣ, ବି-୧ ଗ୍ରେଡ୍‌ରେ ୮ଜଣ, ବି-୨ ଗ୍ରେଡ୍‌ରେ ୧୭ଜଣ, ସି ଗ୍ରେଡ୍‌ରେ ୬୦ଜଣ, ଡି ଗ୍ରେଡ୍‌ରେ୪୭ଜଣ ଏବଂ ଇ ଗ୍ରେଡ୍‌ରେ ୪ଜଣପାସ୍ କରିଛନ୍ତି ।

## ଦୁର୍ଘଟଣାଗ୍ରସ୍ତ ଯୁବକର ଚିକିତ୍ସାଧିନ ଅବସ୍ଥାରେ ମୃତ

କେନ୍ଦୁଝର:୦୪/୦୫(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୂଷାଖୋରୀ ପଞ୍ଚାୟତ ମଲ୍ଲିପଶିର ନୀଳମଣି ରଣା ଙ୍କ ସାନପୁଅ ସୁମନ (୨୦) ଗତ ଆଠଦିନ ତଳେ ଦୁର୍ଘଟଣାର ଶିକାର ହୋଇଥିଲେ । ସେ ସନ୍ଧ୍ୟାରେ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ପାଟଣା ଥାନା ସ୍ୱାମ ବାଇପାସ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରଲର ତାଙ୍କୁ ଧକ୍କା ଦେଇଥିଲା କ୍ଷ ଫଳରେ ତାଙ୍କ ଦୁଇଗୋଡ ଭାଙ୍ଗିଯିବା ସହିତ ଶାରୀରରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସା କରା ଯାଉଥିଲା । ତେବେ ଦିର୍ଘ ଆଠଦିନର ସଂଘର୍ଷ ପରେ ତାଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ଜଣେ ମେଳାପି, ପରୋପକାରୀ, ମିଷ୍ଟଭାଷୀ ସ୍ୱଭାବର ଯୁବକ ଥିଲେ କ୍ଷ ନିଜେ କିଛି ରୋଜଗାର କରିବା ଲକ୍ଷରେ ଡି ମାର୍ଟ ସପିଙ୍ଗ ମଲରେ କାର୍ଯ୍ୟ କରୁଥିଲେ କ୍ଷ ତାଙ୍କର ମୃତ୍ୟୁରେ ସମଗ୍ର ମଲ୍ଲିପଶି ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ସରପଞ୍ଚ ଭାମମଣି ଦାସ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।



# ରୋମାଞ୍ଚକ ମୁକାବିଲାରେ ପଞ୍ଜାବକୁ ପରାସ୍ତ କଲା ଗୁଜରାଟ



ଅହମଦାବାଦ, ୪/୫- ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୬ତମ ମୁକାବିଲା ରୋମାଞ୍ଚକର ହୋଇଛି । ବିଜୟ ପାଇଁ ଶେଷ ୨ଟି ବଲ୍‌ରେ ୩ ରନ୍ ଦରକାର ଥିବା ବେଳେ ୱାସିଂଟନ ସୁନ୍ଦର ୧୯ ଓଭରର ପଞ୍ଚମ ବଲ୍‌କୁ ଛକା ମାରି ଗୁଜରାଟକୁ ବିଜୟ ଦେଇଛନ୍ତି । ଗୁଜରାଟ ୧୯.୨ ଓଭରରେ ୬ଟି ୱିକେଟ ହରାଇ ୧୬୭ ରନ୍ ସଂଗ୍ରହ କରିଛି । ଫଳରେ ଏହି ମ୍ୟାଚକୁ ୪ୱିକେଟ୍‌ରେ ଜିତିଛି । ସାଇ ସୁଦର୍ଶନ ୨୩ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୪୦ ରନ୍ ସଂଗ୍ରହ କରିଛନ୍ତି । ଗୁଜରାଟ ୧୬୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଦଳକୁ ୧୬ ରନ୍‌ରେ ପ୍ରଥମ ଝଟକା ଲାଗିଥିଲା । ପଞ୍ଜାବର ପ୍ରଥମ ଶିକାର ହୋଇଥିଲେ ଅଧିନାୟକ ଶୁବମନ ଗିଲ୍ । ସେ ୪ଟି ବଲ୍‌ର ସାମ୍ନା କରିଥିଲେ ଏବଂ ଗୋଟିଏ ଚୌକା ସହାୟତାରେ ୫ ରନ୍ କରିଥିଲେ । ଗୁଜରାଟ ପାଇଁ ସାଇ ସୁଦର୍ଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୧ଟି ବଲ୍ ଖେଳି ୫୭ ରନ୍ ସଂଗ୍ରହ କରିଥିଲେ । ଏଥିରେ ୫ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା । ଜୋସ ପଟେଲର ୨୬ ରନ୍ ଏବଂ ନିଶାନ୍ତ ସିନ୍ଧୁ ୧୫ ରନ୍ କରିଥିଲେ । ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଟସ୍ ଜିଣି ଗୁଜରାଟ ସଫଳ ରଣନୀତି ପ୍ରସ୍ତୁତ କରି ପଞ୍ଜାବକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନଥିଲା । ପଞ୍ଜାବ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ ହରାଇ ୧୬୩ ରନ୍ କରିଥିଲା । ଗୁଜରାଟର ବୋଲିଂରେ ଜେସନ ହୋଲ୍ଡର ସର୍ବ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ସେ ୪ ଓଭର ବୋଲିଂ କରି ୨୪ ରନ୍ ଖର୍ଚ୍ଚ କରିଥିଲେ । ଅନ୍ୟପଟରେ ୪ଟି ୱିକେଟ ଅକ୍ତିଆର କରିଥିଲେ । ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ କାଗିସୋ ରାବା ?। ୨-୨ ୱିକେଟ୍ ନେଇଥିଲେ । ରସିଦ ଖାନ ଜଣେ ବ୍ୟାଟରଙ୍କୁ ପାଭିଲିଅନ ଫେରାଇ ଥିଲେ । ପଞ୍ଜାବର ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟ ଦେଖାଯାଇଛି । ଇନିଂସର ଦ୍ୱିତୟ ବଲ୍‌ରେ ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ତୃତୀୟ ବଲ୍‌ରେ କୋପର କନୋଲି ଆଉଟ୍ ହୋଇଥିଲେ । ସେହିପରି ପଞ୍ଜାବର ସ୍କୋର ୩୫ ରନ୍‌ରେ ପ୍ରଭସିମରନ ଏବଂ ୩୬ ରନ୍‌ରେ ନେହାଲ ୱାଧୀରା ଆଉଟ୍ ହୋଇଥିଲେ । ପରେ ପରେ ଶ୍ରେୟସ ଆୟର ଆଉଟ ହୋଇଥିଲେ । ସ୍କୋର ୪୭ ରନ୍ ବେଳକୁ ପଞ୍ଜାବ ୫ଟି ମୂଲ୍ୟବାନ ୱିକେଟ୍ ହରାଇ ସାରିଥିଲା । ପଞ୍ଜାବ ପାଇଁ ସୂର୍ଯ୍ୟାଂଶ ଶେଡଗେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୨୯ଟି ବଲ୍ ଖେଳି ୫୭ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ୫ଟି ଛକା ସାମିଲ ଥିଲା । ସେହିପରି ମାର୍କସ ଷ୍ଟୋଇନିସ ବ୍ୟକ୍ତିଗତ ଭାବେ ୪୦ ରନ୍ ସଂଗ୍ରହ କରିଥିଲେ । ସେ ୩୧ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ମାର୍କୋ ଜେସନ ୨୦ ରନ୍, ଅଧିନାୟକ ଶ୍ରେୟସ ଆୟର ୧୯ ରନ୍ ଏବଂ ପ୍ରଭସିମରନ ୧୫ ରନ୍ ସଂଗ୍ରହ କରିଥିଲା ବେଳେ ଅନ୍ୟ ବ୍ୟାଟରଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା ।

# ମୁମ୍ବାଇକୁ ୨୨୯ ରନ୍‌ର ବିଜୟ ଲକ୍ଷ୍ୟ ଦେଲା ଲକ୍ଷ୍ନୌ

ମୁମ୍ବାଇ: ୦୪/୦୫ ଛଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ଖେଳାଯାଇଛି । ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଛି । ଲକ୍ଷ୍ନୌର ଇନିଂସରେ ନିକୋଲାସ ପୁରନ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲ୍‌ରଗୋଟିଏ ଚୌକା ଏବଂ ୮ଟି ଛକା ମାରିଥିଲେ । ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ । ସେ ୪ଟି ଚେ ?କା ଏବଂ ୩ଟି ଛକା ମାରିଥିଲେ । ହିମ୍ମତ ସିଂହ ୩୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ଅପରାଜିତ ୪୦ ରନ୍ କରିଥିଲେ ।ଐଦେନ ମାର୍କରାମ ୨୫ଟି ବଲ୍ ର୍ରେଗୋଟିଏ ଚୌକା ଏବଂ ଗୋଟିଏ ଛକା ସହ ୩୧ ରନ୍ ସଂଗ୍ରହ କରିଥିଲେ । ଅଧିନାୟକ ଋଷବ୧୦ ବଳରେ ୧ ଚୌକ ଓ ୧ ଛକ ସହ ୧୫ ରନକରିଥିଲେ , ଏହି ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇକୁ ୨୨୯ ରନ୍‌ର ଲକ୍ଷ୍ୟ ମିଳିଛି । ମୁମ୍ବାଇ ଦଳ ୧୩ ଓଭରରେ ୧ ୱିକେଟ ହରାଇ ୧୭୨ ରନ କରିଥିବା ଜଣାଯାଇଛି ।





## ଧୋନିଙ୍କୁ ନେଇ ସିଏସ୍‌କେ ପ୍ରଶଂସକଙ୍କ ଉତ୍କଣ୍ଠା ଜାରି

ଚେନ୍ନାଇ, ୪/୫- ଚଳିତ ଆଇପିଏଲ୍ ଋତୁରେ ଅଧାରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଲାଣି । କିନ୍ତୁ ମହେନ୍ଦ୍ର ସିଂ ଧୋନିଙ୍କୁ ନେଇ ସିଏସ୍‌କେ ପ୍ରଶଂସକଙ୍କ ଉତ୍କଣ୍ଠା ଏବେ ବି ଶେଷ ହୋଇନାହିଁ । କାରଣ ସେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି । ଗୋଡ଼ ମାଂସପେଶୀ ସମସ୍ୟା ଯୋଗୁଁ ସେ ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ଖେଳିବେ ନାହିଁ ବୋଲି କୁହାଯାଇଥିଲା, କିନ୍ତୁ ଏହି ପ୍ରତୀକ୍ଷା ଦିନକୁ ଦିନ ବଢ଼ିଚାଲିଛି । ମଙ୍ଗଳବାର ଖେଳାଯିବାକୁ ଥିବା ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ମ୍ୟାଚ୍‌ରେ ଧୋନି ଖେଳିବା ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲେ ବି ପୁଣି ଥରେ ସେ ନିରାଶ କରିଛନ୍ତି । ସୂଚନା ଅନୁସାରେ ମାହି ସିଏସ୍‌କେ ଦଳ ସହ ଦିଲ୍ଲୀ ଅଭିମୁଖେ ଯାତ୍ରା କରିନାହାନ୍ତି । ଏଣୁ ଏହି ମ୍ୟାଚ୍‌ରେ ବି ସେ ଖେଳିବା ଆଶା କ୍ଷୀଣ । ସେ ଚେନ୍ନାଇରେ ରହି ଆହତାବସ୍ଥାରୁ ଆରୋଗ୍ୟ ହାସଲ କରୁଛନ୍ତି । ତେବେ ଧୋନିଙ୍କ ପ୍ରତ୍ୟାବର୍ତ୍ତନ ନେଇ ସିଏସ୍‌କେ ଏବେ ବି ଆଶାବାଦୀ ଅଛି । ଚଳିତ ଋତୁରେ ସିଏସ୍‌କେର ଆହୁରି ପାଞ୍ଚଟି ମ୍ୟାଚ୍ ବାକିଥିବାବେଳେ ଦଳର ଜଣେ ଅଧିକାରୀ କହିଛନ୍ତି ଯେ ଆଇପିଏଲ୍‌ର ଯେକୌଣସି ପର୍ଯ୍ୟାୟରେ ଧୋନି ପଡ଼ିଆକୁ ଫେରିପାରନ୍ତି । ଦିଲ୍ଲୀ ମ୍ୟାଚ୍ ପରେ ଚେନ୍ନାଇରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍‌କୁ ଭେଟିବ ସିଏସ୍‌କେ ।

# ରାଜ୍ୟ ଉପକନିଷ୍ଠ ବାଳକ ହକି: ଆର୍‌ଏସ୍ପି ବିଜେତା




ରାଉରକେଲା, ୪/୫- ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍ପି) ଚାମ୍ପିଅନ ହୋଇଛି । ଆର୍‌ଏସ୍ପି ୨-୦ ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି । ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲ୍‌ରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି । ରବିବାର ସନ୍ଧ୍ୟାରେ ଆର୍‌ଏସ୍ପି ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ କ୍ୱାର୍ଟର୍‌ରେ ଉଭୟ ଦଳର ଖେଳାଳି ଜୋର୍‌ଦାର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା । ତେବେ ୨୬ତମ ମିନିଟ୍‌ରେ ଆର୍‌ଏସ୍ପିକୁ ଏକ ପେନାଲ୍ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା । ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡ଼ା ନ କରି ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ । ୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ । ଶେଷ କ୍ୱାର୍ଟର୍‌ରେ ସୁନ୍ଦରଗଡ଼ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା । ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କି ମ୍ୟାଚ୍ ପରିଚାଳନା କରିଥିବାବେଳେ ଆୟୁଷ ସ', ଭୂଷଣ ଲୁଗୁନ ସହଯୋଗ କରିଥିଲେ । ସୁନ୍ଦରଗଡ଼ର ସନ୍ଦୀପ କେର୍କେଟା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଆର୍‌ଏସ୍ପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ଼) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡ୍‌ଫିଲ୍ଡର, ସୁମନ କିଣ୍ଡୋ (ଆର୍‌ଏସ୍ପି) ଶ୍ରେଷ୍ଠ ଫରୱାର୍ଡ୍, ଆଦିତ୍ୟ ଗୌଡ଼(ଆର୍‌ଏସ୍ପି) ଶ୍ରେଷ୍ଠ ଗୋଲ୍‌କିପରଭାବେ ପୁରସ୍କୃତ ହୋଇଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ଏସ୍ପିର ସିଜିଏମ୍ ଟି.ଜି. କାନେକର, ଏନ୍‌ଆଇଟିର ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚୌଧୁରୀ, ହକି ଓଡ଼ିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଗାଁ ସଫା ତ ଆମେ ସଫା' କାର୍ଯ୍ୟକ୍ରମ

## ଗୁରୁ ଭଗବାନ ସାହୁଙ୍କ ନାଟକ ଉପରେ ଆଲୋଚନା ଚକ୍ର

ସମ୍ବଲପୁର ୪/୦୫(ଅକ୍ଷର ଓଡିଶା) ପଦ୍ମପୁର ବ୍ଲକ୍ ଅଧୀନ ବୁବୁଡା ଗ୍ରାମରେ ''ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ'' ପକ୍ଷରୁ ''ଗାଁ ସଫା ତ ଆମେ ସଫା'' ଶୀର୍ଷକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ଆବାହକ ଓ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ମେହେର ବିଦେଶରେ ରହୁଥିବା ସତ୍ତ୍ୱେ ଗ୍ରାମର ଯୁବକମାନଙ୍କୁ ସଫେଇ କାର୍ଯ୍ୟରେ ସକ୍ରିୟ ଭାଗନେବା ପାଇଁ ଆହ୍ୱାନ ଜଣାଇଥିଲେ । ତାଙ୍କର ଏହି ଆହ୍ୱାନକୁ ସ୍ୱୀକାର କରି ଗ୍ରାମର ମହିଳମାନେ ଓ ଯୁବ ଗୋଷ୍ଠୀ ବ୍ୟାପକ ଭାବରେ ଯୋଗଦାନ କରିଥିଲେ ।ଆଶାକର୍ମୀ ବୈଜୟନ୍ତୀ ତନସନାଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଗଦାନ କରି ଗ୍ରାମର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ । ସେହିପରି ପ୍ରକାଶ ବୁଡେକଙ୍କ ନେତୃତ୍ୱରେ ଯୁବକମାନେ ସକ୍ରିୟ ଭାବେ ଯୋଗଦେଇ ସଫେଇ କାମ ସହ ଅନ୍ୟାନ୍ୟ କାର୍ଯ୍ୟ ମଧ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁରେନ୍ଦ୍ର ମେହେରଙ୍କ ସଂଯୋଜନାରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମଞ୍ଚ କଳାକାର ସହଦେବ ସାହୁ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବୟିତ୍ରୀ ସ୍ୱର୍ଣ୍ଣକାନ୍ତୀ ପତି ଗୁରୁ ଭଗବାନ ସାହୁଙ୍କ ନାଟକରେ ଦେଶଭକ୍ତିର ପ୍ରସଙ୍ଗ ଉପରେ ଗଭୀର ଆଲୋଚନା କରିଥିଲେ ।ଏହି ଅବସରରେ ଗ୍ରାମର ଗୌନ୍ତିଆ ଡିଲେ ବରିହା, ସମାଜସେବୀ ଟୁନୁ ବେହେରା, ପରମେଶ୍ୱର ଦାଶ, ଝାଙ୍କର କ୍ଷୀରନ୍ଧର ବରିହା, ଦିନ ବୁଡେକ ଆଦି ଅତିଥିମାନେ ଯୋଗଦେଇ ଆଲୋଚନାକୁ ସମୃଦ୍ଧ କରିଥିଲେ । ଗୋଲ୍ ଶଟ୍ ବଲ୍ କ୍ରୀଡାରେ ସ୍ୱର୍ଣ୍ଣ ପଦକ ବିଜେତା କୁଡାସିଂହା ଗ୍ରାମର ରାଜ୍ ମେହେର ଓ ପରୀ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ଏକ କୁନି ଝିଅ ଶୁଭଶ୍ରୀ ସୁନା ସଚେତନତାମୂଳକ ଗୀତରେ ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ ।




# ଷ୍ଟୁଆର୍ଟ ସ୍କୁଲର ହର୍ଷିଲ ଅଗର୍ବାଲ ୩ୟ ଟପର



କଟକ, ୪/୫(ଅକ୍ଷର ଓଡିଶା) ଷ୍ଟୁଆର୍ଟ ସ୍କୁଲର ଛାତ୍ର ହର୍ଷିଲ ଅଗର୍ବାଲ ୯୮.୭% ଅଙ୍କରେ ରହି ୩ୟ ଟପର ହୋଇଛନ୍ତି । କଟକର ଷ୍ଟୁଆର୍ଟ ସ୍କୁଲ ପାଇଁ ଗର୍ବର ଏକ ମୁହୂର୍ତ୍ତ ସାକାର କରିଛନ୍ତି ।କ୍ଲାସ ୧୨ର ଛାତ୍ର ହର୍ଷିଲ ଅଗର୍ବାଲ । ସାମ୍ପ୍ରତିକ ଘୋଷଣା ହୋଇଥିବା ବୋର୍ଡ ପରୀକ୍ଷାରେ ସେ ୯୮.୭% ଅଙ୍କ ଆଣି ସ୍କୁଲରୁ ୩ୟ ଟପର ଭାବେ ଚିହ୍ନିତ ହୋଇଛନ୍ତି । ହର୍ଷିଲଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ ତାଙ୍କର ଅଟଳ ନିବେଦନ ଓ ଶିକ୍ଷାଗତ ଶ୍ରେଷ୍ଠତାକୁ ପ୍ରତିଫଳିତ କରୁଛି । ''ଏହି ଫଳାଫଳ ହର୍ଷିଲଙ୍କ କଠିନ ଶ୍ରମ ଓ ଷ୍ଟୁଆର୍ଟ୍ ସ୍କୁଲର ସମର୍ଥନ ମୂଳକ ପରିବେଶର ପ୍ରମାଣ,'' ଏମିତି କହି ପ୍ରିନ୍ସିପାଲ୍ ମାର୍ଟିନା ଯୁବ ଅଭିନେତାଙ୍କୁ ଅଭିନନ୍ଦନ କରିଛନ୍ତି ।ଏହି ଅଙ୍କ ସହିତ ହର୍ଷିଲ ସ୍କୁଲର ଟପରଙ୍କ ଶ୍ରେଣୀରେ ଯୋଗ ଦେଇ ସହପାଠୀ ଓ କନିଷ୍ଠମାନଙ୍କୁ ପ୍ରେରଣା ଦେଉଛନ୍ତି ।ହର୍ଷିଲଙ୍କ ଯାତ୍ରାକୁ ଆହୁରି ଅସାଧାରଣ କରୁଛି କୋଭିଡ-୧୯ ମହାମାରୀ ସମୟରେ ତାଙ୍କର ଆଗୁଆ ଚେତନା । ବିଶ୍ୱବ୍ୟାପୀ ସ୍ୱୀକୃତି ପାଇଥିବା ଏହି କୃତିବାଚ୍ୟମାନେ ଚାପ ଅଧୀନରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନର କ୍ଷମତାକୁ ଉଜାଗର କରୁଛି । ହର୍ଷିଲ ଭବିଷ୍ୟତରେ ଡାକ୍ତର ହେବାକୁ ଆକାଂକ୍ଷା ରଖିଛନ୍ତି । ତାଙ୍କ ପରିବାର,ଶିକ୍ଷକ ଓ ପ୍ରତିବନ୍ଧୀଙ୍କୁ ସଫଳତାର ଶ୍ରେୟ ଦେଉଛନ୍ତି ।ଷ୍ଟୁଆର୍ଟ ସ୍କୁଲ ଏଭଳି ପ୍ରତିଭାଙ୍କୁ ପୋଷଣ କରୁଛି, ଏବଂ ଏହି ବର୍ଷର ଫଳାଫଳ ସମ୍ପୂର୍ଣ୍ଣ ଶିକ୍ଷାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ଯୁବ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ଅନୁଗୋଳ, ୦୪/୦୫ (ଅକ୍ଷର ଓଡିଶା )ଓଡିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ୧୨ଟି ଜିଲ୍ଲା ପାଇଁ ଜିଲ୍ଲା ଯୁବ କଂଗ୍ରେସ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷିତରେ ଅନୁଗୁଳ ଜିଲ୍ଲା ଯୁବ କଂଗ୍ରେସ କମିଟିର ସଭାପତି ଭାବେ ପୁନର୍ବାର ବିଶ୍ୱରଜନ ପାଣିଗ୍ରାହୀ (ଲୁଲୁ) ଙ୍କୁ ନିଯୁକ୍ତ କରାଯାଇଛି ।ବିଶ୍ୱରଜନ ପାଣିଗ୍ରାହୀ ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ସଫଳତାର ସହ କାର୍ଯ୍ୟନିର୍ବାହ କରିଥିବା ସହିତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବେ ମଧ ନିର୍ବାଚିତ ହୋଇଥିଲେ । ତାଙ୍କର କାର୍ଯ୍ୟଦକ୍ଷତା ଓ ସଂଗଠନାତ୍ମକ କୌଶଳକୁ ମନେରଖି ପୁନର୍ବାର ତାଙ୍କ ଉପରେ ଦଳ ଆସ୍ଥା ବ୍ୟକ୍ତ କରିଛି ।ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାଶ, ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ବର୍ତ୍ତମାନ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ବଳବୀର ସିଂଙ୍କୁ ମଧ ସେ ତାଙ୍କର ଆଭାର ଜଣାଇଛନ୍ତି ।ବିଶ୍ୱରଜନ ପାଣିଗ୍ରାହୀ କହିଛନ୍ତି ଯେ, ଆଗାମୀ ଦିନରେ ଯୁବ କଂଗ୍ରେସର ସଂଗଠନକୁ ଆହୁରି ମଜବୁତ କରି ଜିଲ୍ଲାର ଯୁବମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସକ୍ରିୟ ଭାବେ କାମ କରାଯିବ ।

# ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ମୀ ବସରେ ଯିବା ପାଇଁ ଜିଲ୍ଲାପାଳଙ୍କ ସୁପାରିଶ



କଳାହାଣ୍ଡି, ୪/୫( ଟଙ୍କଧର ବିହାରୀ) ସୋମବାର ଦିନ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା, ଏହି ଅବସରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା ବେଳେ କଳାହାଣ୍ଡି ଜିଲ୍ଲା ଏସପି, ଡେପୁଟି କଲେକ୍ଟର ଲମ୍ବୁଧର ନାଇକ,ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରକ୍ଷା ଅଗ୍ରୱାଲା ଓ ବିଭିନ୍ନ ବିଭାଗର ଅଫିସର ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଗୋଲାମୁଣ୍ଡା ବ୍ଲକର ଆଦର୍ଶ ବିଦ୍ୟାଳୟ ଓ କଲେଜର ପ୍ରାୟ ଅଧିକାଂଶ ଛାତ୍ରଛାତ୍ରୀ ସକାଳ ସମୟରେ ଲକ୍ଷ୍ମୀ ବସରେ ଯାଇ ଥାନ୍ତି, ସେହି ଲକ୍ଷ୍ମୀ ବସ ଅପରାହ୍ନ ଏକଟା ତିରିଶ ମିନିଟ ସମୟରେ ଗୋଲାମୁଣ୍ଡାରୁ ଫେରି ଆସିଥାଏ, ଏହା ଫଳରେ ଛାତ୍ରଛାତ୍ରୀମାନେ ଲକ୍ଷ୍ମୀ ବସ ନ ପାଇ ଅନେକ ପ୍ରକାର ଅସୁବିଧା ଦେଖାଦିଥାଏ ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା, ଏହି ଅବସରରେ ଗୋଲାମୁଣ୍ଡା ବ୍ଲକ ଡ଼ମ୍ବସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତିଙ୍କ ନେତୃତ୍ୱରେ ଓ ଅଭିଭାବକ ସମେତ ଲକ୍ଷ୍ମୀ ବସ ଏକଟା ତିରିଶ ମିନିଟ ପରିବର୍ତ୍ତେ ଅପରାହ୍ନ ଚାରିଟା ତିରିଶ ମିନିଟରେ ଫେରିଲେ ଛାତ୍ର ଛାତ୍ରୀ ମାନେ ସୁରୁଖୁରୁରେ ଦୈନିକ ଯିବା ଆସିବା କରିବା ସହ ଶିକ୍ଷାଦାନରେ ଉପକୃତ ହୋଇ ପାରିବେ ବୋଲି କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜଣାଇଥିଲେ, ଏହି ଆପତ୍ତିକୁ ଚିଚିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ମଦନ ପଟେଲ ଟେମରି ସରପଞ୍ଚ ଲକ୍ଷ୍ମୀ ସା, ଦଶପୁର ସରପଞ୍ଚ ରଂଜନ କୁମାର ସାହୁ, ଫରଙ୍ଗ ସରପଞ୍ଚ ହିରାବତି ଭୋଇ, ଫୁଣ୍ଡା ସରପଞ୍ଚ ଧନୁଜ୍ୟ ସାହୁ ପ୍ରମୁଖ ସମର୍ଥନ କରି ଥିବା ବେଳେ ଅଭିଭାବକ କେଶରୀ ସୁନାନୀ, କୁନୁ ନାଇକ,ଓ ଡ଼ମ୍ବ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି ଜିଲ୍ଲାପାଳଙ୍କୁ ଜଣାଇବାରୁ ଜିଲ୍ଲାପାଳ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । OSRTC ଗିରିଧାରୀ ବାଗ ଆଗାମି ଦିନରେ ନିଶ୍ଚୟ ଲକ୍ଷ୍ମୀ ବସରେ ଛାତ୍ରଛାତ୍ରୀ ଦୈନିକ ଯାଇ ପାରିବେ ବୋଲି ଜିଲ୍ଲାପାଳଙ୍କ ଆଦେଶକୁ ପାଳନ କରିଥିଲେ ।

# ନୂଆପାଟଣାରେ ଡିଜେ ବ୍ୟାନ

ଆଠଗଡ଼,୪/୫(ଅକ୍ଷର ଓଡ଼ିଶା) ତିଗିରିଆ ବ୍ଲକ ନୂଆପାଟଣାରେ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ହେଲା ଡିଜେ ।ବିକଟାଳ ଓ ଛାତିଥରା ଶବ୍ଦରୁ ତ୍ରାହି ମିଳିବ ।ନୂଆପାଟଣା ଦେଶ ଓ ଚାରିବଜାରର ନିଷ୍ପତ୍ତି କ୍ରମେ ଡିଜେକୁ ବିବାହ,ବ୍ରତଘର,ଭସାଣ ଉତ୍ସବ ଓ ଶୋଭାଯାତ୍ରାରେ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯାଇଛି ।ସୂଚନା ଯୋଗ୍ୟ ଯେ, ଗତ ବର୍ଷ ଡିଜେ ସାଉଣ୍ଡ ଯୋଗୁଁ ନୂଆପାଟଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା ।

# କଣିହାଁ କୋଇଲା କ୍ଷେତ୍ରରେ 'ଆଳାପ ସଂଳାପ' ପୁସ୍ତକ ଉନ୍ମୋଚନ



ଅନୁଗୋଳ ୦୪/୦୫ ( ଅଜିତ୍ କୁମାର ଭୋଇ)ଅନୁଗୋଳ କଣିହାଁ କୋଇଲା କ୍ଷେତ୍ର ସଭାଘରେ ବିଶିଷ୍ଟ ସାହିତ୍ୟିକ ଡ଼ଃ ପ୍ରସନ୍ନ କୁମାର ବରାଳଙ୍କ ରଚିତ ପୁସ୍ତକ ''ଆଳାପ ସଂଳାପ'' ର ଶୁଭ ଉନ୍ମୋଚନ ଉତ୍ସବ ଗମ୍ଭୀର ଓ ସାହିତ୍ୟମୟ ପରିବେଶରେ ରବିବାର ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ଆୟୋଜିତ ଏହି କାର୍ୟକ୍ରମରେ କୋଇଲା କ୍ଷେତ୍ର ଉପ ପ୍ରବନ୍ଧକ ଦିନେଶ ମାଳି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଇଂ. ଧନେଶ୍ୱର ସାହୁ, ଗାଳ୍ପିକ ଓ ପି.ଏମ୍. ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧି ପ୍ରସାଦ ସାହୁ ଓ ଆଇନଜୀବି ତଥା ଢେଙ୍କାନାଳ ସାଂସଦ ଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ ଗାଳ୍ପିକ ଶିକ୍ଷାବିତି ଶ୍ରୀକାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଗାଳ୍ପିକ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ପୁସ୍ତକରେ ଓଡ଼ିଶାର ୨୪ ଜଣ ଦିପ୍ତିମାନ ମହାପୁରୁଷଙ୍କ ଜୀବନୀ ସମ୍ମିଳିତ ହୋଇଥିବାରୁ ଏହା ଓଡ଼ିଆ ସାହିତ୍ୟରେ ଏକ ଦିଗବାରେଣୀ ସୃଷ୍ଟି କରିବ ।ଲେଖକ ଡ଼ଃ ବରାଳ ତାଙ୍କ ଉଦ୍‌ବୋଧନରେ ପୁସ୍ତକ ପ୍ରକାଶନର ଉଦ୍ଦେଶ୍ୟ ବ୍ୟକ୍ତ କରି କହିଥିଲେକବି ଓ ଲେଖକମାନେ ଲେଖାରେ ସବୁ କଥା କହିପାରନ୍ତି ନାହିଁଟ ମନରେ ଥିବା ଅକୁହା ଅନୁଭୂତି ସାକ୍ଷାତକାର ମାଧ୍ୟମରେ ମୁକ୍ତ ହୋଇଥାଏ, ଏବଂ ସେହି ଅଭିବ୍ୟକ୍ତିର ସଂଗ୍ରହ ହେଉଛି ''ଆଳାପ ସଂଳାପ'' ।ଏହି ଅବସରରେ ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର,କଷ୍ଟୁ ଚରଣ ସାମଲ ଅଲେଖ ଭୂତିଆ, ଟୁନା ସାହୁ, ହିମାଂଶୁ ଶେଖର ସାହୁ, ପ୍ରତିବିମ୍ବର ଇ ମାଗାଜିନର ପ୍ରତିଷ୍ଠାତା ସତ୍ୟାନନ୍ଦ ପ୍ରଧାନ,ମହେଶ୍ୱର ନାଏକଙ୍କ ସମେତ ଖଣି କର୍ମଚାରୀ ଅଜୟ କୁମାର ସାହୁ, ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବାଲ୍ୟବିବାହକୁ ରୋକିଲା ଚାଇଲ୍ଡ ହେଲ୍‌ପ ଲାଇନ



ପାରଳାଖେମୁଣ୍ଡି, ୦୪/୦୫ (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ଚାଇଲଡ଼ ହେଲ୍‌ପ ଲାଇନକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ଆସିଲା ଗୁମ୍ମା ବ୍ଲକ ପରିଡା ଗ୍ରାମପଞ୍ଚାୟତର ଗୋଟିଏ ବାଲ୍ୟ ବିବାହ ହେବାକୁ ଯାଉଅଛି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗୁମ୍ମା ବ୍ଲକର ସିଡିପିଓ, ଡିସିପିୟୁର ସଦସ୍ୟ ଚାଇଲଡ଼ ହେଲ୍‌ପ ଲାଇନର କେଶ ୱର୍କର, ସଖୀ କେନ୍ଦ୍ରର ସଦସ୍ୟା, ଆଭା ଏନଜିଓ ସଦସ୍ୟା, ସେରଙ୍ଗ ଥାନା ଅଧିନରେ ଥିବା ଗାଇବା ଫାଣ୍ଡିର ପୋଲିସଙ୍କ ସହ ମିଶି ଉକ୍ତ ବିବାହ ହୋଉଥିବା ସ୍ଥାନରେ ପହଁଞ୍ଚିଲେ । ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲୁ ଯେ ବିବାହ କାର୍ଯ୍ୟ ସମ୍ପନ୍ନ କରିବାକୁ ଆସିଥିବା ପୁରହିତ ଝିଅର ବିବାହର ପ୍ରକୃତ ବୟସ ହୋଇନି ବୋଲି ଜାଣି ବିବାହ ନକରି ବିବାହ ମଣ୍ଡପରୁ ଟିମ ଆସିବା ପୂର୍ବରୁ ପଳାୟନ କରିଥିଲେ । ସେଠାରେ ସମ୍ପୃକ୍ତ ଟିମ ପହଞ୍ଚି ବାଲ୍ୟ ବିବାହର ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ଜଣାଇଥିଲେ ଝିଅଟିର ବୟସ ୧୭ ବର୍ଷ ୯ମାସ ହୋଇଥିବାରୁ ଝିଅଟିକୁ ବିବାହ ସ୍ଥାନରୁ ଉଦ୍ଧାର କରି ଶିଶୁ କଲ୍ୟଣ ସମିତି ଗଜପତିରେ ଉପସ୍ଥାପନ କରାଯାଇଥିଲା ଶିଶୁ କଲ୍ୟାଣ ସମିତି ଶିଶୁ ଓ ତାଙ୍କ ପରିବାର ସଦସ୍ୟ ଠାରୁ ସମସ୍ତ ବିଷୟ ପଚାରି ବୁଝି ଥିଲେ । ପରେ ଶିଶୁ ଓ ତାଙ୍କ ପିତାମାତାଙ୍କୁ ବାଲ୍ୟ ବିବାହ ଏକ ଅପରାଧ ବିଷୟରେ ବୁଝାଇଥିଲେ । ପରିବାର ସଦସ୍ୟ ଏ ବିଷୟରେ ବୁଝିବା ପରେ ପରିବାର ଶିଶୁର ୧୮ ବର୍ଷ ପୂର୍ବରୁ ବିବାହ ଦେବେ ନାହି ବୋଲି ଲିଖିତ ଭାବରେ ଜଣାଇବା ପରେ ଶିଶୁଙ୍କୁ ତାଙ୍କର ମାତାଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ନବରଙ୍ଗପୁରରେ ଜନ ଅଭିଯୋଗ ଶୁଣାଣି: ୪ଟିର ତତକ୍ଷଣାତ ସମାଧାନ



ନବରଙ୍ଗପୁର ୪/୫(ଅକ୍ଷର ଓଡିଶା ) ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପରିଷଦର ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ସହିତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୩୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ, ସେଥିରୁ ୨୬ଟି ବ୍ୟକ୍ତିଗତ ଓ ୫ଟି ସାମୁହିକ/ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଥିଲା । ମଧ୍ୟରୁ ୪ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିବା ସୂଚନା ମିଳିଛି ।ଏହା ସହିତ ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦୁଇଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା । ଶୁଣାଣିରେ ଆସିଥିବା ଅଭିଯୋଗଗୁଡ଼ିକ ମୁଖ୍ୟତଃ ଚିକିତ୍ସା ସହାୟତା, ପାନୀୟ ଜଳ ସମସ୍ୟା, ରାସ୍ତା ନିର୍ମାଣ, ଜମି ବିବାଦ, ନାଳ ମରାମତି, ଭତ୍ତା ଓ ବାସଗୃହ ସମ୍ପର୍କିତ ଥିଲା ।ଜିଲ୍ଲାପାଳ ଏହି ସମସ୍ତ ଅଭିଯୋଗକୁ ଗୁରୁତ୍ୱ ସହ କ୍ଷେତ୍ରସ୍ତରରେ ସତ୍ୱର ସମାଧାନ କରିବା ପାଇଁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିକାଶର ବାର୍ତ୍ତା ନେଇ ଦୁଇ ଦିନିଆ ଢେଙ୍କାନାଳ ଗସ୍ତରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର





















ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera